କଳ୍ପନା କୁମାରୀ ଦେବୀଙ୍କର

0/397




ପ୍ରକାଶକ

ପ୍ରାଣକୃଷ୍ଣ ଦାସ

ଭାରତୀ [illegible]

୫ଏ, ନୂର ମହମ୍ମଦ ଲେନ୍

କଲିକତା-୯

ପ୍ରଚ୍ଛଦ ଶିଳ୍ପୀ

ଅସୀମ ବସୁ

ମୁଦ୍ରଣ

କଳିଙ୍ଗ ମୁଦ୍ରଣୀ

୫ଏ, ନୂରମହମ୍ମଦ ଲେନ୍

କଲିକତା-୯

ଅମ୍ଭ ପ୍ରକାଶ

ବିଜୟା ଦଶମୀ

୧୯୫୯

ଟ ୨-୭୫ ନୂ:ପ:

# ଶଶୀ ହାତରେ......

0/397

ଏହି ଲେଖିକାଙ୍କର ଲେଖା—

ସୃଷ୍ଟି ଓ ପ୍ରଳୟ

ବନ କେତକୀ

ନଷ୍ଟଛନ୍ଦ

ଘରି

ଢେଉ

ନଂ 0/397

# ଗନ୍ଧ-ଗୌରୀ

ପଉଷର ଧୂସର ଆକାଶରେ ଚନ୍ଦ୍ର ଉଠିଥିଲା । ବଗିଚାର ସବୁଜ ଗଛ ପତ୍ର ଉପରେ ମଳିନ ଚନ୍ଦ୍ରାଲୋକ ଧୀରେ ଧୀରେ ଝରି ପଡୁଥିଲା ।

ଜ୍ୟୋସ୍ନାର ସେଇ ନିସ୍ତବ୍ଧତା ଭିତରେ ନିବିଷ୍ଟ ହୋଇ କଣ ଭାବୁଥିଲା ପଦ୍ମନ୍ । ହଠାତ୍ ତା'ର କାନ ପାଖରେ ଝଙ୍କାର ହୋଇ ନିର୍ମ୍ମଳ କଣ୍ଠ ଉଠିଲା—

ରଜତ ରଜନୀ ।

ବାସ୍ତବିକ୍ ରଜତ ରଜନୀ । ମାତ୍ର ମଳିନ ନିସ୍ତବ୍ଧ । କଣ ଭାବି ଦୂରକୁ ଚାହିଁଲା ପଦ୍ମନ୍ । ଶେଷ ରଜନୀର ନିସ୍ତବ୍ଧ ଦୀପ ଶିଖା ପରି ଦୂର ଆକାଶରେ ଏକାଦଶୀ ଚନ୍ଦ୍ରର ଶ୍ରୀହୀନ ରୂପ । ଏଇ ଚନ୍ଦ୍ର ଦୁଇତି ଦିନେ ଅଶ୍ବିନର ନିର୍ମେଘ ଆକାଶ ତଳେ ଲକ୍ଷେ ଚନ୍ଦ୍ର ଉଦୟର ରୂପ ନେଇ ହସି ଉଠିଥିଲା । କିନ୍ତୁ ଆଜି ତାହା ନାହିଁ । କେତୋଟି ଦିନର ବ୍ୟବଧାନ ମାତ୍ର । ପଉଷର ନିର୍ମ୍ମମ କୁହୁଡ଼ି ତଳେ ରୂପ ତାର ଆତ୍ମହତ୍ୟା କରିଛି ।

ନିର୍ମ୍ମଳ ହସି ହସି ଆରମ୍ଭ କଲା—

ପୁଣି ଆଜ ସାଙ୍ଗୀର ଗପ ଏ । ଏଇ ମଦର ଗନ୍ଧର

ମାଦକତାରେ ବିଭୋର ହୋଇ ଶ୍ରେଷ୍ଠ କବି ଓମର ଖୈୟାମ ଅତି ସୁନ୍ଦର ଭାବରେ ନିଜର ମନକଥା ତାଙ୍କର ସାକୀକି କହି ଯାଇ ଥିଲେ ।

ତାର ଉଦ୍ଧୃତାକୁ କାଟି ଉଠି ଠିଆ ହେଲା ଯତୀନ୍ଦ୍ର । ନିର୍ମଳ ତାର କାନ୍ଧ ଉପରେ ମୃଦୁଚାପ ଦେଇ କହିଲା—

ବସ ବନ୍ଧୁ ! ସୁନ୍ଦର ସୃଷ୍ଟି, ଗୋଲାପର ସୌରଭ ତରୁଣ ପ୍ରାଣ ପୁଣି ଓମର ଖୈୟାମୀ କବିତା……

ବେଞ୍ଚଟା ଉପରେ ବସିପଡ଼ି ଏକ ଗଭୀର ଦୀର୍ଘଶ୍ୱାସ ଛାଡ଼ିଲା ଯତୀନ୍ଦ୍ର । ରହି ରହି କହିଲା—

ସାଥୀହରାର ଜୀବନରେ ପୁଣି ଓମର ଖୈୟାମୀ କବିତା…

କହି କହି ପକେଟରୁ ପେଣ୍ଡାଏ ଗନ୍ଧଗୌରୀ ଫୁଲ କାଢ଼ି ବେଞ୍ଚ ଉପରେ ରଖିଲା ଯତୀନ୍ଦ୍ର । ହୋ ହୋ ହୋଇ ହସି ଉଠିଲା ନିର୍ମଳ ତା'ର ଭାବ ପ୍ରବଣତା ଲକ୍ଷ୍ୟକରି ।

ନିହାତି ଗୋଟାଏ ବୋଗସ୍ ! ଗନ୍ଧଭରା ଗୋଲାପର ଆସର ଭିତରେ ପୁଣି ଗନ୍ଧ ହୀନା ଗନ୍ଧଗୌରୀର ସମାବେଶ । ଚମତ୍କାର… କଣ ଯେ ତୁ ଯତି, କ'ଣ ଯେ ତୋର ରୁଚି……

ନରମ ସ୍ୱରରେ ଯତୀନ୍ଦ୍ର କହିଲା—

ଗୋଲାପର ପରିବେଶ ଭିତରେ ଗନ୍ଧଗୌରୀର ସମାବେଶ ବାସ୍ତବରେ ଏକ ହାସ୍ୟ କର ସମସ୍ୟା ହେଲେହେଁ ତେବେ ମୋର କଥା ଶୁଣିବାକୁ ହେବ ନିର୍ମଳ ! ଗୋଲାପ ଯେଉଁ ସ୍ରଷ୍ଟାଙ୍କର ସୃଷ୍ଟି ଗନ୍ଧଗୌରୀ ମଧ୍ୟ ସେଇ ସ୍ରଷ୍ଟାଙ୍କର ସୃଷ୍ଟି ।

ହେଲେ ମଧ୍ୟ ଏଇ ଶୁଭ୍ର ଜ୍ୟୋତ୍ସ୍ନା ବିଭୋର ରଜନୀରେ ଗୋଲାପର ପ୍ରୟୋଜନ ବେଶୀ ଯତି !

ସତ କହିଚୁ । କିନ୍ତୁ ରଜନୀର ଶୁଭ୍ରତା କାହିଁ ? ଦିନେ

ହୁଏତ ତାହା ଥିଲା । କିନ୍ତୁ ଆଜି ପଉଷର ଏଇ ଧୂସର କୁହୁଡ଼ି ତଳେ ସେ ଶୁଭ୍ରତା ଆତ୍ମ ଗୋପନ କରିଛି । କେବଳ ରହିଛି ଗୋଟାଏ ମଳିନ ନିଷ୍ପ୍ରଭତା । ସୁନ୍ଦରୀ ଗୋଲାପ ସମ୍ଭୂତ ରୂପ ଗନ୍ଧହୀନା ଗନ୍ଧଗୌରୀର ତୁଳନା ହେଇ ପାରେନି ନିର୍ମଳ !

ନିର୍ମଳକୁ କେଜାଣି କାହିଁକି ସବୁ ସୁନ୍ଦର ଦିଶୁଥିଲା । ଯତୀନ୍ଦ୍ର ତା'ର ମନକଥା ବୁଝି ପାରିଲା ଦେଖି ଫୁଲ ବଗିଚାର ସେଇ ବେଞ୍ଚଟା ଉପରେ ନାଚି ଉଠି ସେ କହିଲା, ବାସ୍ତବିକ ତୁ ଗୋଟାଏ ଗୁଣିଆ ଯତି ! କବି କି ନା......

ତା'ପରେ ଗୁରୁ ଗମ୍ଭୀର ସ୍ୱରରେ ସେ ଗାଇବାକୁ ଆରମ୍ଭ କଲା—

"ଆରକ୍ତ ଗୋଲାପ ସମ, ରୂପେ ରସେ ଅନୁପମ"

ନିର୍ମଳର ଅନର୍ଗଳ କଥା ସ୍ରୋତର ଟିକିଏ ଗତି ରୋଧ କରିଦେବା ପାଇଁ ମୃଦୁ ପ୍ରତିବାଦ କରି ଯତୀନ୍ଦ୍ର କହିଲା—

ଓମର ଖୈୟାମ ଯାହା କହିଛନ୍ତି ସେଇଟା ହୁଏତ ପାରସ୍ୟର ଜଣେ ଶ୍ରେଷ୍ଠ କବିଙ୍କର ମନର କଥା । ତାର ମୂଲ୍ୟବୋଧ କରି ପାଦତଳେ ତାଙ୍କର ରାଜ ବିଭୂତି ଲୋଟି ଯାଉଥିଲା । କିନ୍ତୁ ଆମେ ଦୁର୍ଭାଗ୍ୟ, ଦରିଦ୍ର । ଗୋଲାପର ଗନ୍ଧ ଆମକୁ ଆତ୍ମହରା କଲେ ବି, ଆମର ସମୟ ନାହିଁ ତାକୁ ଉପଭୋଗ କରିବାକୁ । ତାର ରୂପ ଆମ ଆଖିରେ ନିଶାର ମାଦକତା ଭରି ଦେଲେବି, ତାକୁ ଆଦର କରିବାକୁ ଆମକୁ ଅବସର ମିଳେନାହିଁ । ଏଇ ମଳିନ ଚନ୍ଦ୍ରିକା ପରି ତାର ଅନୁପମ ରୂପ ରସ ଆମର ରସହୀନ ଜୀବନ ତଳେ ହଜି ହଜି ଯାଉଛି । ବନ୍ୟା ପ୍ରପୀଡ଼ିତ ଓଡ଼ିଶା ମଣିଷର ଶିବଲ ଛବି ପରି ଆମ ଭିତରର କଙ୍କାଳିତ ଆତ୍ମା ଖାଲି ତାର ସନ୍ଧାନ କରୁଛି । କିନ୍ତୁ ନପାଇବାର ଅସହାୟତାରେ

ତାର ଯେଉଁ ହା ହା କାର ଭରି ରହିଛି, ବନ୍ୟାରେ ସର୍ବସ୍ୱ ହରେଇ ଥିବା ନିଃସହାୟତାର ଆକୁଳ ଆର୍ତ୍ତନାଦ ଠାରୁ ତାହା ମଧ୍ୟ କମ ମର୍ମନ୍ତୁଦ ନୁହେଁ ।

ଯତୀନ୍ଦ୍ରର ଆଖି ଦୁଇଟା କ୍ରମେ ଛଳ ଛଳ ହେଇ ଆସୁଥିଲା । ତା ଭିତରର ବେଦନା ଯେମିତି ପୁଞ୍ଜିଭୂତ ହେଇ ବୁକୁର ପଞ୍ଜରା ତଳୁ ଆତ୍ମ ପ୍ରକାଶ କରିବାକୁ ଅଥୟ ହେଇ ଉଠୁଥିଲା । ଟିକିଏ ପରେ ସେ ପୁଣି କହିଲା—

ଗୋଲାପକୁ ଯେ ମୋର ଅସହାୟତା ପାଇଁ ମୁଁ ଈର୍ଷା କରେ ତାହା ନୁହେଁ ଭାଇ ! ଫଗୁଣର ଫଗୁଲ ସଞ୍ଜ ମତେ ଆତ୍ମହରା କରେ । ଶରତର ପୌର୍ଣ୍ଣମାସୀ ମତେ ବିଭୋର କରେ । ଗୋଲାପର ଗନ୍ଧ ମତେ ପାଗଳ କରେ । ଅନ୍ତର ତଳେ ମୋର ଶତସହସ୍ର ରାଗିଣୀର ଝଙ୍କାର ତୋଳେ । କିନ୍ତୁ ଭାଇ, ସେ ରାଗିଣୀ ମୋ ଅନ୍ତରରେ ବେଶୀ ସମୟ ସ୍ଥାୟୀ ହେଇ ପାରେନା । ବାଟେ ଗୁଲ୍ଲ ଗୁଲ୍ଲ ଏ ଗବଗୌରୀଙ୍କ ଦେଖିଲେ ଗଭୀର ଦୁଃଖରେ ହୃଦୟ ମୋର ଫାଟି ପଡେ । ଓମର ଖୈୟାମ ପରି ସବୁବେଳେ ଗୋଲାପର ଅନାଘ୍ରାତ ସୌନ୍ଦର୍ଯ୍ୟ ଭିତରେ ଆତ୍ମ-ବିସ୍ମୃତ ହେଇପାରେ ନାହିଁ । ମୋର ମନେ ପଡେ ଏଇ ରୂପହୀନା ଗବଗୌରୀ କଥା । ସ୍ରଷ୍ଟାଙ୍କର କି ବିରାଟ ପକ୍ଷପାତିତା । ମୋର ଶାନ୍ତ ମନ ଭିତରେ ବିଦ୍ରୋହାଗ୍ନି ଜଳି ଉଠେ । ଗନ୍ଧଗୌରୀର ଯେଉଁ ଉତ୍କଟ କରୁଣତା ସେ ଖାଲି ମତେ ବ୍ୟଥାତୁର କରି ପକାଏ । ଗୋଲାପକୁ ଶ୍ରଦ୍ଧା କଲେ ବି ତା' ପ୍ରତି ଗଭୀର ସହାନୁଭୂତିରେ ଅନ୍ତର ମୋର ନଇଁ ଯାଏ । ତାକୁ ଦେଖିଲେ ମୋର ମନେ ପଡେ ମୋର ଘର ପାଖରେ ମୋର ପଡୋଶୀ ମାଂସ ପଲାଉ ଖାଉଥିବା ବେଳେ, ମୁଁ କେବେ

ଉପାସରେ ରାତି କଟେଇ ଦେଇଥିଲି, କେବେ ଛିଣ୍ଡା ଲୁଗା ତାଳି ପଡ଼ା ଜୋତା ପିନ୍ଧି କଲେଜ ଯାଇଥିଲି, ପୁଣି ମେସ୍‌ର ବାକି ଟଙ୍କା ଦେଇ ନପାରି ଅପମାନିତ ହୋଇଥିଲି······

ମୋ ହୃଦୟର ରୁଦ୍ଧଦ୍ୱାର ଖୋଲିଯାଏ । ବ୍ୟଥାରେ ଅନ୍ତର ନଇଁ ପଡ଼େ । ସେଇ ବ୍ୟଥା ଆଉ ଲୁହ ଭିତରେ ସମ୍ପଦର ପ୍ରାଚୁର୍ଯ୍ୟରେ ବର୍ଦ୍ଧିତା ସୁସଜ୍ଜିତା ତନ୍ୱୀ ପରି ଗୋଲାପକୁ ଛାଡ଼ି ବିଶ୍ୱର ଅବହେଳିତା, ଅନାଦୃତା ଏଇ ଗନ୍ଧଗୌରୀ ଭିତରେ ମୁଁ ବ୍ୟକ୍ତିତ୍ୱର ସନ୍ଧାନ କରେ । କୋଟିଜନ ଠାରୁ ପ୍ରାପ୍ୟ ତା'ର ଏଇ ଅବହେଳା ମୂଳରେ ଯେ ସ୍ରଷ୍ଟାଙ୍କର ଅଦୃଶ୍ୟ ହାତ କାମ କରୁଛି ତାହା ମୁଁ ତାର ଏଇ ଗନ୍ଧ ଭିତରୁ ଆବିଷ୍କାର କରେ । ଚଳଚଏ ପରି ଏକ କିଶୋରୀର ଅସୁନ୍ଦର ମୁଖଛବି ଗନ୍ଧଗୌରୀର ଏଇ ଫୁଟନ୍ତ ପାଖୁଡ଼ା ଭିତରେ ଉଦ୍ଭାସିତ ହୋଇ ଉଠେ । ମୁଁ ମାନସ ଚକ୍ଷୁରେ ଦେଖେ ତାର ଲୁହଝରା ଯୋଡ଼ିଏ ନିସ୍ପନ୍ଦ ଡୋଳା । କାନ୍ଦି କାନ୍ଦି ସେ ଯେମିତି ତା ବ୍ୟଥିତ ଜୀବନର କରୁଣ ଅଭିବ୍ୟକ୍ତି ମୋ ଆଗରେ ବ୍ୟକ୍ତ କରି ଯାଉଛି ।

ଧାର ଶ୍ରାବଣର ଅବିଶ୍ରାନ୍ତ ଜଳଧାରା ପରି ଯତୀନ୍ଦ୍ରର ଅସରନ୍ତି କଥାସ୍ରୋତ ଭିତରେ ସତ୍ୟତା ଥିଲା କି ନାହିଁ ନିର୍ମଳ ଆଦୌ ବୁଝି ପାରୁ ନଥିଲା । ଭାବିଲା, ଯତୀନ୍ଦ୍ର କବିତ୍ୱ ଦେଖାଉଛି । କିନ୍ତୁ ସଦ୍ୟଛିଣ୍ଡା ଗଂଧଗୌରୀର ଉଦଗ୍ର ଗଂଧ ଚଞ୍ଚଳ ପବନର ପ୍ରତି ସ୍ତରେ ସ୍ତରେ ସଞ୍ଚରି ନିର୍ମଳର ଗଂଧଗ୍ରାହୀ ଇନ୍ଦ୍ରିୟକୁ ଯେତିକି ବ୍ୟସ୍ତ ବିଚଳିତ କଲା, ଯତୀନ୍ଦ୍ରର ମୁହଁଟି ସେତିକି ବ୍ୟଥାତୁର ଅଶ୍ରୁଳ ଦେଖାଗଲା । ଅଳ୍ପ ସମୟ ନୀରବ ରହି ସେ ପୁଣି କହିଲା—

ଗଂଧ ଗୌରୀର ଏଇ ଗଂଧ ଅତ୍ୟନ୍ତ କଦର୍ଯ୍ୟ ହେଲେ ବି ତା ଭିତରେ ଏକ ପ୍ରଗାଢ ବ୍ୟକ୍ତିତ୍ୱ ଛପି ରହିଛି । ଶତ ସହସ୍ର ଭ୍ରମର ତା ପାଖକୁ ଆସନ୍ତି ନାହିଁ । କିନ୍ତୁ ଗୋଲାପ ଭ୍ରମରକୁ ପାଗଳ କରେ । ନିଜର କଣ୍ଟା ଆବରଣର ତୀକ୍ଷ୍ଣତା ନେଇ ଶତ ଜୀବନକୁ ହତ୍ୟାକରେ । କିନ୍ତୁ ଗଂଧ ଗୌରୀର ସୌନ୍ଦର୍ଯ୍ୟ ନଥିଲେ ମଧ୍ୟ ଗୋଟିଏ ସ୍ୱତନ୍ତ୍ର ନିଜତ୍ୱ ଅଛି । ଗୋଲାପର ତାହା ନାହିଁ । ବାରବନିତାମାନଙ୍କର ଅମ୍ପା ଆଉ ରୂପନେଇ ସେ ଖାଲି ଉନ୍ମତ୍ତ କରିପାରେ । କିନ୍ତୁ ଅନ୍ତର ଭିତରେ ଅଶ୍ରୁଳ ସ୍ନେହର ଉଦୟ କରିପାରେ ନାହିଁ ।

ଗଂଧଗୌରୀର ଗଂଧ ସହିତ ମଣିଷ ଜୀବନର ଏକ ଚିରନ୍ତନ ଆକୁଳତାର ସାମଞ୍ଜସ୍ୟ ଭରି ରହିଛି । ସେଥିପାଇଁ ବ୍ୟର୍ଥତାର ଦୀର୍ଘଶ୍ୱାସ ସମୟରେ ତାହା ମୂର୍ତ୍ତିମନ୍ତ ହୋଇ ଆଖି ଆଗରେ ଛିଡା ହୁଏ । ବ୍ୟର୍ଥତା ମଣିଷ ଅନ୍ତରର ଅନ୍ତରାଳରେ ଆତ୍ମ ଗୋପନ କରି ଖାଲି ହାହାକାରର ସୃଷ୍ଟି କରି ଚାଲିଥାଏ । ସେଥିଯୋଗୁ ଅନ୍ୟର ଅସଫଳ ମୁହୂର୍ତ୍ତରେ ମଣିଷର ବ୍ୟଥିତ ହୃଦୟ ଗଭୀର ସହାନୁଭୂତିରେ ନଇଁ ପଡେ ।

ଏକ ଗଭୀର ଦୀର୍ଘଶ୍ୱାସ ଟାଣି ଯତିନ କହିଲା—

ଗଂଧଗୌରୀକୁ ଦେଖିଲେ ମୋର କାହାକଥା ମନେ ପଡେ଼ ଜାଣୁ ନିର୍ମ୍ମଳ ! ଯିଏ ଚିରକାଳ ପାଇଁ ପୃଥିବୀର ଅଦେଖା ଗହ୍ୱରରେ ଛପିଗଲା, ସେଇ ଅବିକଶିତ ଜୀବନର ଆର୍ତ୍ତନାଦ ମତେ ଶୁଭିଯାଏ । ସଂସାରର ଲକ୍ଷକୋଟି ପ୍ରାଣୀଙ୍କପରି ଯିଏ ମୂଲ୍ୟବାନ୍ ହୋଇ ପାରି ଥାଆନ୍ତା, ଅଥଚ ମୂଲ୍ୟହୀନ ହୋଇ ଅକାଳରେ ଝରିଗଲା । ସେଇ ଅସମାପିକାର ଆକୁଳ ଗୀତ ମଧ୍ୟ ମୁଁ ସେଇ ମୁହୂର୍ତ୍ତରେ ଶୁଣିବାକୁ ପାଏ । ଯାହା ପାଇଁ ମୁଁ

ଦିନେ ସେଇ ଅବିକଶିତ ଜୀବନ କଳିଟିକୁ ବିଦ୍ରୂପ କରିଥିଲି, ତା କଥା ସମ୍ପୂର୍ଣ୍ଣ ଭୁଲିଯାଏ ।

ଯିଏ ଅଜି ଦୂରଅଚେ ନାହିଁ, ମୋର ସାମାନ୍ୟ ସ୍ନେହ କଣିକାଟିଏ ପାଇଥିଲେ ଯିଏ ହୁଏତ ତାର କୋଟି ଅନାଦର କାଣ୍ଡମାନଙ୍କୁ ବେଖାତିରରେ ଉପହାସ କରି ପାରି ଥାଆନ୍ତା ତାରି କଥା । ବିଶେଷତଃ ଏଇ ଗଂଧ ଗୌଣ୍ଡର ବେଖିଲା ମୂହୂର୍ତ୍ତି ଗୁଡ଼ିକ ଭିତରେ ମୋର ଭାରି ମନେପଡ଼େ । ସେ ସୁଦୂର ଅତୃପ୍ତ ଆତ୍ମା ପ୍ରତି ମୁଁ ଦୂରରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରେ । ମୋ ମନର କେଉଁ ଅଂଧାରି କୋଣରେ ସୁପ୍ତ ବିବେକ ବୃଶ୍ଚିକର ଚେତନା ଜନଇ ମତେ ବାର ବାର ଦଂଶନ କରେ । ଏକ ଅବ୍ୟକ୍ତ ବେଦନାରେ କାତର ହେଇପଡ଼େ । ଯାହାକୁ ଦିନେ ମୁଁ ପାଦରେ ଠେଲି ଦେଇଥିଲି, ସେଇ ଅନାଦୃତାର ସ୍ମୃତି ମତେ ଅଧୀର କରି ପକାଏ କିଛି ସମୟ ପାଇଁ । କିନ୍ତୁ ପର ମୂହୂର୍ତ୍ତିରେ ମନ ସ୍ଥିର ହୁଏ । ଆଖି ଆଗରେ ଭାସି ଉଠେ ତନ୍ୱୀ ତରୁଣୀର ରୂପଛଟା । ସେ ନିକଟରେ, ଖୁବ୍ ନିକଟରେ । ତାକୁ ଆଉରି ନିକଟତର କରିବା ପାଇଁ ମୁଁ ନିଜକୁ ପ୍ରସ୍ତୁତ କରେ । ଭୁଲି ଯାଏ ସବୁ । ଅତୀତର ସବୁ ସ୍ମୃତି ବିସ୍ମୃତିର ଗଭୀର ଗହ୍ୱରରେ ଛପି ଯାଏ ।

ନିର୍ମଳ କହିଲା—

ଗତସ୍ୟ ଶୋଚନା ନାସ୍ତି । ଯାହା ଯାଇଛି ତା ପାଇଁ ଦୁଃଖ କରିବା ଭୀରୁତା ବ୍ୟତୀତ ଆଉ କ'ଣ ହେଇ ପାରେ ? ତୁ ଏକ ପରାଜିତ ସଂଗ୍ରାମ ବିମୁଖ ସୈନିକ । ତୋ ପରି ମୁଁ ଅତୀତ ପାଇଁ ଦୁଃଖି ହୁଏନାହିଁ କିମ୍ବା ଭବିଷ୍ୟତର ବହୁ ଦୂରକୁ ଚାଲି ଯାଇ କଳ୍ପନା କୁଞ୍ଜରେ ନିଜକୁ ଶ୍ରୀକୃଷ୍ଣ ସଜେଇ ରାଧିକାର ପ୍ରତୀକ୍ଷା

କର ପାରେ ନାହିଁ, କିମ୍ବା ବର୍ତ୍ତମାନକୁ ତର ନିଦ୍ରାର ଗାଢ଼ ଆଲିଙ୍ଗନ ଭିତରେ ନିଜକୁ ହଜେଇ ଦେବାକୁ ଚାହେଁ ନାହିଁ । ବର୍ତ୍ତମାନ ସହିତ ଲଢେଇ କରି ବଞ୍ଚିବାର ଦାବୀ ହାସଲ କରିନାଏ ମୁଁ ।

ନଶୁଣିଲା ପରି ଯତୀନ୍ଦ୍ର କହିଲା—

ଯେଉଁ ଚାଲିଚାଟିକି ଦେଖିଲେ ମୁଁ ଆତ୍ମହରା ହେଇଯାଏ, ତାର ରୂପାନଳ ଭିତରେ ପତଙ୍ଗ ପରି ଝାସ ଦେବାକୁ ଚାହେଁ, ତା କଥା ମୋର ମନେ ପଡେ଼ ଏଇ ସୁନ୍ଦର ଗୋଲାପକୁ ଦେଖିଲେ । ଅଜ ଯାହାକୁ ମୁଁ ତାର ରୂପହୀନତା ପାଇଁ ନିର୍ମମ ଭାବେ ଉପେକ୍ଷା କଲି ତା'ର ଭାଷା ଏଇ ଗଂଧଗୌରବ ମୋ ମନ ଭିତରେ ଜଗେଇ ଦିଏ । ଯେଉଁ ଚାଲିଚାଟି ତା'ର କୁତ୍ସିତତା ପାଇଁ ସାରା ଜୀବନ ଅବହେଳିତା ରହିଗଲା, ଯେଉଁଟା କୁକୁରୀ ପରି ଯିଏ ପରିଜନର ଶତ ଲାଞ୍ଛନା, ନିର୍ଯ୍ୟାତନା ସହିଗଲା କିମ୍ବା ଆଧୁନିକ ରୂପପିଆସୀଙ୍କର ହସର ଖୋରାକ ଯୋଗେଇଲା, ଏ ଗନ୍ଧଗୌରବ ତା'ର କଥା ମତେ ଭେଟି ଦିଏ । ସେ ମୋ ସୁବିସ୍ତୀର୍ଣ୍ଣ ଜୀବନାକାଶରେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ।

ନିର୍ମଳ କହିଲା—

ଦୁନିଆର ଲକ୍ଷ କୋଟି ଫୁଲଠାରୁ ଗୋଲାପହିଁ ସୁନ୍ଦର । ଏକଥା ଭାରତର କବି ମଧ୍ୟ କହୁଚନ୍ତି ।

ଯତୀନ୍ଦ୍ର ଅଜ ଏକ ଦୀର୍ଘଶ୍ୱାସ ଟାଣି କହିଲା—

ହେଇପାରେ । କିନ୍ତୁ ଅନେକ ସମୟରେ କବି ପ୍ରସିଦ୍ଧି ମଧ୍ୟ ମଣିଷର ହୃଦୟ ନିକଟରେ ହାର ମାନିଥାଏ । ଗନ୍ଧଗୌରବର ବ୍ୟକ୍ତିତ୍ୱ ଅତି ବିରାଟ ବୋଲି ମୋର ମନେ ହୁଏ । ନଥାଉ ପଛେ ତାର ଆଦର, ତାର ଅନାଘ୍ରାତ ଅଚୁମ୍ବିତ କୁତ୍ସିତତା ଯେ

ତୋଲପର ସୌନ୍ଦର୍ଯ୍ୟଠାରୁ ନିଶ୍ଚୟ ବଡ଼ ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ଶ୍ରଦ୍ଧା ଆଉ ସହାନୁଭୂତିରେ ଅନ୍ତର ମୋହ ନଇଁଯାଏ ତା' ନିକଟରେ ।

ନିର୍ମ୍ମଳ ମନେ ମନେ କେତେ କ'ଣ ଭାବି ଚାଲିଥାଏ । ଯତୀନ୍‌ର ଡୋଳା ତଳେ ଅଶ୍ରୁ ଜମି ଆସୁଥାଏ ଧୀରେ ଧୀରେ । ସେ କହିଲା—

ଖୁବ୍ ନିକଟରେ ମୋର ଗୋଲାପ । ସୁରଭି ତାର ପ୍ରତି ନିଶ୍ୱାସରେ ମୋର ସଞ୍ଚରି ଯାଉଛି । ତଥାପି ଆଜି ମୋର ରୂପାନ୍ୱିତାଠାରୁ କୁଶ୍ରୀ ତାହିଁ ବେଶୀ ମନେ ପଡ଼ୁଛି । ମୋର ମନେ ପଡ଼ୁଛି ଯୋଡ଼ିଏ ଲୁହ ଝରା ଛୋଟ ଛୋଟ ଆଖି । ସେ ଆଖିରେ ହୁଏତ କେତେ ଭାଷା ଭରି ରହିଥିଲା । କିନ୍ତୁ ମୁଁ ବୁଝି ପାରିଲି ନାହିଁ । ବୁଝିବାକୁ ଚେଷ୍ଟା ମଧ୍ୟ କଲିନାହିଁ ।

ଯତୀନ୍ ନୀରବ ହେଲା । ଅଦୂର ମସଜିଦ୍ ଘଣ୍ଟାରେ ଢ଼ଂ ଢ଼ଂ ହୋଇ ଏଗାରଟା ବାଜିଲା । ପାଖ ଘରର ଆଲୁଅ ଲିଭି ଲିଭି ଆସିଲାଣି । ରାଜ ପଥର ପ୍ରବଳ ଜନସ୍ରୋତ ମଧ୍ୟ କ୍ଷୀଣ ହୋଇ ଆସିଲାଣି । ଶୀତ ରାତିର ସୁଶୀତଳ ଜ୍ୟୋତ୍ସ୍ନା ମଲ୍ଲୀ ଆଉ ମାଧବୀର ପତ୍ର ଉପରେ ଅସ୍ତ୍ରେ ଅସ୍ତ୍ରେ ଜମି ଆସୁଛି । ଏଇ ଜ୍ୟୋତ୍ସ୍ନାର ଶୁଭ୍ରତା ନେଇ ଆଉ ଦୁଇମାସ ପରେ କଳିକା ତାର ବିକାଶ ଲାଭ କରିବ । ଜନନୀର ଗଭୀର ଗର୍ଭରେ ସନ୍ତାନ ତାର ହୁଏତ ବିକାଶର ପଥ ଆବିଷ୍କାର କରିବାରେ ଲାଗିଥିବ ।

ଯତୀନ୍ ଉଠିଲା । ଗଲା ବେଳେ କହିଗଲା—

ଯାମିନୀ ତୋର ସ୍ୱାର୍ଥକ ହେଉ ।

ଅତୃପ୍ତ ଆତ୍ମାପ୍ରତି ତା ଦୟା ଆଉ ସ୍ନେହର ପ୍ରତୀକ ଗନ୍ଧ ଗୌରୀଙ୍କି ନେବାକୁ ଭୁଲି ଯାଇଥିଲା ସେ ।

# ଢେଉ

କାଗଜ ପକ୍ଷ ଗୁଡ଼ିକୁ ଖେଳେଇ ଯାଉଥିଲା ନନ୍ଦିନୀ । କିନ୍ତୁ କିଛି ମନେ ରହୁନି । ଯେତେଥର ଦେଖିଲେବି ସେଇ ଅନ୍ୟମନସ୍କତା ମୁଖ୍ୟ ହେଇ ରହୁଛି । ଗୁଡ଼ିଆଡେ ଫୁଟି ଉଠୁଛି ସ୍ୱପ୍ନର ସୁନା ସରୋଜ । କି ସୁନ୍ଦର...କି ଚମତ୍କାର...ତା'ର ବିକାଶ ଭଙ୍ଗୀ । ବିଭୋର ଆଖିରେ ଦୂରକୁ ଚାହିଁଲା ନନ୍ଦିନୀ ।

ପୃଥିବୀର ରଙ୍ଗେ ରଙ୍ଗେ ପୂରି ଅଛି ଆନନ୍ଦର ରାଗିଣୀ । କି ଏକ ଅପୂର୍ବ ପୁଲକ ଭିତରେ ନିଜକୁ ହଜେଇ ଦେଇଛି ଏ ସ୍ଥାବର ଜଙ୍ଗମ । କି ମନୋରମ ବସନ୍ତର ଏ ଗୋଧୂଳି । କୋଇଲି କେଉଁଠି ସ୍ୱର ତୋଳିଛି । ବସନ୍ତର ଏଇ ଶ୍ୟାମ ସ୍ନିଗ୍ଧ ଗୋଧୂଳି ଭିତରେ ଦ୍ୱାପର ଯଦି ଅତୀତରେ ଓହ୍ଲେଇ ଆସନ୍ତା ହୁଏତ ମାନିନୀ ରାଧାଙ୍କର ମାନଭଞ୍ଜନ ପାଇଁ ଶ୍ରୀକୃଷ୍ଣ ନିଥର ରାତିର ପ୍ରତୀକ୍ଷାରେ ଅସ୍ଥିର ହେଇ ଉଠନ୍ତେ । ଶ୍ରୀକୃଷ୍ଣଙ୍କର ଉଦ୍‌ବେଗତା ପାଇଁ ସଖୀ ଲଳିତା ହୁଏତ ବସନ୍ତର ବିପୁଳ ପୁଷ୍ପ ସମ୍ଭାର ନେଇ ମାନିନୀର ଶଯ୍ୟା ସଜାଡ଼ି ଦିଅନ୍ତା । କିନ୍ତୁ... ହସି ଉଠିଲା ନନ୍ଦିନୀ । ନିଜର ଭାବ ପ୍ରବଣତା ପାଇଁ ମନକୁ ମନ ଜୋରରେ ହସି ଉଠିଲା ସେ । ସେ ହସରେ ନିଜକୁ ଯେମିତି ସିଏ ଉପହାସ କରୁଛି ।

ହସି ହସି ଟେବୁଲ ନିକଟକୁ ଘୁଞ୍ଚି ଆସିଲା ନନ୍ଦନୀ । କାଗଜ ପତ୍ର ଗୁଡ଼ାକ ପୂର୍ବପରି ଖୋଲା ହୋଇ ପଡ଼ିଚି । ନଳିନୀର ଚିଠି, ପ୍ରଶାଂତ ବାବୁଙ୍କର ଚିଠି, ଲେଖକ, ସମ୍ପାଦକଙ୍କର ଚିଠି, ଭାଇର ଚିଠି, ଘରର ଡାୟରୀ… ପୁଣି ଝିଟିଉଠିଲା ନନ୍ଦନୀ ।

ହେଇ ସନ୍ଧ୍ୟା ଆସିଗଲା । ବସନ୍ତର ସ୍ନିଗ୍ଧ ମେଦୁର ଆକାଶରେ ସନ୍ଧ୍ୟା ନଇଁ ଆସିଲା । ଜୀବ ଜଗତର ପ୍ରତି ଧମନୀରେ ଉଛଳିଲା ଯୌବନର ମଦୁଲ ନିଶା । ଏହିପରି ମଧୁର, ସୁପ୍ତିତ ସଂଧ୍ୟାରେ ମନଟା କଳ୍ପ ଲୋକର ବହୁ ଦୂରକୁ ଉଡ଼ି ଯାଏ । ଆଜିର ଏଇ ସଂଧ୍ୟା, ବସନ୍ତର ଏଇ ପୁଷ୍ପୋତ୍ସବ, ସତେ କେତେ ମଧୁମୟ, କେତେ ସ୍ୱପ୍ନମୟ ! ଏଇ ସ୍ୱପ୍ନମୟ ସଂଧ୍ୟାଠାରୁ ବାସ୍ତବ କାହିଁ କେତେ ଦୂରରେ ? ଅସୀମ ଜୀବନାୟନରେ ବାସ୍ତବର ରୂପରେଖ…ଉଃ କି ନିର୍ମମ…କି କଠୋର ଏଇ ବାସ୍ତବ । ମଣିଷକୁ କଣ କରେ ସତେ ବାସ୍ତବର ସ୍ପର୍ଶ । ଆଜିର ଏଇ ରଙ୍ଗୀନ ସଂଧ୍ୟା ସତ୍ତ୍ୱ ନନ୍ଦନୀର ମନ ଯେମିତି ଆଜି ମିଶି ପାରୁ ନାହିଁ କେମିତି ବେଖାପ ମନେ ହେଉଚି । ନୀରସ ମନ ଭିତରୁ ସବୁ ଯେମିତି ଗୋଟି ଗୋଟି ହୋଇ ଭେଇଁ ଉଠୁଚନ୍ତି ।

ବୁଝିଲୁ ନାହିଁ ନନ୍ଦା ! ଯେତେ ବୁଝେଇଲେ ବି । କାଲି ପରି ମନେ ହେଉଚି । ଏତିକି ଟିକିଏ ହୋଇ ମୋର ପେଟରୁ ମାଟିରେ ପଡ଼ିଥିଲୁ । ଆଜି ଫେର ମୋର ଅବାଧ୍ୟ ହେଲୁ । ବୋଉ ଆଖିରୁ ଧାର ଧାର ଲୁହ ଝରି ପଡ଼ିଲା ।

ତମ ଜୀବନରେ ମୋର ଆବଶ୍ୟକ ନାହିଁ । ମୁଁ ଜାଣିଚି ନନ୍ଦା କିନ୍ତୁ ମୋର ଥିଲା । ସେଥିଯୋଗୁ ଆବାହନୀ ଗାଇଥିଲି ମୁଁ । କିନ୍ତୁ ତମେ ଶୁଣିଲ ନାହିଁ । ଅଶ୍ରୁରୁଦ୍ଧ କଣ୍ଠରେ ପ୍ରଶାନ୍ତର ଭାଷା ମିଳେଇ ଯାଏ ।

ଦୁନିଆର ଲକ୍ଷ କୋଟି ବଂଧନ ଉପରେ ପଦାଘାତ କରି, ଜାତି, ଧର୍ମ ନିର୍ବିଶେଷରେ ତମକୁ ମୋର କରି ନେଇ ପାରନ୍ତି ମୁଁ ନନ୍ଦା ! କିନ୍ତୁ ତମେ ଅନୁମତି ଦେବାରେ କୃପଣତା କରୁଚ । ତରୁଣ ଡାକ୍ତର ତ୍ରୈଲୋକ୍ୟ ସୁନ୍ଦରଙ୍କର ଆଖିରେ କାମନାର ବହ୍ନି ଶିଖା ଦାଉ ଦାଉ ହୋଇ ଜଳି ଉଠିଥିଲା ।

ନନ୍ଦା, ବାସ୍ତବରେ ତମେ ଏକ ଅଲକନନ୍ଦା । ମୋ ଜୀବନାକାଶରେ ତମର ପ୍ଲାବନ ମୁଁ କାମନା କରୁଚି । ପ୍ରସିଦ୍ଧ ଗାଳିକ ଅଶୋକର କଣ୍ଠରେ ମାଦକତା ଭରିଯାଏ ।

ତମରି ତନୁର ମହକ ନେଇ, ତମରି ପାଦର ଛନ୍ଦ ନେଇ କବିତା ମୋର ବିକଶି ଉଠିବ ନନ୍ଦା ! କାବ୍ୟ ମୋର ରଙ୍ଗିନୀ ହୋଇ ଉଠିବ । ଦିଅ ନନ୍ଦା, ତମରି ପଦପାତର ଲକ୍ଷେ ସ୍ୱର୍ଣ୍ଣ ନଳିନ ତୋଳିବାର ଅଧିକାର ଦିଅ ମତେ । ସ୍ୱପ୍ନ ବିଭୋର ଭାବରେ କହୁଥିଲେ କବି କିଶୋର ।

ତୋର ଇଚ୍ଛା ନନ୍ଦା ! ତୁ ଯଦି ବାସ୍ତବ ଦୁନିଆ ଠାରୁ ଏଇ ସ୍ୱପ୍ନମୟ ଜୀବନକୁ ନେଇ ସନ୍ତୁଷ୍ଟ ରହି ପାରିଲୁ, ମୋର ଆପତ୍ତି କରିବାର ଆଉ କିଛି ନାହିଁ । ଗୁରୁ ଗମ୍ଭୀର ସ୍ୱରରେ ଭାଇ ବଂଶୀ ମୋହନ ମନର ଶେଷକଥା ଶୁଣେଇ ଥିଲେ ।

ହସିଥିଲା ନନ୍ଦିନୀ । ରୂପସୀ କଳ୍ପନାର ମୃଣାଳ ବାହୁରେ ବନ୍ଦୀ ହୋଇ ବାସ୍ତବର ରୁକ୍ଷତାକୁ ଉପହାସ କରିଥିଲା ସେଦିନ ।

ବୁଝି ପାରୁନୁ ମୋତେ ବୋଉ ! ମୁଁ ଅବୁଝା ହୋଇନି । ତୋ ବୁଝିବାରେ ଭୁଲ ରହି ଯାଉଚି । ତୁ ଯଦି ବୁଝି ପାରନ୍ତୁ ମୋ ଦ୍ୱାରା କ'ଣ ସମ୍ଭବ କ'ଣ ଅସମ୍ଭବ ମୋତେ ଦୁଃଖ କରନ୍ତୁ ନାହିଁ । ଦୁନିଆର ଧରାବଂଧା ଗତରେ ମୁଁ ଗୁଲିବାକୁ ଅକ୍ଷମ ବୋଉ ! ମୁଁ ଗୁହେଁ ମୋ ଜୀବନରେ ନୂତନ ସଙ୍ଗୀତର ମୂର୍ଚ୍ଛନା

ଖୋଲିବା ପାଇଁ । ବିଶ୍ୱ ବ୍ରହ୍ମାଣ୍ଡର ପ୍ରତି ରଂଧ୍ରରୁ ତା ଅସ୍ମାର ଅଣୁ ପରମାଣୁ ଆବିଷ୍କାର କରିବା ପାଇଁ । କିନ୍ତୁ ତୁ କିଛି ବୁଝିବାକୁ ଚେଷ୍ଟା କରୁନୁ ବୋଉ ! ଜନ୍ମ ଦେଇ ମଧ୍ୟ ଅନ୍ତର ଚିହ୍ନି ପାରିଲୁ ନାହିଁ ।

ନୀରବ ରହନ୍ତି ବୋଉ ! ମନ ମାନେ ନାହିଁ । ତଥାପି ପ୍ରତିବାଦ କରିବାକୁ ଭାଷା ପାଆନ୍ତି ନାହିଁ । ଝରିଲା ଲୁହର ଗତି ରୋଧ ହୁଏ ନାହିଁ । ଧାର ଶ୍ରାବଣର ଅବିଶ୍ରାନ୍ତ ଧାରପରି ଝରି ଝରି ଚାଲିଥାଏ ।

ପରଦିନ ପ୍ରଶାନ୍ତ ଆସେ । ଥର ଥର କଣ୍ଠରେ ଗୋଟି ଗୋଟି କରି କହିଯାଏ ସେହିକଥା । ହସି ହସି ଉତ୍ତର ଦିଏ ନନ୍ଦିନୀ ।

ଠିକ୍ କହିଚନ୍ତି ପ୍ରଶାନ୍ତ ବାବୁ ! ଆପଣଙ୍କର ଆବାହନୀକୁ ସ୍ୱାଗତ ଜଣେଇବା ପାଇଁ ସମୟ ନାହିଁ ମୋର । ଆଶାକରେ କ୍ଷୁଣ୍ଣ ହେବେ ନାହିଁ ଏଇ ଅନିଚ୍ଛାକୃତ ନାସ୍ତିବାଣୀ ଯୋଗୁ ।

ପ୍ରଶାନ୍ତର ଅଞ୍ଜୁଳି ଆଖି ପଛରେ ପଡ଼ି ରହେ । ନନ୍ଦିନୀ ଆଗେଇ ଚାଲେ । ଦୂରରେ କଳ୍ପ ଲୋକର ସୁରଭିତ କୁସୁମ । ଖୋଲିବାକୁ ହେବ ।

ନିକଟରେ ଡାକ୍ତର ତ୍ରୈଲୋକ୍ୟଙ୍କର ସ୍ୱର ଶୁଭେ । ପୁଣି ହୁଏ ସେଇ ପୁରୁଣା କଥାର ପୁନରାବୃତ୍ତି । ଘୃଣାରେ ମୁହଁ ବୁଲେଇ ନିଏ ନନ୍ଦିନୀ । ବିରକ୍ତିରେ ଉତ୍ତର ଦିଏ—

କ୍ଷମା କରିବାର ପୁରସ୍କାର ଏ ତ୍ରୈଲୋକ୍ୟ ବାବୁ ! ଲାଜ ଲାଗେ ନାହିଁ ? ବାରମ୍ବାର ଏକକଥାର ପୁନରାବୃତ୍ତି କରିବାକୁ ?

ଲଜ୍ଜା ଅପମାନରେ ଡାକ୍ତର ତ୍ରୈଲୋକ୍ୟଙ୍କର ମୁହଁ ଅରୁଣିତ ହୁଏ । ଥର ଥର କୋଠରୀର ବାହାରେ ପାଦ ଦିଅନ୍ତି ସେ ।

ଶୁଣି ଆସେ ଅଶୋକ । କାକଲୀ ମୁଖର ସନ୍ଧ୍ୟାକାଶର ସୁରଭିତ ବାୟୁ ମଣ୍ଡଳ ଭିତରେ ମିଶି ମିଶି ଯାଏ କରୁଣ ଦୃଷ୍ଟି ତାର, ହଜି ହଜି ଯାଏ କଣ୍ଠର ଭାଷା ତା'ର । ସହାନୁଭୂତିରେ ନଇଁ ଆସେ ନନ୍ଦିନୀର ଅନ୍ତର । କଳ୍ପନା ଠାରୁ ବାସ୍ତବର ଚେତନା ମର୍ମନ୍ତୁଦ ହେଲେହେଁ କମ୍ପିତ ସ୍ୱରରେ ସେ କହେ—

ବାସ୍ତବ ଜଗତକୁ ଓହ୍ଲାଇ ଆସନ୍ତୁ ଅଶୋକ ବାବୁ ! ସୁପ୍ତ ଆଉ ସାକାର ରଙ୍ଗିନ୍ ସ୍ୱପ୍ନ ଭିତରେ ସେ ଏକ ଦୁର୍ଭେଦ୍ୟ ପ୍ରାଚୀର ଛିଡ଼ା କରେଇଛି । ତେଣୁ ଲକ୍ଷ୍ମୀର ସଂସାର ପାଇଁ ମୁଁ ଅତ୍ୟନ୍ତ ଅକ୍ଷମ । ଆପଣଙ୍କର ଆଶାର ସାର୍ଥକତା ପରେ ଜୀବନଟା ନିଶ୍ଚୟ ଦୁର୍ବିସହ ମନେ ହେବ ।

ପ୍ରତୀକ୍ଷିତ ଯକ୍ଷ ଅଶୋକ ଆଖିରେ ଅଦମ୍ୟ ଆଘାତର ବ୍ୟଥା ଓହ୍ଲାଇ ଆସେ । ହୃଦୟ ତାର ଭାଙ୍ଗିପଡ଼େ ଗଭୀର ଦୁଃଖରେ ।

ସନ୍ଧ୍ୟାର ମହୋତ୍ସବ ସରେ । ତାର ଶେଷ ରାଗିଣୀ ହଜି ଯାଏ ରାତ୍ରିର ନିସ୍ତବ୍ଧତା ଭିତରେ । ନନ୍ଦିନୀର ନୀରବତା ପାଠାଗାର ଭରିଯାଏ କବି କିଶୋରଙ୍କର ମୃଦୁ ଗୁଞ୍ଜନରେ । ପ୍ରଶ୍ନ କରନ୍ତି କିଶୋର, ଉତ୍ତର ଦିଏ ନନ୍ଦିନୀ ।

କବି ତମେ କିଶୋର, ସ୍ରଷ୍ଟା । ତଥାପି ସୃଷ୍ଟି ଅନ୍ତରର ବାଣୀ ତମେ ଶୁଣି ପାର ନାହିଁ । ଦେଖି ପାରୁନାହିଁ ତାର ବିପୁଳ ରୂପ ସମ୍ଭାର ! ତମର ଏଇ ସୁନ୍ଦର ଡୋଳା ତଳେ ଖାଲି ଅମ୍ଳ ରୋମାନ୍ଟିକ ସ୍ୱପ୍ନର ଅଞ୍ଜନ ବୋଳା ହୋଇ ଯାଇଛି । ସେଥି-ପାଇଁ କବି ହୋଇ ମଧ୍ୟ ବସ୍ତୁ ବିଶ୍ୱର ଏଇ ଚିରନ୍ତନ ତନୁଶ୍ରୀ ତମ ଆଖିରେ ମାୟା ରଚି ପାରି ନାହିଁ । କିନ୍ତୁ ମୁଁ ଆଜି ସେ ସବୁଠୁଁ ବହୁ ଦୂରରେ । ମୁଁ ଗୃହେଁ ନୂତନ ଧାରା । ମୁଁ ଭୁଏଇ ସେଥି

ଯୋଗୁ ସାମାଜିକ ମଣିଷ ପର୍ଯ୍ୟାୟର ବନ୍ଧୁ ତଳେ କିମ୍ବା ଉପରେ ରହିଯିବ । ସୁଗଠନ ବା ବର୍ତ୍ତମାନର ମଣିଷ ଜୀବନ ସହିତ ମୋର କୌଣସି ସମ୍ବନ୍ଧ ରହିବ ନାହିଁ । ନ ରହୁ । ମୁଁ ଚାହେଁ ନାହିଁ ଚିରଚରିତ ପ୍ରଥାନୁଯାୟୀ ଜୀବନର ଗତି ସ୍ରୋତକୁ ସାଗରମୁଖୀ କରିବାକୁ । ମୁଁ ଚାହେଁ ଭାବ ବିଭୋର ସ୍ୱପ୍ନ ପ୍ରବଣ ଜୀବନ । ଚପଳ ଝରର କଳତାର ଧାରାପରି ମୁଁ ଚାହେଁ ମୋର ଜୀବନ ସବଳ, ତରଳ ଛଳ ଛଳ ହୋଇ ବହି ଯାଉ ମହା କାଳର ଅନନ୍ତ ଗର୍ଭ ଭିତରକୁ ! ମୁଁ ଚାହେଁ ନାହିଁ ବୁଦ ବୁଦ୍ ପରି କ୍ଷଣଭଙ୍ଗୁର ଜୀବନର ପାତଳ ପରଦା ତଳେ ସଂସାରର ଚିରନ୍ତନ ରୋଗ, ଶୋକ ତାପ ଭରି ରହୁ । ମୁଁ ଚାହେଁ ଏଇ ଅସ୍ଥାୟୀ ଦିନ ଗୁଡ଼ିକ କଳ୍ପନା ରାଣୀର ସୁଶୀତଳ ସ୍ପର୍ଶରେ ଛନ୍ଦ ମୁଖର, ମଧୁ ରଞ୍ଜିତ ହୋଇଉଠୁ ।

କିଶୋର ଆପତ୍ତି କରନ୍ତି ।

ମୁଁ ମଧ୍ୟ ତା' ଚାହେଁ ନନ୍ଦା ! କିନ୍ତୁ ସୃଷ୍ଟିର ଚିରନ୍ତନ ନୂତନ ଜୀବନକୁ ଖଣ୍ଡିତ କରିବାକୁ ମୁଁ ଚାହେଁ ନାହିଁ । ତା ହେଲେ ସୃଷ୍ଟିର ଅବମାନନା କରାଯିବ । ସମ୍ମାନ ନୁହେଁ । ଦୁଇଟି ଛଳ ଛଳ ତରଳ ଜୀବନ ପ୍ରବାହର ସମ୍ମିଶ୍ରଣରେ ଯେଉଁ ସୁରଭିତ ଶତଦଳ ବିକଶି ଉଠିବ, ତାର ତୁଳନା ପାଇଁ ନୂତନ ସୃଷ୍ଟିର ଆବଶ୍ୟକ ହେବ ନନ୍ଦା ! ତମେ କ'ଣ ଦୂରରେ ଥାଇ ଏକଥା ଚିନ୍ତା କରି ପାରୁନାହଁ ।

ହସେ ନନ୍ଦା । କହେ—

କବି ହେଲେ ମଧ୍ୟ ତମର ମନ ଏକ ନୀରସ କ୍ଲିଷ୍ଟ ଗଦ୍ୟ । ତମର ଏଇ ଶୁଷ୍କ ହୃଦୟ ଭିତରେ ରୂପସୀ କଳ୍ପନାର କୌଣସି ସ୍ଥାୟୀ ଆସନ ନାହିଁ । ତେଣୁ ତମେ ବସନ୍ତ ବଧୂର ଅକଳନା

ସୌନ୍ଦର୍ଯ୍ୟକୁ ପୂର୍ଣ୍ଣ ପ୍ରାଣରେ ଉପଭୋଗ କରି ପାରୁ ନାହିଁ । ତମେ ନିଜକୁ ଅସହାୟ ମଣିଚ । ଦୁଏତ ଏଇ କାଥର ସହର ନୀରବତା ଭିତରେ ତ୍ରମ ନିସଙ୍ଗ ବୋଧ କରୁଚ । କେବଳ ରକ୍ତମାଂସର ସ୍ପର୍ଶ ପାଇଁ ତ ଆମ ମାନଙ୍କର ଜୀବନ ନୁହେଁ । ଭାବନାର ଯଥେଷ୍ଟ ପ୍ରୟୋଜନ ଅଛି ।

କିଶୋର ଯୁକ୍ତି କରେ ।

ତମେ ଏଇକ୍ଷଣି କିଛି ବୁଝିନ ନନ୍ଦା ! ସମୟ ଆସିବ ରିକ୍ତତା ଭମ ସୃଷ୍ଟିର ମେରୁଦଣ୍ଡ ଭାଙ୍ଗି ଦେବ ।

ନନ୍ଦନୀ ଉତ୍ତର ଦିଏ—

ତଥାପି ସେଇ ରିକ୍ତତା ସୃଷ୍ଟିର ଆଧାର ହୋଇ ଉଠିବ କିଶୋର !

କିଶୋରଙ୍କର ହୃଦୟ ନୈରାଶ୍ୟର ବିସ୍ଫୋଟ ପାହାଡ ତଳେ ଭାଙ୍ଗି ପଡ଼େ । ନିଜର ଗୋଡ ଦୁଇଟାକୁ ଟାଣି ନେଇ ନେଇ ସେ କହିଯାଆନ୍ତି—

ମନେ ରଖିବ ନନ୍ଦା ! ରିକ୍ତତା ଭିତରେ ସୃଷ୍ଟିର ପ୍ରେରଣା ନଥାଏ, ଖାଲି ଥାଏ ବ୍ୟର୍ଥତାର ଦୀର୍ଘଶ୍ୱାସ ଆଉ ଅଶ୍ରୁ ।

ଫେରି ଯାଆନ୍ତି କିଶୋର । ଶୂନ୍ୟ ଦୃଷ୍ଟିରେ ଚାହିଁ ରହେ ନନ୍ଦନୀ । ମନ ଭିତରେ ଦୁଇଟି କଥା ମଥା ପିଟୁଥାଏ । କଳ୍ପନା ଆଉ ବାସ୍ତବ । ଠିକ୍ କରି ପାରେନାହିଁ କିଛି । ଗଭୀର ରାତି ଆହୁରି ଗମ୍ଭୀର ହୋଇ ଉଠେ ।

\+ \+ \+ \+

ଥରେ ସାଙ୍ଗ ନଳିନୀ ଆସିଥିଲି । ବହୁତ କଥା ପରେ ଗଭୀର ଦୀର୍ଘଶ୍ୱାସ ଟାଣି ନନ୍ଦନୀ ଆଗରେ ନିଜ ହୃଦୟର ରୁଦ୍ଧ ଦ୍ୱାର ଖୋଲି ଦେଲି ସେ ।

ସୁପ୍ରସିଦ୍ଧା ଲେଖିକା ତୁ ନନ୍ଦା । କଳ୍ପଲୋକର ରାଜରାଣୀ । କେତେ କଳାକାରର ଜୀବନରେ ତୋ ପାଇଁ ବ୍ୟର୍ଥତାର ଦୀର୍ଘଶ୍ୱାସ ଭରି ଯାଇଛି । କିନ୍ତୁ ସେ ଆଡ଼କୁ ଦୃଷ୍ଟି ଦେବା ପାଇଁ ତୋର ଅବସର ନାହିଁ । ସେଇ କର୍ମମୟ ମୁହୂର୍ତ୍ତ ଗୁଡ଼ିକ ଭିତରେ ମୁଁ କ'ଣ କେବେହେଲେ ଥରକ ପାଇଁ ତୋ ମନରେ ଅଛିନାହିଁ ? ତୁ କଣ ଭାବିଚୁ ଯାହାର ଦାନକୁ ତୁ ଗୋଡ଼ରେ ଆଡ଼େଇ ଦେଇଚୁ ତାରି ପାଇଁ ଆଜି ଜୀବନ ମୋର ଧ୍ୱଂସମୁଖୀ ହେଉଛି । ଅଶୋକ ବାବୁ...

ଅଶ୍ରୁରୁଦ୍ଧ କଣ୍ଠରେ ନଳିନୀର ଭାଷା ଅଟକି ଗଲା । ଆଖିରୁ ଝରି ଆସିଲା ଧାର ଧାର ଲୁହ । ନନ୍ଦିନୀର ବୁଝିବାକୁ ବାକି ନଥିଲା କିଛି । ଲୁହ ପୋଛି ପୁଣି ନଳିନୀ କହିଲା—

ନିକଟରେ ମୋର ବିବାହ ହେବ ଅନ୍ୟ ଜଣକ ସହିତ । କିନ୍ତୁ ସେ ବିବାହ ଆଗରୁ ମୋର ଏ ମାଟି ଦେହ ମାଟିରେ ଆଶ୍ରୟ ନେଇ ସାରିଥିବ । ଅଶୋକ ବାବୁ ମତେ ଗୋଡ଼ରେ ଆଡ଼େଇ ଦେଲେ । ସେ ଆଜି ପାଗଳ ।

ନଳିନୀ ଆଖିରୁ ପୁଣି ଝରିଲା ଲୁହ । ବିସ୍ମିତ ହେଲାଣି ନନ୍ଦିନୀ । ଅଶୋକବାବୁ ପାଗଳ । ନଳିନୀ ମଧ୍ୟ ପାଗଳୀ । କିନ୍ତୁ ଦୁହିଁଙ୍କ ପାଗଳାମୀ ତଳେ ଲୁଚିଛି ଅପୂର୍ବ ବାସନା ମୁଣ୍ଡ ଟେକିଛି । ପ୍ରତିକାର ? ନନ୍ଦିନୀ ହାତଧରି ନଳିନୀ କହିଲା—

ତୁ ମୋର ଏକମାତ୍ର ସହାୟ ନନ୍ଦା ! ନ ହେଲେ ଦୁଇଟା ଜୀବନ ଛିନ୍ ଭିନ୍ ହୋଇଯିବ ।

ଦୀର୍ଘଶ୍ୱାସ ଟାଣି ନନ୍ଦିନୀ ସାନ୍ତ୍ୱନା ଦେଲା—

ଦୁଃଖ କରନା ନଳିନୀ, ଧୈର୍ଯ୍ୟ ହରନା । ମୁଁ ତତେ କଥା ଦେଉଛି ।

ଆଶ୍ୱସ୍ତ ହୋଇ ନଳିନୀ ଫେରି ଯାଉଥିଲା ସେଦିନ ।

ତା ପରେ ଗାଲ୍‌ଟିକ ଅଶୋକ ସହିତ ନଳିନୀର ବିବାହ ହୋଇଗଲା । ସେ ଅଳି ଜନନୀ ।

ଦୁନିଆର ଜଟାଣି ଗଡ଼ାଣି ବାଟରେ ଗଡ଼ି ଗଡ଼ି ଛଟିଗଲା ତେର ବର୍ଷ । ବଡ଼ ପୁଅ ମାଟ୍ରିକ ପଢ଼ିଲା । ତା ତଳେ ଝିଅ । ତା ତଳେ ପୁଅ । ଜନନୀ ନଳିନୀ ଭୁଲିଗଲା ଅତୀତ ଦିନର ସେଇ ଘୃଣା, ଉପେକ୍ଷା, ଅଶ୍ରୁ । ଭୁଲିଗଲା ନନ୍ଦିନୀର ସାହାଯ୍ୟ, ପରିବର୍ତ୍ତନ ଶୀଳ ଦୁନିଆରେ ସବୁ କିଛି ସମ୍ଭବ ହୋଇପାରେ ।

ପନ୍ଦର ବର୍ଷ ତଳର ଲିଭିଲା ଦିନ ଗୁଡ଼ିକ ନନ୍ଦିନୀର ସୁଫଳିତ ତନୁଲତା ଉପରେ ଦାଗ ରଖି ଚାଲି ଯାଇଛି । କପାଳ ଉପରେ ସେଇ ଦାଇକେଶ ବାଳ । ଯିଏ ଦିନେ ଗୋଧୂଳିର ମୃଦୁ ପବନରେ ଦୋଳି ଦୋଳି ତା ସୌନ୍ଦର୍ଯ୍ୟର ବିଜ୍ଞାପନ ଦେଇ ଯାଉଥିଲା, ସେ ଧଳା ହୋଇ ଆସିଲାଣି । ଅଞ୍ଜନହୀନ ଆଖିରେ ଶୂନ୍ୟତାର ଛାୟା, ଶ୍ରୀହୀନ ବକ୍ଷ । କିନ୍ତୁ ଏ ପୁଣି କଣ ? ମନ ଭିତରର ସୁପ୍ତ କାମନା ଚେତନା ପାଇ ଉଠି ବସିଲା ଯେମିତି । କ'ଣ ପୁଣି ଏ ହେଲା ? କୁଆଡ଼େ ଗଲେ ସେଦିନର ପ୍ରାର୍ଥୀ ଦଳ ? କୁଆଡ଼େ ଗଲେ କିଶୋର, ପ୍ରଶାନ୍ତ, ଅଶୋକ ? କୁଆଡ଼େ ଗଲା ସେଦିନ ?

ହାତର କଲମ ଶକ୍ତିହୀନ ହୋଇ ଖସି ପଡ଼ୁଛି । ମନରୁ ମରି ଯାଉଛି ପ୍ରେରଣା । ଦୂରେଇ ଯାଉଛି କଳ୍ପନା । ଜୀବନଟା ସ୍ୱପ୍ନ ନୁହେଁ-ନଗ୍ନ ବାସ୍ତବ । ନନ୍ଦିନୀର ଆଖି ଆଗରେ ଗୋଟି ଗୋଟି ହୋଇ ନାଚି ଉଠେ, ବୋଉର ଅଶ୍ରୁ, ପ୍ରଶାନ୍ତର ମିନତି, ତ୍ରୈଲୋକ୍ୟଙ୍କର କାମନା, ଅଶୋକର ଭାଷା, କିଶୋରଙ୍କର ବିନୟ...ଭିତରର ମଣିଷ ଚିତ୍କାର କରିଉଠେ । ମୁଁ ତୋର

କଥା ମାନିବ ଚୋଉ, କିଣ୍ଟପୁ ମାନିବ । ନନ୍ଦଣୀର ଛାତିରେ ଚମକ ଲାଗେ । ଚୋଉର କଥା ମାନିବ ? କିନ୍ତୁ କିଶୋର, ପ୍ରଶାନ୍ତ, ଅତଶୀକ କାହାନ୍ତି ? ଆଖିରେ ଲୁହ ପୂରି ଆସେ । ମନେ ପଡ଼େ ପନ୍ଦର ବର୍ଷ ତଳର କିଶୋରଙ୍କର ସେଇକଥା । 'ମନେ ରଖିବ ନନ୍ଦା ! ଶକ୍ତିତା ଭିତରେ ସୃଷ୍ଟିର ପ୍ରେରଣା ନ ଥାଏ, ଖାଲି ଥାଏ ବ୍ୟର୍ଥତାର ଦୀର୍ଘଶ୍ୱାସ ଆଉ ଅଶ୍ରୁ ।'

ନନ୍ଦଣୀର ହୃଦୟ ଫାଟି ପଡ଼େ ଦୁଃଖରେ । କହିଁ କହିଁ ହେଇ କାନ୍ଦ ଉଠେ ସେ । ଇଚ୍ଛାହୁଏ ଧାଇଁଯାଇ କିଶୋରଙ୍କର ପାଦ ତଳେ ମୁଣ୍ଡ ପିଟି କହନ୍ତା, କ୍ଷମାକର କିଶୋର ! କ୍ଷମାକର ମତେ । କଳ୍ପନାକୁ ନେଇ ଜୀବନ ନୁହେଁ, ଜୀବନକୁ ନେଇ କଳ୍ପନା । କଳ୍ପନାର ରୂପରେଖ ପାଇଁ ବାସ୍ତବର ପ୍ରୟୋଜନ ଖୁବ୍ ବେଶୀ । ମୁଁ ଆଜି ତାହା ଅନୁଭବ କରୁଛି ।

କିନ୍ତୁ କିଶୋର କାହାନ୍ତି ? ନନ୍ଦଣୀର ପ୍ରତୀକ୍ଷିତ ହୃଦୟର ସ୍ୱପ୍ନକୁମାର କିଶୋର କାହାନ୍ତି ? ନିଜର ଶୀକାର ନିଜେ ହେବାହିଁ ସାର ହୁଏ ଖାଲି ।

\+ \+ \+

ଦିନ ଗଡ଼ି ଚାଲିଲା । ବ୍ୟଥିତ ଅଶ୍ରୁଳ ଜୀବନର କେତେ ପ୍ରଭାତ, କେତେ ସଂଧ୍ୟା ଶ୍ୟାମ ସ୍ନିଗ୍ଧ ପଲ୍ଲୀର ସେଇ ଛୋଟ କୋଠରୀଟି ଭିତରେ ଆସି ପୁଣି ଫେରି ଗଲା । କିନ୍ତୁ ନନ୍ଦଣୀର ସେ ବିଗତ ଦିନ ଆଉ ଫେରି ଆସିଲାନାହିଁ । ବେଳକୁ ବେଳ ଜୀବନ ଦୁର୍ବିସହ ହୋଇ ଉଠିଲା । ଭୁଲି ହେଇଗଲା ତାର ତାଳ ତମାଳ ତୋଟା, ଭୁଲି ହେଇଗଲା ତାର ଚପଳ ତରଳ ମାୟାବତୀ, ଭୁଲି ହେଇଗଲା ତାର ବକୁଳ, ମାଧବୀ କୁଞ୍ଜ । ଦୂରରେ ପଡ଼ିରହିଲା ପ୍ରାଣପ୍ରିୟ ଲେଖନୀ । ମନର ଓହର୍

କୋଣରେ ହଜିଗଲା କଳ୍ପନାର ରୁପ ରଙ୍ଗ । ମନ ଭିତରେ ଖାଲି ବ୍ୟର୍ଥତାର ଦୀର୍ଘଶ୍ୱାସ, ଆଖିରେ ଖାଲି ସବୁହରାର ଚାହାଣୀ ଭରିଗଲା ।

ଦିନପରେ ରାତି, ରାତିପରେ ଦିନ ସବୁ ସବୁ ଆସେ । କିନ୍ତୁ ବୁଝି ହୁଏ ନାହିଁ ! କଣ ହେଲା ? କୁଆଡ଼େ ଗଲା ମନର ସେ ଦାମ୍ଭିକତା ? ନିଜକୁ ଭୁଲିକରି ଚାହେଁ ନନ୍ଦନୀ । ଅରଣିରେ ନିରେଖି ନିରେଖି ଚାହେଁ ମୁହଁକୁ । ଗହଳ କବରୀର କୃଷ୍ଣତା ଧୀରେ ଧୀରେ ଲିଭି ଆସୁଛି । କପାଳର ଦୁଇ କଡରେ ସେଇ ଦୁଇଟେକା ବାଳ ଅଜବ ଶୁଭ୍ର ହୋଇ ଉଠିଲାଣି । ନାକ ଚୂଡ଼ାର ଦୁଇ ପାଖରେ ଲମ୍ବି ଗଲାଣି ଦୁଇଟି ରେଖା ।

ବିଚଳିତ ହୋଇପଡ଼େ ନନ୍ଦନୀ । ଇଚ୍ଛାହୁଏ ରେଖା ଦୁଇଟାକୁ ହାତରେ ଘଷି ଲିଭେଇ ଦିଅନ୍ତା । ପୁଣି ଫେରି ଯାଆନ୍ତା କି ସେଇ ପନ୍ଦର ବର୍ଷ ତଳକୁ । ଯତ୍ନ କରି ମୁଣ୍ଡ ବାନ୍ଧନ୍ତା । ବେଣୀରେ ଝୁଲାନ୍ତା ବଉଳ ମାଧବୀର ପୁଞ୍ଜି । ଏଇ ବିଶାଳ ଆଖି ଯୋଡ଼ାକରେ ଟାଣି ଦିଅନ୍ତା କଜଳ । ପ୍ରଶାନ୍ତ ଆସନ୍ତା, ଗୋଟି ଗୋଟି କରି କହି ଯାଆନ୍ତା ମନର ଅଜଣା କଥା । ଶୁଣନ୍ତା ନନ୍ଦନୀ । ପ୍ରଶାନ୍ତର କୋଳରେ ଛୋଟ ଶିଶୁଟି ପରି ଶୋଇ ଶୋଇ ସେ ଖାଲି ଶୁଣନ୍ତା । ଉତ୍ତର ଦିଅନ୍ତା ନାହିଁ ।

ଆଖିରେ ଲୁହ ଭରିଆସେ । ସବୁ ସ୍ୱପ୍ନ । ସବୁ ଆତ୍ମ-ପ୍ରବଞ୍ଚନା । କାହିଁ ପ୍ରଶାନ୍ତ ? ପ୍ରଶାନ୍ତ ଯଦି ଆସନ୍ତା……

ବିଛଣାରେ ଢଳି ପଡ଼େ ନନ୍ଦନୀ । ସବୁ ଦିନର ସେଇ ଶୂନ୍ୟ ଖଟଟା । ସୁସଜ୍ଜିତ ଶଯ୍ୟା । ଗୋଡ଼ରେ ଟାଣି ଟାଣି ଲେଗୁ କୋଗୁ କରିଦିଏ । ମୁଣ୍ଡତଳୁ ତକିଆ କାଢ଼ି ଫିଙ୍ଗି ଦିଏ ଦୂରକୁ ।

ଛାତି ତଳେ ଦୁଇହାତ ଗୁଡ଼ିଧରି ଭେଁ ଭେଁ ହୋଇ କାନ୍ଦି ଉଠେ ।

ସେଇ ଲୁହ ଭିତରେ ପ୍ରଶାନ୍ତର ଶାନ୍ତ କରୁଣ ମୁଖ ଛବି ଭାସି ଉଠେ । କବି ନୁହେଁ ପ୍ରଶାନ୍ତ-ଶାନ୍ତି କି ନୁହେଁ । ତଥାପି ନିକଟକୁ ଆସୁ । ନ ଗାଉ ପଛେ ସେ ନନ୍ଦିନୀର ଅବାହନା, ନନ୍ଦିନୀ ତା'ର ଗାଇବ । ତା ଅନୁପମ ସୌନ୍ଦର୍ଯ୍ୟର ପୂଜା କରିବ । ତା ସୁନ୍ଦର ଭ୍ରୂରୁ ତଳେ ଯେଉଁ ଭାଷା ଛପି ରହିଛି ତାକୁ ନେଇ ନନ୍ଦିନୀ ତା ସୃଷ୍ଟିର ଜୀବନ୍ୟାସ କରିବ ।

କିନ୍ତୁ କେହି ଫେରନ୍ତି ନାହିଁ । ନନ୍ଦିନୀର କୃଷ୍ଣକେଶ ଅଉରି ଶୁଭ୍ର ହୋଇ ଉଠେ । ଅନ୍ତର ତଳେ ସୁପ୍ତ ମାତୃତ୍ୱ ବିଳପି ଉଠେ । ଚଳଚିତ୍ର ପରି ଆଖି ଆଗରେ ଭାସି ଭାସି ଯାଆନ୍ତି ନଳିନୀର ତିନୋଟି ଶିଶୁ । ବହୁ ଦୂରରୁ ଭାସି ଆସେ ଶିଶୁ କଣ୍ଠର କଅଁଳ ଡାକ, ମା...

ଏ ପଟ ସେପଟ ଅନାଏ ନନ୍ଦିନୀ । କେହି କୁଆଡ଼େ ନାହାନ୍ତି । ସେ ଡାକ ଯେମିତି ତା ହୃଦୟର ରୁଦ୍ଧ ଦ୍ୱାର ଖୋଲି ବାହାରକୁ ଆସୁଛି । ସେ ଖାଲି ଅନୁଭବ କରେ । ଇଚ୍ଛାହୁଏ ପୁଷ୍ପ କୋମଳ ଶିଶୁକୁ ବକ୍ଷରେ ଯାକି ରଖି ଆରାମରେ ଶୋଇ ଯାଆନ୍ତା ।

ତକିଆଟାକୁ ଗୋଟେଇ ଆଣି ଛାତି ଉପରେ ଭିଡ଼ି ଧରେ ନନ୍ଦିନୀ । ମନହୁଏ ଏଇ ଯଦି ଶିଶୁ ହୋଇ ତା ବକ୍ଷରୁ ଅମୃତର ଧାରା ପିଇ ପାରନ୍ତା...ହେଲେ କଣ ତା ହେବ ?

ସଙ୍ଗହୀନ ପରି ଆଖି ବୁଜି ଶୋଇଯାଏ ନୀରବ କୋଠରୀର ନିର୍ଜନତା ଭିତରେ । ଥରେ ନୁହେଁ ବହୁଥର ।

ଆଜି ପୁଣି ବସନ୍ତ ଆସିଛି । ପନ୍ଦର ବର୍ଷ ତଳର ନନ୍ଦିନୀର

ଉଣେଇଶ ବର୍ଷର ସେଇ ସୁଫଳାତ ତନୁ, ଜଳନ୍ତ ବକ୍ଷ, ଦାମ୍ଭିକ ମନ ନାହିଁ ଅଜ । ତଥାପି ବସନ୍ତ ଅସିଛି । ତାର ଏଇ ମହୁଲ ସଂଙ୍ଗରେ ମନ ଭିତରେ ଫେରି ଆସୁଛି ଅତୀତର ସେଇ ଦିନ ଗୁଡ଼ିକ । ଯାହାର ସାର୍ଥକତାରେ ଫୁଟି ଉଠି ଥାଆନ୍ତା ରକ୍ତ ମାଂସର କଳିକା । କିନ୍ତୁ...ସେ ଖାଲି ଅଳି ସ୍ୱପ୍ନତ୍ରର ଫୁଟିଛି । ସୁଗନ୍ଧର ସଂକେତ ଦେଉଛି ।

ଟେବୁଲ ଉପରେ ଥୁଆ ହୋଇଛି ନଳିନୀର ଚିଠି । ବେଳ ଅବେଳରେ ପଦେ ଅଧେ ଲେଖିଥାଏ ନଳିନୀ । ଖୋଲି ପଢିଲା ନନ୍ଦିନୀ । କଣ ଲେଖିଛି ନଳିନୀ...ଉଃ...

ଆଉ ପଢି ପାରିଲା ନାହିଁ ନନ୍ଦିନୀ । ନିସ୍ତେଜ ହୋଇ ଚୌକୀ ଉପରେ ଢଳି ପଡ଼ିଲା । ଥର ଥର ହାତରୁ ଖସି ପଡ଼ିଲା ଚିଠି ଖଣ୍ଡିକ । ଆଖିରୁ ଝରି ପଡ଼ିଲା ଧାର ଧାର ଲୁହ । ତାର ଅତୃପ୍ତ ଜୀବନକୁ ବିଷୟ ବସ୍ତୁ କରି ନଳିନୀ ତାକୁ ବିଦ୍ରୂପ କରିଛି । ତାର ଦୟାକୁ ଉପାଦାନ କରି ତାକୁହିଁ ବିଦ୍ରୂପ କରିଛି । ଠିକ୍ କରିଛି । ଠିକ୍ କରିଛୁ ନଳିନୀ ! ଠିକ୍ କରିଛୁ ତୁ । ମୋର ଦୟା ନୁହେଁ, ତୁ ଜିତିଚୁ । ସଂଗ୍ରାମ କରି ତୁ ଅଶୋକକୁ ପାଇଚୁ । ସେ ମୋର ନୁହେଁ, ତୋର ଗୌରବ ।

ଲଜ୍ଜା, ଅପମାନ, ଦୁଃଖରେ ନନ୍ଦିନୀର ହୃଦୟ ଫାଟି ପଡ଼ିଲା ।

# ସଂଧାନ

ନୂତନ ଜୀବନର ପ୍ରଥମ ସୋପାନରେ ପାଦ ଦେଇ ପ୍ରଶାନ୍ତ ଭାବୁଥିଲେ । ନିରୋଳା କୋଠରୀର ଗୋଟିଏ କୋଣରେ ନିଜର ମହତ୍ତ୍ୱ ସୂଚେଇ ଆଲୋକ ବିତରଣ କରି ଜଳୁଥିଲା ପ୍ରଦୀପଟିଏ । ତାଙ୍କ ପ୍ରଣୟର ମୂକ ସାକ୍ଷୀ ସେ ।

ଅଳ୍ପ ସମୟ ପରେ ଚନ୍ଦ୍ରିକା ଆସିବେ । ନବବଧୂ ଚନ୍ଦ୍ରିକା । ବୁକୁଭରା ପ୍ରଣୟ ସମ୍ଭାର ନେଇ ଏଇ ଦୀପାଲୋକ ତଳେ ହୃଦୟ ଦେବତାର ପାଦ ତଳେ ପ୍ରେମର ଅର୍ଘ୍ୟ ଢାଳି ଦେବାପାଇଁ ଶାନ୍ତ ମନ୍ଥର ଗତିରେ ଚନ୍ଦ୍ରିକା ଆସିବେ । ତାଙ୍କ ପଦର ଛନ୍ଦେ ଛନ୍ଦେ, ତାଙ୍କ ନୂପୁର ସିଞ୍ଜିନୀର ତାଳେ ତାଳେ ପ୍ରଶାନ୍ତଙ୍କ ଶିଳ୍ପୀ ଜୀବନ ପୁଲକି ଉଠିବ । ହୃଦୟ ପୂରି ଉଠିବ ଏକ ମଧୁ ରାଗିଣୀରେ ।

ବଧୂ ଚନ୍ଦ୍ରିକା ଆସିବେ । କିନ୍ତୁ...

ପ୍ରଶାନ୍ତଙ୍କ ପଞ୍ଜରା ତଳେ ସ୍ପନ୍ଦନ ଜାଗି ଉଠିଲା । ନିଶ୍ୱାସ ପ୍ରଶ୍ୱାସର କ୍ଷିପ୍ର ଗତିରେ ଯୁଗ ଯୁଗର ରଙ୍ଗୀନ ସ୍ୱପ୍ନ ଯେମିତି ଉଡ଼ି ଉଡ଼ି କେଉଁ ସୁଦୂର ଭୂଇଁକି ଚାଲିଯିବ । ଚନ୍ଦ୍ରିକା ଯଦି ତାଙ୍କ ଶିଳ୍ପୀ ଜୀବନକୁ ଅଭିନନ୍ଦନ ନ ଜଣାନ୍ତି...

ଶୂନ୍ୟ ଦୃଷ୍ଟିରେ ପ୍ରଶାନ୍ତ ଦୂରକୁ ଚାହିଁଲେ । ବୈଶାଖୀ ଜ୍ୟୋତ୍ସ୍ନାର ଶୀତଳ ପ୍ଲାବନ ତଳେ କାହାର ଶାନ୍ତ ତନୁଶ୍ରୀ ଉଦ୍ଭାସିତ ହୋଇ ଉଠିଲା । ଲଜ୍ଜା ବିନମ୍ର ତୋଳା ତଳେ ପ୍ରେମ ମୁଗ୍ଧ ହୃଦୟର ଅଗଣିତ ଭାଷା, ରଙ୍ଗିଣୀ ଓଠ ତଳେ ବୁକୁର ଅସୀମ ପିପାସା ଧରି ସେ ଯେମିତି ଶିଳ୍ପୀ ପ୍ରଶାନ୍ତଙ୍କର ପ୍ରତୀକ୍ଷା କରୁଚନ୍ତି । ଅବଗୁଣ୍ଠନର ଅନ୍ତରାଳରେ ଆଗାମୀ ଜୀବନର ଶୁଭ ସଙ୍କେତ । ଶିଳ୍ପୀ ଦୂରକୁ ଭାସି ଗଲେ । ଲଜ୍ଜାବତୀ କିଏ ? ସେ ଛବି ଯେମିତି ନବବଧୂ ଚନ୍ଦ୍ରିକାଙ୍କ ବ୍ୟତୀତ ଅନ୍ୟ କାହାରି ନୁହେଁ ।

ସୁରଭିତ ପଦ ଧୂଳି ଚନ୍ଦ୍ରିକା ଆସିବେ । ଆଉ କେଇଟି ମୁହୂର୍ତ୍ତ ପରେ । କିନ୍ତୁ ପ୍ରଶାନ୍ତ କଣ ଦେଇ ତାଙ୍କର ଅର୍ଚ୍ଚନା କରିବେ ।

ପ୍ରଶାନ୍ତ ସଙ୍ଗୀତ ଶିଳ୍ପୀ ଆଉ ଚିତ୍ର ଶିଳ୍ପୀ । ବଧୂ ଚନ୍ଦ୍ରିକାଙ୍କର ଆଗମନୀ ସେ ମଧୁର ବିଭୋର କଣ୍ଠରେ ଗାଇବେ । ଈଶ୍ୱର ତାଙ୍କ ହୃଦୟରେ ଭାଷା ଦେଇଚନ୍ତି । ତାଙ୍କ ପଦପାତର ଲକ୍ଷେ ସ୍ୱର୍ଣ୍ଣ ନଳିନର ମାଳା ରଚନା କରିବ ତାଙ୍କର ତୂଳୀ, ରୂପ ପ୍ରସ୍ଫୁଟନ ପାଇଁ ତୂଳୀରେ ତାଙ୍କର ଈଶ୍ୱର ଅପୂର୍ବ ଶକ୍ତି ଦେଇଚନ୍ତି ।

ତାରି ପ୍ରତୀକ ଦୁଇଖଣ୍ଡି ଛବି । ଅତି ସୁନ୍ଦର ଆଉ ଲୋଭନୀୟ । ଖଣ୍ଡିଏ ସ୍ରଷ୍ଟାଙ୍କର ପ୍ରତିଛବି ହାତରେ ତାନପୁରା ଆଉ ତୂଳୀ, ଅନ୍ୟଟି ସୃଷ୍ଟି । ଆକାଶରେ ନବ ମେଘର ସୂଚନା । ସବୁଜ ବନାନୀ କୋଳରେ ଉନ୍ମତ୍ତ ମୟୂର ଚିତ୍ରିତ ପୁଚ୍ଛ ତୋଳି ନୃତ୍ୟର ସଙ୍କେତ ଦେଉଚି । ଦୂରରେ ମୁଗ୍ଧା ବିଭୋର ପ୍ରେୟସୀ । ଶିଳ୍ପୀଙ୍କର ରଙ୍ଗ ତୂଳୀରେ ଛବିଟି ଜୀବନ୍ତ ହୋଇ ଉଠିଚି ।

ସାର୍ଥକ ସୃଷ୍ଟି ତାଙ୍କର । ପ୍ରଶାନ୍ତ ମୁଗ୍ଧ ଆଖିରେ ନିଜର ସୃଷ୍ଟିକୁ ଚାହିଁ ରହିଲେ ।

ଦୀପାଲୋକ ମଳିନ ଦିଶିଲାଣି । ରାତିର ଶେଷ ପ୍ରହର । ସ୍ୱପ୍ନାଲୋକ ଭିତରେ ନାଚି ଉଠିଲା ଏକ କମନୀୟ ସ୍ୱପ୍ନ । ଚମକି ଉଠିଲେ ପ୍ରଶାନ୍ତ । ଦ୍ୱାର ଦେଶରେ ବଧୂ ଚନ୍ଦ୍ରିକା । ହୃଦୟ ମନ୍ଦିରର ନୂତନ ଅତିଥି । ଅଭ୍ୟର୍ଥନା କରିବାକୁ ଆଗେଇ ଆସିଲେ ଶିଳ୍ପୀ । ହାତରେ ସ୍ରଷ୍ଟା ଆଉ ସୃଷ୍ଟିର ପ୍ରତୀକ ସେଇ ଛବି ଦୁଇଖଣ୍ଡ । ନବବଧୂ ଚନ୍ଦ୍ରିକାଙ୍କର ସେଇ ତନ୍ଦ୍ରଳ ଆଖିର ତୀରେତୀରେ ସ୍ୱପ୍ନର ନିଶା । ଓଠତଳେ ହସର ମଧୁର ନିର୍ଝର । ବ୍ରୀଡ଼ାନତ ଦୃଷ୍ଟି ତୋଳି ଶିଳ୍ପୀଙ୍କର ପାଦ ତଳେ ପ୍ରଣତି ଜଣେଇଲେ ଚନ୍ଦ୍ରିକା । ଛାତି ଉପରେ ତାଙ୍କର ସ୍ରଷ୍ଟା ଆଉ ତାଙ୍କର ସୃଷ୍ଟି । ପ୍ରଶାନ୍ତଙ୍କର ହୃଦୟ ତନ୍ତ୍ରୀରେ ମଧୁରାଗିଣୀ ବାଜି ଉଠିଲା ।

× × × ×

ପ୍ରଶାନ୍ତ ଦରିଦ୍ର । ସଙ୍ଗୀତର ଝଙ୍କାର ଚିତ୍ରର ମାଧୁର୍ଯ୍ୟ ନେଇ ଦରିଦ୍ର ସଂସାରର ମର୍ମାନ୍ତିକ ଅଭାବର ଉତ୍ପାଟନ କରି ହୁଏ ନାହିଁ ସିନା, ନିତ ନୂଆ ନୂଆ ରଙ୍ଗ ରାଗରେ ହୃଦୟ ରଞ୍ଜିତ ହୋଇ ଉଠେ । ଅଭାବର ରୁକ୍ଷତା ଉପରେ ମନର ଘନ ପତ୍ରାବଳୀ ବିକାଶ ଲାଭକରେ ଦାରିଦ୍ର୍ୟକୁ ଉପହାସ କରି ।

ଜଳନ୍ତା ଜଠର ପାଇଁ ଅନ୍ନର ପ୍ରୟୋଜନ କଳାର ନୁହେଁ । ଅନ୍ନ ସମସ୍ୟାର ସମାଧାନ ପାଇଁ ନିଜର ଉଜ୍ଜ୍ୱଳ ପ୍ରତିଭାକୁ ପଇଁଷଠି ଟଙ୍କାର କ୍ଷୁଦ୍ର ଅସର ଭିତରେ ବନ୍ଦୀ କରିଚନ୍ତି ଶିଳ୍ପୀ

ପ୍ରଶାନ୍ତ । ତଥାପି ଅଭାବ ମେଣ୍ଟି ନାହିଁ । ବିଶ୍ୱ ଦରବାରରେ ନିଃସ୍ୱ ରୂପରେ ଠିଆ ହୋଇଛନ୍ତି ଶିଳ୍ପୀ । ସେ ଦରିଦ୍ର । ଦୁନିଆ ଆଖିରେ ତାଙ୍କର କିଛି ନାହିଁ । କିନ୍ତୁ ଅଛି । ଆଜି ସେଇ ଥିବା ଭିତରେ ବଞ୍ଚି ରହିଛି ତାଙ୍କର ମନର ମଣିଷ । କେବେ ସେ କାନ୍ଦିଛି, ମୁକ୍ତି ପାଇଁ ରୁଦ୍ଧ ହୃଦୟ ମନ୍ଦିର ଭିତରେ ଝୁରି ଝୁରି କେତେ ଅଶ୍ରୁ ଢାଳିଛି । ଆଜି କେବେ ସେ ହସିଛି । ହୃଦୟ ବୀଣାରେ ସଂଗୀତର ଝଙ୍କାର ତୋଳି ତାରି ଭିତରେ ନିଜକୁ ବିଲୀନ କରି ଦେଇଛି ।

ଶିଳ୍ପୀ ପ୍ରଶାନ୍ତ ଆଙ୍କନ୍ତି । ସେଇ ଆଙ୍କିବା ଭିତରେ ତୋଳି, ଲୁଣି, ରୋଗ, ଶୋକ, ଜରା, ମୃତ୍ୟୁର ସଂସାର ଛାଡ଼ି ସେ ଉଡ଼ି ଯାଆନ୍ତି ବିଭବଶାଳୀ ଅମରାବତୀକୁ । ବିରହୀ ଯକ୍ଷର ଅଶ୍ରୁ ତୂଳୀ ମୁନରେ ତାଙ୍କର ବର୍ଷାର ଧାରା ହୋଇ ଝରି ପଡ଼େ । ସେଇ ଅଶ୍ରୁ ସାଥିରେ ନିଜର ଅଶ୍ରୁ ମିଳିଯାଏ । ଭୋ ଭୋ ହୋଇ କାନ୍ଦି ଉଠନ୍ତି ପ୍ରଶାନ୍ତ । ହୃଦୟ ତାଙ୍କର ବ୍ୟଥାରେ ଭାଙ୍ଗି ପଡ଼େ । ହାତରୁ ଖସି ପଡ଼େ ତୂଳୀ । ପାପୁଲିରେ ଲୁହ ପୋଛନ୍ତି । ପୁଣି ମନର ରୂପ ବଦଳେ । ତୂଳୀ ମୁନରେ ତାଙ୍କର ଜୀବନ୍ତ ହୋଇ ଉଠନ୍ତି ପ୍ରଣୟିନୀ ବାସବଦତ୍ତା । ବୀଣାର ମଧୁର ରାଗିଣୀ ସହିତ ମୁଗ୍ଧ ହୃଦୟର ଭାଷା ମିଶେଇ ପାଦ ତଳେ ତାଙ୍କର ପ୍ରଣୟର ଅର୍ଘ୍ୟ ଢାଳି ଦିଅନ୍ତି ପ୍ରଣୟୀ ଉଦୟନ । ବିଭୋର ହୋଇ ଉଠନ୍ତି ପ୍ରଶାନ୍ତ । ଉଦୟନଙ୍କ ଭିତରେ ତାଙ୍କର ପ୍ରଣୟ ଯେମିତି ଉଜ୍ଜୀବିତ ହୋଇ ଉଠେ ଆଜି ବାସବଦତ୍ତାଙ୍କ ଭିତରେ ଦେଇଁ ଉଠନ୍ତି ବଧୂ ଚନ୍ଦ୍ରିକା । ଗୋଟାଏ ଅବେଗରେ ଚିତ୍କାର କରି ଉଠନ୍ତି ପ୍ରଶାନ୍ତ

ଚନ୍ଦ୍ରିକା...ଚନ୍ଦ୍ରିକା...

ପାଖରେ ଠିଆ ହୁଅନ୍ତି ଚନ୍ଦ୍ରିକା । ଶିଳ୍ପୀର ପ୍ରେୟସୀ ତାଙ୍କର ପ୍ରଣୟିନୀ ବାସବଦତ୍ତା । ତାଙ୍କୁ ଛାତିରେ ଭିଡ଼ି ଧରି ଉନ୍ମତ୍ତ ପରି ପ୍ରଶାନ୍ତ କହନ୍ତି—

ତମେ ବାସବଦତ୍ତା ଚନ୍ଦ୍ରିକା ! ତମେ ଅବନ୍ତୀର ରାଜକୁମାରୀ । ତମେ ବତ୍ସରାଜ ଉଦୟନଙ୍କର ପ୍ରଣୟିନୀ ।

ଚନ୍ଦ୍ରିକା ଚିତ୍ରପଟକୁ ଚାହାନ୍ତି । ହସନ୍ତି । ସେ ହସ ତଳେ ଦାରିଦ୍ର୍ୟର ଉତ୍ପୀଡ଼ନ ନ ଥାଏ । ଅଚ୍ଛନ୍ନ ଥାଏ କଳାକାର ପ୍ରଣୟର ଗର୍ବ ଆଉ ଗୌରବ ।

କେବେ କେବେ ତୁଳୀ ଧରି ଦୂରକୁ ଚାହାନ୍ତି ପ୍ରଶାନ୍ତ । ଆକାଶର ପରିବ୍ୟାପ୍ତ ନୀଳିମା ଭିତରେ ଦୃଷ୍ଟି ତାଙ୍କର ହଜିଯାଏ । ସେଇ ନୀଳିମା ଭିତରେ ରୂପାୟିତ ହୋଇ ଉଠେ କେତେ ଛବି । ଫଗୁଣର ଫଗୁଲା ସଞ୍ଜ । କୋଇଲିର କୁହୁ ତାନ, ପୁଣି ଚୈତ୍ରର ପୌର୍ଣ୍ଣମାସୀ । ଫୁଟନ୍ତା ରକ୍ତ ଗୋଲାପ, ବୁଲ୍‌ବୁଲ । କବି ଓମରଖୈୟାମ । ରୂପସୀ ଯୌବନା ସାକୀ ହାତରେ ପରିପୂର୍ଣ୍ଣ ସୁରାପାନ । ଶିଳ୍ପୀ ପିଅନ୍ତି । ପିଅନ୍ତି ପରେ ପିଆଲା ନିଃଶେଷ ହୋଇଯାଏ । ମାନସ ଗୋଲାପ କୁଞ୍ଜରେ ବସି ହୋଇ ସାକୀ କୋଳରେ ଢଳି ପଡ଼ନ୍ତି ଶିଳ୍ପୀ । ଆଖି ବୁଜି ହୋଇଯାଏ ନିଶାର ମାଦକତାରେ । ଆକାଶରୁ ଜ୍ୟୋତ୍ସ୍ନା ଝରିପଡ଼େ । ତାକୁ ଚୁମ୍ବି ଚୁମ୍ବି ଶିଳ୍ପୀ ନିଜେ ଶୁଭ୍ର ଜ୍ୟୋତ୍ସ୍ନା ପାଲଟି ଯାଆନ୍ତି । ଚୈତ୍ର ଜ୍ୟୋତ୍ସ୍ନାର ମହା ଶୁଭ୍ରତା ଭିତରେ ତାଙ୍କର ରୂପ ରେଖ ହଜିଯାଏ । ମୁଗ୍ଧା ହରିଣୀ ପରି ଖାଲି ଚୁମ୍ବି ରହନ୍ତି ବଧୂ ଚନ୍ଦ୍ରିକା ।

ଦିନ ଗଡ଼ିଗଲେ । ଝଡ଼ ଝଞ୍ଜା ଭିତର ଦେଇ ସଂସାର ତରଣୀ ଦୁଇଟି ସହଯାତ୍ରୀଙ୍କର ସାହଚର୍ଯ୍ୟରେ ଭାସି ଚାଲେ ଦୂରକୁ...ବହୁ ଦୂରକୁ...

ତରଣୀ ବାହିବା ବହୁ କଷ୍ଟସାଧ୍ୟ ହେଲେ ମଧ୍ୟ ସଂଗୀତର ମୂର୍ଚ୍ଛନା ପାଇଁ ଶିଳ୍ପୀଙ୍କର ହାତରେ ତାନପୁରା ତୋଳି ଦିଅନ୍ତି ଚନ୍ଦ୍ରିକା । କଳାକାରର ବଧୂ ସେ, ମାନସୀ । ମୁଗ୍ଧ ନୟନରେ ଚାହିଁ ରହନ୍ତି ପ୍ରଶାନ୍ତ । ମୁଁ ଭାଗ୍ୟବାନ ହେବି !

ସଂଗୀତର ପ୍ରବାହ ଛୁଟେ ! ମୁଖରିତ ହୋଇ ଉଠେ ଜୀବନ । ଦାରିଦ୍ର୍ୟର ରୁକ୍ଷତା ଉପରେ ଆନନ୍ଦର ପ୍ଲାବନ ହୁଏ । ପଛରେ ପଡ଼ିରହେ ଗୋଟିଏ ଲକ୍ଷ ସଂସାରର ଦୁଃଖ, କଷ୍ଟ, ଅଭାବ, ଅନାଟନ ।

ଦିନପରେ ଦିନ, ମାସପରେ ମାସ, ବର୍ଷପରେ ବର୍ଷ କଟି-ଗଲା । ଦୁଇଟି ସରଳ ତରଳ ଜୀବନ ପ୍ରବାହର ସମ୍ମିଶ୍ରଣରେ ଫୁଟି ଉଠିଲା ଏକ ସୁରଭିତ ଶତଦଳ । ପ୍ରେୟସୀ ଚନ୍ଦ୍ରିକା ହେଲେ ଜନନୀ ।

କଳାକାର ପ୍ରଶାନ୍ତଙ୍କର ଜୀବନ ତଟିନୀ କଳ ତାନରେ ମନ୍ଦ୍ରିତ ହୋଇ ଉଠିଲା । ପ୍ରଣୟ ସମ୍ଭାରର ବିପୁଳତା ଜୀବନ ସ୍ୱପ୍ନର ନିବିଡ଼ତା ଭିତରେ ଯୌବନ ଲତିକା ପୁଷ୍ପିତ ହୋଇ ଉଠିଛି । କଳାକାର ମନର ରଙ୍ଗନେଇ ପାଖୁଡ଼ା ତାର ରଙ୍ଗୀନ ହୋଇ ଉଠିବ । ଜୀବନର ସୌରଭ ନେଇ ଅନ୍ତର ତାର ସୁରଭିତ ହୋଇ ଉଠିବ । ହୃଦୟର ଅସୀମ ଆନନ୍ଦରେ ଭବିଷ୍ୟତ ଅତୀତ ବର୍ତ୍ତମାନର ଯୋଗାଯୋଗ ରଖି ଦୁଇଟି ସୁଷମିତ ଶତ

ଯୋଜନାରେ ଶିଳ୍ପୀ ପ୍ରଶାନ୍ତ ପୁଅର ନାମ କରଣ କଲେ, ଲଳିତା ରଞ୍ଜନ ।

ପୁଅକୁ କୋଳରେ ଧରି ଆନନ୍ଦର ଅସୀମତା ଭିତରେ ହଜି ଯାଇଥିଲେ ଚନ୍ଦ୍ରିକା ।

ଭାଗ୍ୟବତୀ ମୁଁ । ତମକୁ ପାଇ ଜନ୍ମ ମୋର ଧନ୍ୟ ହୋଇଛି । ଆଜି ଯେଉଁ ଗୌରବର ଅଧିକାରିଣୀ ତମେ ମତେ କଲ, ତାହା ନାରୀ ଜୀବନର ଶ୍ରେଷ୍ଠ ସାର୍ଥକତା ।

ଶିଳ୍ପୀଙ୍କ କୋଳରେ ନିଜକୁ ଅର୍ପଣ କରି ତୃପ୍ତି ଆଉ ଗୌରବରେ ହସିଥିଲେ ଚନ୍ଦ୍ରିକା ।

କିନ୍ତୁ କ୍ଷୁଣ୍ଣ ହୋଇଲେ ଶିଳ୍ପୀ ପ୍ରଶାନ୍ତ । ଚନ୍ଦ୍ରିକାଙ୍କର ସେଇ ହସ ଭିତରେ ସେ ଶିଳ୍ପୀ ପ୍ରେୟସୀର ପ୍ରେରଣା ପାଇଲେ ନାହିଁ, ପାଇଲେ ମାତୃତ୍ୱର ସଙ୍କେତ ।

ବ୍ୟଥାରେ ନଇଁ ପଡ଼ିଲା ପ୍ରଶାନ୍ତଙ୍କର ହୃଦୟ । ଶିଳ୍ପୀର ସ୍ୱପ୍ନ ପ୍ରବଣ ଜୀବନ ଭିତରେ ସେ ଗୁନ୍ଥିଥିଲେ ପ୍ରେୟସୀ ଚନ୍ଦ୍ରିକାଙ୍କର ମଦିରସିକ୍ତ ଚାହାଣୀ, ଅକ୍ଷୁଣ୍ଣ ରୂପ ବୈଭବ, ତରଙ୍ଗାୟିତ ଯୌବନ । ତାଙ୍କର ଶିଳ୍ପୀ ମନ ଯୁଗ ଯୁଗ ଧରି କାମନା କରି ଆସିଥିଲା ପ୍ରିୟତମା ଚନ୍ଦ୍ରିକାଙ୍କର ହୃଦୟରାଜ୍ୟରେ ଏକଚ୍ଛତ୍ର ଆଧିପତ୍ୟ । ନାରୀର ନରମ ସ୍ପର୍ଶ ଫେନିଳ ସରାଗ ତାଙ୍କୁ ଜୀବନର ସରସ ଛନ୍ଦରେ ଛନ୍ଦାୟିତ କରି ରଖିଥିଲା । କିନ୍ତୁ ସେ ଛନ୍ଦ ଆଜି ନଷ୍ଟ ହୋଇ ଯାଇଛି । ଛନ୍ଦହୀନ ଜୀବନ ଦୁର୍ବିସହ ହୋଇ ଉଠିଛି ଶିଳ୍ପୀ ପ୍ରଶାନ୍ତଙ୍କ ପକ୍ଷେ ।

ଶୀତ ରାତିର ସୁଶୀତଳତା ଭିତରେ କାହାର ଅଭାବ ଅନୁଭବ

କରନ୍ତି ପ୍ରଶାନ୍ତ । ଭିତରେ ଅଦମ ବାସନା ଜାଗି ଉଠେ । ସେ ଘୁଞ୍ଚି ଯାଆନ୍ତି । ତାହାକୁ ବୁକୁ ଉପରକୁ ଭିଡ଼ି ଆଣିବାକୁ ହାତ ଲମ୍ବାନ୍ତି । କିନ୍ତୁ ଶୂନ୍ୟ ଶଯ୍ୟା । ଅଦୂରରେ ଶିଶୁ ସନ୍ତାନକୁ କୋଳରେ ଯାକି ଶୋଇ ଯାଇଛନ୍ତି ଚନ୍ଦ୍ରିକା । ବିଫଳତାରେ ପ୍ରଶାନ୍ତଙ୍କର ହୃଦୟ ଫାଟି ପଡ଼େ । ହଂସୁକ ହୋଇ ଉଠନ୍ତି ସେ ।

ଫଗୁଣର ମଧୁର ସନ୍ଧ୍ୟାର ଆବେଶରେ ଏକ ଚିରନ୍ତନ ଆକାଂକ୍ଷା ନେଇ ତାଙ୍କର ତାହା ସହିତ ମିଶି ଯିବାକୁ ଇଚ୍ଛା ହୁଏ । ସେ ଧାଇଁ ଯାଆନ୍ତି । କିନ୍ତୁ ପାଦ ଥକି ପଡ଼େ । ଝୁଅକୁ ଶୁଆଇ ପକାଉଛନ୍ତି ଚନ୍ଦ୍ରିକା । ମାତ୍ର ମନଭୁଲା ସଂଗୀତର ଝଙ୍କାର ସହିତ ଶିଶୁର ଅନୁକରଣୀୟ ଆ ଆ ଶବ୍ଦ କୋଠରୀର ବାତାବରଣକୁ ମୁଖରିତ କରି ଦେଉଛି । ଫେରି ଆସନ୍ତି ପ୍ରଶାନ୍ତ । ବୁକୁର ପଞ୍ଜରା ଥରେଇ ଦୀର୍ଘଶ୍ୱାସ ବାହାରି ଆସେ ।

ଆଷାଢ଼ର ଘୁମନ୍ତ ଆକାଶ ତଳେ ଛିଡ଼ା ହୋଇ ଦୂରକୁ ଚାହାନ୍ତି ପ୍ରଶାନ୍ତ । ଦିଗ୍‌ବଳୟର ସୀମାରେଖା ତଳେ ସ୍ୱର୍ଗ ପକ୍ଷୀ ଉଡ଼ି ଉଡ଼ି ଯାଆନ୍ତି । ବ୍ୟଥିତ ହୋଇ ଉଠନ୍ତି ଶିଳ୍ପୀ । ଭିତରର ମଣିଷ ତାଙ୍କର ବିକଳ ହୋଇ ଉଠେ । ଅନ୍ତରର ଆବେଗରେ ଚନ୍ଦ୍ରିକାକୁ ଭିଡ଼ି ଭିଡ଼ି ନେଇ ଆସନ୍ତି ସେ । କିନ୍ତୁ ମୁକ୍ତି ପ୍ରାର୍ଥନା କରନ୍ତି ଚନ୍ଦ୍ରିକା ।

ପୁଅ କାନ୍ଦୁଛି । ଖାଇନି । ତଳଠାରେ ପଡ଼ି କାନ୍ଦୁଛି ।

ବଜ୍ରାହତ ପରି ଚନ୍ଦ୍ରିକାକୁ ଛାଡ଼ି ଘୁଞ୍ଚି ଯାଆନ୍ତି ପ୍ରଶାନ୍ତ । ଶୂନ୍ୟ ହୃଦୟରେ ଆକାଶକୁ ଚାହିଁ ରହନ୍ତି ସେ । ଅଭିମାନରେ ବୁକୁ ବଧୂ ବିଳାପ କରି ଉଠେ ।

ଶ୍ରାବଣର ବର୍ଷୁକ ରଜନୀରର ଅଖିରେ ସ୍ୱପ୍ନର ଅଂଜନ ବୋଳି ଚନ୍ଦ୍ରିକାକୁ କୋଳରେ ଧରି ବିକଶିତ କଦମ୍ବରେ ଗଳ୍ପ ରଚନା କରନ୍ତି ପ୍ରଶାନ୍ତ । ମା'ର ଅର୍ଦ୍ଧନଗ୍ନ ବକ୍ଷ ଉପରୁ ସ୍ତନ୍ୟପାୟୀ ଶିଶୁଟି କୁନ୍ତୁ କୁନ୍ତୁ କରି ଗୃହୁଁ ରହୁଥାଏ । ନିର୍ବୋଧ ମନ ଭିତରେ ତାର ମାନବର ଆଦି ସମ୍ପଦ ପ୍ରତିକ୍ରିୟା ସୃଷ୍ଟି କରିପାରେ ନାହିଁ । ଚନ୍ଦ୍ରିକା ପୁଅକୁ ଗେଲ କରନ୍ତି । ତାର ଠିକ ଠିକ ଭ୍ରୁରୁରେ ଅଙ୍ଗୁଳି ଚଳେଇ ମୁଗ୍ଧ ଅଖିରେ ଗୃହିଁ ରହନ୍ତି ସ୍ୱାମୀଙ୍କୁ । କୁଞ୍ଚ କୁଞ୍ଚ ବାଳ, ବିକ୍ଷିପ୍ତ ହୋଇ ଅଜରି କୁଞ୍ଚିତ ହୋଇ ଉଠିଛି । ପ୍ରଶସ୍ତ ଲଲାଟ ତଳେ ସୁଦୀର୍ଘ ବଙ୍କିମ ଭ୍ରୁରୁ । ରଙ୍ଗିମା ଓଠ । ସବୁ ପ୍ରତିବିମ୍ବିତ ହୋଇ ଉଠିଛି ଶିଶୁର ମୁଖ ଦର୍ପଣରେ । ସତେ ଯେମିତି ଶିଶୁ ହୋଇ ପ୍ରଶାନ୍ତ ତାଙ୍କ କୋଳରେ ଆତ୍ମପ୍ରକାଶ କରିଛନ୍ତି । ହୃଦୟର ପ୍ରବଳ ଆବେଗରେ ପୁଅର କପାଳ ଚୁମ୍ବିଲେ ଚନ୍ଦ୍ରିକା ।

ଚଞ୍ଚଳ ହୋଇ ଉଠିଲା ଶିଶୁଟି । ଅସମର୍ଥ ଛୋଟ ହାତରେ ଫୁଟନ୍ତା କଦମ୍ବକୁ ମା'ର କବରୀ ଚ୍ୟୁତ କରେଇ ଦାନ୍ତରେ ତାର ଫୁଟନ୍ତଶ୍ରୀକୁ ମକଚେଇ ଦେଲା । ଅବୋଧ ମନ ପାଖରେ ତାର ଏତେବଡ଼ ଦାନର ମହତ୍ତ୍ୱ ଦୁର୍ବୋଧ ବସ୍ତୁ ରୂପେ ରହିଗଲା । କ୍ଷିପ୍ର ହୋଇ ଉଠିଲେ ପ୍ରଶାନ୍ତ । ଛୋଟ ଶିଶୁ ପାଖରେ ତାଙ୍କ ଦାନର ଅବମାନନା ତାଙ୍କୁ ଅନ୍ଧ କରିଦେଲା । ସ୍ଥାନ କାଳ ଭୁଲି ଶିଶୁର କୋମଳ କପାଳରେ ସଜୋରରେ ଆଘାତ କଲେ ସେ । ମା'କୁ ଜାବୁଡ଼ି ଧରି ଗହା ଧରିଲା ଶିଶୁଟି ।

ଚନ୍ଦ୍ରିକାଙ୍କର ମାତୃ ହୃଦୟ ଏକ ଅବ୍ୟକ୍ତ ବେଦନାରେ ପୂର୍ଣ୍ଣ

ଗଲା । କମଣ୍ଡଳୁ ତୋଳା ଜଳେ ଜମି ଆସିଲା ଅଶ୍ରୁ । ପୁଅକୁ ବକ୍ଷ ଉପରେ ଯାକି ଧରି ଶିଳ୍ପୀଙ୍କୁ ଚାହିଁଲେ ସେ । ଆଖିରୁ ତାଙ୍କର ଅଗ୍ନି କଣା ଝରି ପଡ଼ିଲା ।

ଉସ୍ ମଣିଷ ହୋଇ ତମେ ଏତେ ହୃଦୟହୀନ...

ଉଠି ପଡ଼ିଲେ ଶିଳ୍ପୀ । ଚନ୍ଦ୍ରିକାକୁ ଚାହିଁଲେ । ତାଙ୍କ ଆଖିରେ ସେ ଆଜି ଘୃଣିତ, ହୃଦୟହୀନ । କେଇଟି ବର୍ଷର ବ୍ୟବଧାନ ମାତ୍ର । ତାର ଭିତରେ କଣ ଏତେ ପରିବର୍ତ୍ତନ ସମ୍ଭବ ? କୁଆଡ଼େ ଗଲା ସେଦିନର ମୁଗ୍ଧ ବଧୂ ଚନ୍ଦ୍ରିକାଙ୍କର ସେ ବୁକୁଭରା ପ୍ରଣୟ, ସେ ଫେନିଲ ସଙ୍ଗୀତ ? ଦାରିଦ୍ର୍ୟର ଶତ ଉତ୍ପୀଡ଼ନକୁ ଯିଏ ଉପହାସ କରି ତାଙ୍କ ହୃଦୟ ତଳେ ପ୍ରେମ ଫଲ୍‌ଗୁ ବୁହାଇ ଦେଉଥିଲା, ସେ ଆଜି ନିଜ ହାତରେ ସେତୁ ରଚନା କରି ଶୁଷ୍କ କରି ଦେଇଛି । କାହିଁକି ? ଶିଶୁଟିକି ଚାହିଁ ଆହତ ହେଲେ ଶିଳ୍ପୀ ପ୍ରଶାନ୍ତ ।

ସମୟର ସ୍ରୋତ ବହି ଚାଲିଲା । ନୂତନ ଅତୀତର ଆବର୍ତ୍ତରେ ଶିଳ୍ପୀଙ୍କର ଯୁଗ୍ମ ଜୀବନ ଖଣ୍ଡିତ ହେଲା ସିନା ନିବିଡ଼ରୁ ନିବିଡ଼ତର ହୋଇ ପାରିଲା ନାହିଁ । ହୃଦୟର ଚିରନ୍ତନ ସମ୍ପଦ କଳାକୁ ଧରି ରହିଗଲେ କଳାକାର ପ୍ରଶାନ୍ତ । ଜନନୀ ଚନ୍ଦ୍ରିକା ନାରୀ ଜୀବନର ଶ୍ରେଷ୍ଠ ଗୌରବ ମାତୃତ୍ୱ ପାଇ ଆତ୍ମ ବିସ୍ମୃତ ହୋଇଗଲେ । ଦୁଇଟି ସମିଶ୍ରଣ ଜୀବନ ପ୍ରବାହ ମଝିରେ ଦୁର୍ଲଙ୍ଘ୍ୟର କ୍ଷୀଣ ସେତୁ ରଚନା କଲା ଶିଶୁଟି ।

ଦିନ ଗଡ଼ି ଚାଲିଲା । ବ୍ୟଥିତ ହୃଦୟର ଅଭାବ ଉପରେ ରୁଟିନ ବଂଧା ଜୀବନ କର୍ତ୍ତବ୍ୟର ଗୋଟାଏ ପରଦା ଟାଣିଦେଲା । କାମରେ ବ୍ୟସ୍ତ ରହନ୍ତି ପ୍ରଶାନ୍ତ । ଧରାବଂଧା ଗତରେ ଚାଲିବାକୁ ଚେଷ୍ଟା କରନ୍ତି । କିନ୍ତୁ ଅତୀତ ମଧୁ ଜୀବନର ସ୍ମୃତି ତାଙ୍କ ପ୍ରୟାସକୁ ବ୍ୟର୍ଥ ଘୋଷଣା କରି କେବେ କେବେ ମନ ପଟରେ ଉକୁଟି ଉଠେ । କର୍ମ ଫାଙ୍କରେ ଥରେ ଥରେ ତାଙ୍କର ମନେପଡ଼େ ଅଳକାପୁରୀର ଯକ୍ଷ ବଧୂ । ଶ୍ରୀହୀନ ଅଂଗ । କମନୀୟ ଡୋଳା ତଳେ ବିରହର ଅଶ୍ରୁ । ତୂଳୀ ଧରନ୍ତି, ଆଙ୍କିବେ । କିନ୍ତୁ କାହାଁକି ? ସନ୍ତାନର ଖାଦ୍ୟ, ପେୟ, ପୋଷାକ, ପ୍ରସାଧନ ନେଇ ଚନ୍ଦ୍ରିକା ବ୍ୟସ୍ତ । କେବେ ଥରେ କଣ ତାଙ୍କ କଥା ଭାବିଛନ୍ତି ସେ ? ତାଙ୍କ ପାଖରେ ଏ ଅଶ୍ରୁ ଖାଲି ବ୍ୟର୍ଥ ଅଶ୍ରୁ । ଶୂନ୍ୟ ଆଖିରେ ଚାହିଁ ରହନ୍ତି ପ୍ରଶାନ୍ତ । ଆଷାଢ଼ର ଗାଢ଼ିଆଦେଖି ଆକାଶରେ ବାଦଲର ଭେଳା ଭାସିଯାଏ । ତାରି ସାଥିରେ ଭାସିଯାଏ ତାଙ୍କ ମନର ଯେତେ ରୂପ, କଳ୍ପନା ।

ଥରେ ଥରେ ଶ୍ରାବଣୀ ସଂଜରେ ମେଘର ରିମ୍‌ଝିମ୍ ଗାନ ଶୁଣି ହୃଦୟ ତନ୍ତ୍ରୀ ତାଙ୍କର ଝଂକାରି ଉଠେ । ତଂବୁରା ଧରନ୍ତି । ଇଚ୍ଛା ହୁଏ ଗାଇବେ । ରବୀନ୍ଦ୍ର ସଂଗୀତ । କାଳିଦାସୀ କବିତାରେ ସ୍ୱର ସଂଯୋଜନା କରିବେ । କିନ୍ତୁ କିଏ ଶୁଣିବ ? ତଂବୁରର ତାର ଉପରେ ଆଂଗୁଳି ଅଟକି ଯାଏ । ମନ ଭିତରେ ମରିଯାଏ ରବୀନ୍ଦ୍ର କବିତାର ମୂର୍ଚ୍ଛନା । ସଂଗୀତଜ୍ଞ ପ୍ରଶାନ୍ତ ଦୀର୍ଘଶ୍ୱାସ ଛାଡ଼ନ୍ତି । ସେଇ ଦୀର୍ଘଶ୍ୱାସ ସାଥିରେ ତାଙ୍କ ହୃଦୟର ବାସନା ପବନ ହୋଇ ଉଡ଼ିଯାଏ ବହୁ ଦୂରକୁ ।

ଚନ୍ଦ୍ରିକା ଅଭିଯୋଗ କରନ୍ତି । ପୁଅ ବଡ଼ ହେଲାଣି, ସ୍କୁଲ ଯିବ, ତାର ଭଲ ଜାମା ନାହିଁ । ସେ ଭଲ ଖାଇ ପାରୁନି । ଅଧିକା ଦୁଧର ବନ୍ଦୋବସ୍ତ କରିବାକୁ ହେବ ।

ପ୍ରଶାନ୍ତ ଶୁଣନ୍ତି, କେବେ ଉତ୍ତର ଦେଅନ୍ତି, କେବେ ଦିଅନ୍ତି ନାହିଁ । ପୁଅର ଅଭାବ ଅନୁଭବ କରନ୍ତି ଚନ୍ଦ୍ରିକା । କିନ୍ତୁ ତାଙ୍କର ନୁହେଁ । ତାଙ୍କର ଅଭାବ ବିଷାଦ । ତାର ତାଡ଼ନାରେ ନିରନ୍ତର ବ୍ୟତିବ୍ୟସ୍ତ ହେଉଥାଆନ୍ତି ପ୍ରଶାନ୍ତ । ହୃଦୟର କେଉଁ ନିଭୃତ କୋଣରେ ଅଗ୍ନିକଣାର ଉତ୍ପତ୍ତି କରି ଜ୍ୱଳୁଥାଏ ସେ । ତାର ନିର୍ବାଣ ପାଇଁ ଚନ୍ଦ୍ରିକା ଚେଷ୍ଟା କରନ୍ତି ନାହିଁ କେବେ ।

ବହୁ ଦିନ ପରେ ଅଧୀର ପ୍ରଶାନ୍ତ ଅଶାନ୍ତ ଅନ୍ତରର ଶାନ୍ତି ପାଇଁ ନିଜ ସୃଷ୍ଟିର ସନ୍ଧାନ କରୁଥିଲେ । ଅତୀତ ପାଣ୍ଡୁଲିପିର ଜୀର୍ଣ୍ଣ ପୃଷ୍ଠାରେ ଏବେବି ବିଗତ ଜୀବନର ରଂଗ ବଂଚି ରହିଛି । ପୌଗଣ୍ଡର ନିର୍ବୋଧତା ବିକଶିତ କୈଶୋର ଭିତରେ ଯେତେବେଳେ ଧୀରେ ଧୀରେ ନିର୍ବିଶେଷ ହୋଇ ଆସୁଥିଲା, ତାରୁଣ୍ୟର ସ୍ଥିରତା ଯେତେବେଳେ ଦୂରସ୍ଥ ବସ୍ତୁରୂପେ ରହି ଯାଉଥିଲା, ମାନବ ଜୀବନର ରଂଗ ସେତେବେଳେ ଆଖି ଆଗରେ ଅଳ୍ପେ ଅଳ୍ପେ ବିକାଶ ଲାଭ କରୁଥିଲା । ଦୁନିଆ ଥିଲା ସ୍ୱପ୍ନମୟ । ଅନଭିଜ୍ଞ ତୂଳୀରେ ତାଙ୍କର ସୃଜନର ଝଂକାର ଆଗାମୀ ଜୀବନର ସଂକେତ ଦେଉଥିଲା । ସେଇ ବେଳର ସ୍ମରଣୀକା । ଛବି ଖଣ୍ଡିକ ଆଖି ସାମନାରେ ଧରିଲେ ପ୍ରଶାନ୍ତ । ଟେବୁଲ ଉପରର ସୁନେଲି ଫ୍ରେମରେ ଏବେବି ଚନ୍ଦ୍ରିକା ସାଇତି ରଖିଚନ୍ତି ସେଇ ବାସର ରଜନୀର ପ୍ରୀତି ଫଳକ । ତାନପୁରା ଆଉ ତୁଳି ହାତରେ ଶିଳ୍ପୀ ପ୍ରଶାନ୍ତଙ୍କର ପ୍ରତିଛବି । ଦୁଇଟିକି ହାତରେ ଧରିଲେ ପ୍ରଶାନ୍ତ । ସାମନାର ଅଇନାରେ ପ୍ରତିବିମ୍ବ ତାଙ୍କର ଫୁଟି ଉଠିଚି । ବୟସ ନଇଁଚି, କୈଶୋରର ଚପଳତା ତାରୁଣ୍ୟର ଘନୀଭୂତ ସ୍ୱପ୍ନ ଭିତରେ ନୂତନ ରୂପେ ରୂପାୟିତ ହେବାର ସମୟ ଯାଇଚି । ରୁକ୍ଷ, ସାଦା ଅବୟବରେ ମୃଦୁତାର ବହୁ ଅଭାବ । କିନ୍ତୁ ତୁଳି ତାଙ୍କର ଆଜି ରୂପ ଦକ୍ଷ ।

ଦୁରନ୍ତ ବୈଶାଖର ଅଗ୍ନିଝଞ୍ଜା ଆକାଶ ତଳେ ଦୈନ୍ୟ ଆଉ ଯାତନାରେ ନିଷ୍ପେଷିତ କଂକାଳର ସୃଷ୍ଟି ମାନବର ଚିରନ୍ତନ ପରିଣତିର ସଂକେତ ଦେଇଯାଏ ଏ ଦୁନିଆକୁ । ସେ ସ୍ରଷ୍ଟା, ସୃଷ୍ଟି ତାଙ୍କର ଆଖିରୁ ଲୁହ ଝରେଇ ଦିଏ ।

ଆଦ୍ୟ ଆଷାଢ଼ ତାଙ୍କ ଆଖିରେ ଅଶ୍ରୁର ସୃଷ୍ଟି ନ କଲେ ବି ତୁଳି ତାଙ୍କର ସୃଷ୍ଟିର ସୂଚନା ଦେଇଯାଏ । ନିଖିଳର ବିରହ ଘନୀଭୂତ ହୋଇଉଠେ ରଂଗ ତୁଳିର ସମାବେଶରେ ।

ବିଶ୍ୱର ଅକଳନ ଆକାଂକ୍ଷାକୁ କିଂଶୁକ ଭିତରେ ପୁଂଜୀଭୂତ କରି ରୂପର ଅନଳ ଜାଳି ଦିଅନ୍ତି ପ୍ରଶାନ୍ତ । କିନ୍ତୁ ସେ ରୂପ ଭିତରେ ତାଙ୍କର ରଙ୍ଗ ଉକୁଟେଇ ପାରେ ନାହିଁ । ହୁତାଶ ହୁଅନ୍ତି ପ୍ରଶାନ୍ତ । ତାଙ୍କର ସୃଷ୍ଟିର 'ରୂପରଶ୍ମି' ତାଙ୍କର ଆଗରେ ନିଷ୍ପ୍ରଭ ହୋଇଯାଏ ।

ତୁଳି ମୁନରେ ତାଙ୍କର ସ୍ୱପ୍ନର କାଳିମା ଘନେଇ ଆସେ । ରତିମତୀର ନୂପୁର ସିଂଜିନୀ ବିଶ୍ୱ ବୁକୁରେ ସ୍ପନ୍ଦନ ଜଗେଇ ଦିଏ । ଅଧୀର ହୋଇ ଉଠନ୍ତି ପ୍ରଶାନ୍ତ । ଜୀବନର ଦଂଶନରେ ହୃଦୟ ତାଙ୍କର କ୍ଷତ ବିକ୍ଷତ ହୋଇଯାଏ । ସ୍ୱପ୍ନର ସେଇ ଘନୀଭୂତ କାଳିମା ଭିତରୁ କିଏ ଯେମିତି ତାଙ୍କୁ ଡାକ ଦିଏ । ତୋ ଜୀବନର ସ୍ୱପ୍ନ ନିକଟରେ । ସେ ସ୍ୱପ୍ନ ଅଭିସାରିକାର ନୂପୁର ନିକ୍ୱଣରେ ନିକ୍ୱଣିତ ହେବ ନାହିଁ । ହେବ ଅସମାପ୍ତିର ଏକ ଦୀର୍ଘ ସ୍ମରଣିକା ।

ଆଉ ଥରେ ନିଜକୁ ଚାହିଁଲେ ପ୍ରଶାନ୍ତ । ହୃଦୟ ତାଙ୍କର ବ୍ୟଥାରେ ଫାଟି ପଡ଼ିଲା । ଉଃ...କେତେ ତଫାତ । ନା, ନା, ସେ ଏଇ ଦାସତା ଚାହାନ୍ତି ନାହିଁ । ଚାହାନ୍ତି ପୁଣି ସେଇ କୈଶୋର ଚପଳତାର ଛନ୍ଦେ ଛନ୍ଦେ ପାଦପାତ କରି ଯୌବନକୁ ଭେଟିବେ । ତାରୁଣ୍ୟର ସ୍ଥିରତା ଭିତରେ ରୂପର ସାଧନା ସେ କରିବେ । ପ୍ରେମର

ଅର୍ଘ୍ୟ ଧରି ଆସିବେ ଚନ୍ଦ୍ରିକା । ଜୀବନ ପୁଣି ମଧୁ ଗାନରେ ମନ୍ଦ୍ରିତ ହୋଇ ଉଠିବ । କିନ୍ତୁ କାହିଁ ? ସେ ସବୁ ଆଜି ଖାଲି ସ୍ୱପ୍ନ ରୂପରେ ରହି ଯାଇଛି । ଫଟୋଟିକୁ ଆଉ ଥରେ ଚାହିଁଲେ ଶିଳ୍ପୀ । ଆଖିରେ ଭାଷା ନାହିଁ । ହୃଦୟରେ ବ୍ୟଥା ନାହିଁ । ଖାଲି ଗୋଟାଏ ମଧୁ ସରଳତା ପୁଂଜୀଭୂତ ହୋଇ ରହିଛି ଛବିଟି ଭିତରେ ।

ଛବିଟିକୁ ଟେବୁଲ ଉପରେ ରଖି କ୍ଷୁବ୍ଧ ଭାବରେ ବାହାରକୁ ଆସିଲେ ପ୍ରଶାନ୍ତ । ସେ ସ୍ରଷ୍ଟା, ତୁଳି ତାଙ୍କର ସୁନ୍ଦର, ସୁଚାରୁ, ସୂକ୍ଷ୍ମର ସୃଷ୍ଟି କରିଛି । ତଥାପି ଏ ସୃଷ୍ଟିର ପରମ୍ପରାରେ ପରିବର୍ତ୍ତନ ଆଣି ପାରିନାହାନ୍ତି ସେ, ପାରିବେ ନାହିଁ ମଧ୍ୟ । ମଣିଷର ଏଇ ଚିରନ୍ତନ ଅକ୍ଷମତା ଭିତରେ ବନ୍ଦୀହୋଇ ରହିଛନ୍ତି ରୂପ ଦକ୍ଷ ପ୍ରଶାନ୍ତ । ପ୍ରକୃତି ନିକଟରେ ତାଙ୍କର ଏ ଏକ ନିର୍ମମ ପରାଜୟ ।

ପ୍ରଶାନ୍ତଙ୍କର ମନ ପରାଜୟର ଗ୍ଳାନିରେ ଭରିଗଲା । କରୁଣ ଦୃଷ୍ଟିରେ ଦୂରକୁ ଚାହିଁଲେ ସେ । ଦୂରାଗତ ସନ୍ତାନର ମୁହଁ ନିଜ ଅଂଚଳରେ ପୋଛି ଦେଉଛନ୍ତି ଚନ୍ଦ୍ରିକା । ଗଭୀର ଅସ୍ୱସ୍ତି ଧରି ଧୀରେ ଧୀରେ ଘରୁ ବାହାରିଗଲେ ପ୍ରଶାନ୍ତ ।

ବହୁତ ସମୟ ଚିନ୍ତାକରି ମନ ଭିତରର ଦ୍ୱନ୍ଦ୍ୱର କୌଣସି ସମାଧାନ କରି ନ ପାରି ରାତିର ଗଭୀରତା ଭିତରେ ନିଜ କୋଠରୀର ଦ୍ୱାର ଦେଶରେ ଅତି ସନ୍ତର୍ପଣରେ ପାଦ ଦେଲେ ପ୍ରଶାନ୍ତ । ନିସ୍ତବ୍ଧ କୋଠରୀ । ଦୀପାଲୋକର ପ୍ଳାବନ ଭିତରେ ପ୍ରତୀକ୍ଷମାଣା ଚନ୍ଦ୍ରିକା । କିନ୍ତୁ ସେ ସ୍ୱାମୀଙ୍କର ଉପସ୍ଥିତି ଲକ୍ଷ୍ୟକରି ପାରି ନାହାନ୍ତି ।

ମାଆ ଅତି ନିକଟରେ ଶୋଇଛି ଲଢ଼ିକା । ପନ୍ଦର ବର୍ଷ ତଳେ ତାଙ୍କ ରକ୍ତର ଗୋଟିଏ ବିନ୍ଦୁ ଭିତରେ ତାଙ୍କରି ଆତ୍ମାର

କଣିକାଏ ବିକାଶ ଲାଭ କରିଥିଲା ଚନ୍ଦ୍ରିକାଙ୍କର କୋଳରେ । ସେ ଦିନର ଶିଶୁ ଆଜି ପନ୍ଦର ବର୍ଷର କିଶୋର ।

ଚନ୍ଦ୍ରିକା ମୁଗ୍‌ଧ ଦୃଷ୍ଟିରେ ପୁଅକୁ ଚାହିଁଛନ୍ତି । ହାତରେ ଧରିଛନ୍ତି ସେଇ ପୁରୁଣା ଫଟୋଟି । ଜନନୀ ହୃଦୟର ପରିତୃପ୍ତି ସନ୍ତାନ ପାଇଁ ଅମୃତର ସୃଷ୍ଟି କରି ଝରିଯାଉଛି । ସତେ ଯେପରି ଲତିକାର ପୁରାତନ ସଂସ୍କରଣ ସେଇ ଫଟୋ ଖଣ୍ଡିକ । ଅପେକ୍ଷା କଲେ ପ୍ରଶାନ୍ତ ।

ଫଟୋଟିକୁ ବାରମ୍ବାର ଦେଖୁଛନ୍ତି ଚନ୍ଦ୍ରିକା । ପ୍ରାଣ ଦୋଳି ଉଠୁଛି । ସେଦିନର ପ୍ରୀତି ଭେଟି ସେହିପରି ସୁନେଲି ଫ୍ରେମରେ ସାଇତା ରହିଛି । ଚନ୍ଦ୍ରିକା ଫଟୋଟିକୁ ଛାତି ଉପରେ ଚାପିଧରି ସନ୍ତାନର କପାଳ ଚୁମ୍ବନ କଲେ । କିନ୍ତୁ ସେ ଦିନର ସ୍ମୃତି ଚନ୍ଦ୍ରିକାଙ୍କର ବକ୍ଷ ତଳର ମହା ତରଙ୍ଗ ଭିତରେ ବିଲୀନ ହୋଇ ଯାଇଛି । ଦୀର୍ଘଶ୍ୱାସ ଛାଡ଼ିଲେ ଶିଳ୍ପୀ ।

ସ୍ରଷ୍ଟାର ଗୌରବରେ ନିଜ ସୃଷ୍ଟିର ମହତ୍ତ୍ୱ ସେ ଉପଲବ୍‌ଧି କରିପାରୁ ନାହାନ୍ତି । ନିଜ ଜୀବନର ସୌରଭ ବାରି ନ ପାରି ହା ହା-କାର ଭିତରୁ ସେ ସୌରଭ ଖୋଜି ବୁଲୁଛନ୍ତି । ନାରୀ ପ୍ରେୟସୀ ନହେଁ ଜନନୀ ।

ନଂ 0/397.

# ପୂରଣ

ନଳିନୀକାନ୍ତ ଫେରିବାର ରାସ୍ତା ଧରିଲେ । ସଜଳ ଶ୍ରାବଣର ଲଘୁ ମନ୍ଥରତରେ ସନ୍ଧ୍ୟାର ଘନ ଅନ୍ଧାର ଦେଖା ଦେଲାଣି । ଗୋଧୂଳୀର ରଂଗ ରାଗ ବର୍ଣ୍ଣାର ଅଗଣିତ ଧାରା ଭିତରେ ଟିକିଏ ଅଗରୁ ଲୁପ୍ତ ହୋଇ ଯାଇଛି । ତା'ପରେ ସଂଧ୍ୟା ଆସିଛି । ପରେ ପରେ ଅନ୍ଧାରର ବିକାଶ । ଏଇ ବିକାଶଭଙ୍ଗୀ ମରଣଶୀଳ ମାନବର ନିକ୍ଷେପିତ ଜୀବନର ଚରମ ପରିଣତି ପରି ଅତି ସତ୍ୟ ଆଉ ଭୀଷଣ । ତାର ବ୍ୟାପ୍ତି ଅସୀମ । ଏଇ ଅସୀମତା ଭିତରେ ସସୀମ ସାଂସାରିକ ଜୀବ ନଳିନୀକାନ୍ତ ନିଜକୁ ଖୋଜି ପାଆନ୍ତି ନାହିଁ । ତଥାପି ସେ ଅନେକ ସମୟରେ ଖୋଜନ୍ତି । ଖୋଜି ଖୋଜି କ୍ଳାନ୍ତ ହୋଇ ପଡ଼ନ୍ତି । ସେ ନିଜେ ସ୍ରଷ୍ଟା । ହେଲେ ମଧ୍ୟ ସୃଷ୍ଟିର ମହାନତା ତାଙ୍କ ନିକଟରେ ଏକ ଚିରଂତନ ଦୁର୍ବୋଧ୍ୟ ବସ୍ତୁ ରୂପେ ରହିଯାଏ ।

ନଳିନୀକାନ୍ତ ଫେରିଲେ । କିନ୍ତୁ କାହିଁକି ଫେରିବାର ଆଗ୍ରହ ନାହିଁ ତାଙ୍କର । ଗତାନୁଗତିକ ଧାରା । ଯିବେ ଆଉ ଫେରିବେ ଏଇ ଧାରା ଭିତରେ ଅଭ୍ୟସ୍ତ ମାନବ ଗୋଷ୍ଠି, ଖାଲି

ଗୋଟାଏ ଯନ୍ତ୍ର । ଯନ୍ତ୍ର ପରି ତା'ର କର୍ମ ପଦ୍ଧତି, ଅଫିସ, ଫାଇଲ ଗଦା, ହୁକୁମ, ସ୍ୱୀକାରୋକ୍ତି, ନୂଆ କିଛି ନାହିଁ । ନଳିନୀକାନ୍ତଙ୍କୁ କିଛି ଭଲ ଲାଗେ ନାହିଁ । ସେଇ ଫାଇଲ ଗଦା ଭିତରେ ତାଙ୍କର ଯେମିତି ଶ୍ୱାସ ରୁଦ୍ଧ ହୋଇ ଯାଏ । ସେ ଛଟପଟ ହେଉଥାଆନ୍ତି ।

ଡିସେମ୍ବରରୁ ଜାନୁୟାରୀ, ଜାନୁୟାରୀରୁ ଡିସେମ୍ବର । ତା'ରି ଭିତରେ ବର୍ଷାର ରାଗିଣୀ ବାଜେ । ସ୍ୱର୍ଣ୍ଣ ଧାନର ବଭ ମଉଳେ । ଫଗୁଣର ଅବିର ଲିଭିଯାଏ । ତା'ର ଅଭିନନ୍ଦନ ଗାଇବାକୁ ସମୟ ମିଳେ ନାହିଁ । ତା'ର ଉପଭୋଗ ପାଇଁ ମନରେ ଆଗ୍ରହ ଆସିଲେବି ସୁଯୋଗ ଆସେ ନାହିଁ । କେଇଟି ମୂହୂର୍ତ୍ତର ଅବସର ତା'ର ସେଇ ପରମ୍ପରା ନେଇ ରକ୍ତତାରେ ଭରିଯାଏ । କିନ୍ତୁ ସେ ମୁକ୍ତ ପାଇ ପାରନ୍ତି ନାହିଁ ।

ଥରେ ଥରେ ତାଙ୍କର ଇଚ୍ଛା ହୁଏ ସେ ଲେଖିବେ । ଫାଇଲ ଗଦା ଛାଡ଼ି ମନ ତାଙ୍କର ନୂଆ ଦୁନିଆର ସଙ୍କେତ ପାଏ । ଲେଖନୀ ଧରନ୍ତି । ତାଙ୍କର ମନେ ହୁଏ, ଉଦରର ପ୍ରଳୟଙ୍କରୀ ଜ୍ୱାଳା ସହି ନ ପାରି ପ୍ରବାସର ମହା କଷ୍ଟକୁ ଯିଏ ମାଲ୍ୟଦାନ କରି ପାରିଲା, ତା'ରି ପ୍ରାଣ ପ୍ରିୟାର ପୁଞ୍ଜିଭୂତ ଅଶ୍ରୁ ବର୍ଷାର ଧାରା ରୂପେ ଆକାଶରୁ ଝରି ପଡ଼େ । ଅନ୍ତର ତାଙ୍କର ଆର୍ଦ୍ର ହୋଇଯାଏ ।

ଶୀତ ସନ୍ଧ୍ୟାରେ ପ୍ରାଣ ତାଙ୍କର ଆକୁଳ ହୋଇ ଉଠେ । ମନେ ପଡ଼େ ଶ୍ରୀ ସମ୍ପନ୍ନା ପଲ୍ଲୀ । ପକ୍ୱ ଧାନର ସୁଗନ୍ଧରେ ଗନ୍ଧାକୁଳ କିଏ ବନରେ ତା'ର ପଉଷ ଲକ୍ଷ୍ମୀର ସ୍ୱର୍ଣ୍ଣ ଉତ୍ତରୀୟ ବାହି ହୋଇ ପଡ଼ିଥାଏ । ମନର କଥା ମନ ଭିତରେ ରହିଯାଏ । ନଳିନୀ-କାନ୍ତଙ୍କର ହୃଦୟର ଅତି ସୂକ୍ଷ୍ମ ତନ୍ତ୍ରୀରେ ଆଘାତ ଲାଗେ । ବ୍ୟଥିତ ହୋଇ ଉଠନ୍ତି ସେ ।

କୋମଳ ପଲ୍ଲବରେ କାମନାର ନୂତନ ବୈଜୟନ୍ତୀ ଉଡ଼େଇ ଫଗୁଣ ଆସେ । ଇଟା କଂକ୍ରିଟ ସହରର ରୁକ୍ଷ ଆସର ଭିତରେ

ବେଳ ଅବେଳରେ କୋଇଲିର କୁହୁ ଗୀତ ଶୁଭେ । ଅନ୍ୟମନସ୍କ ହୋଇ ଉଠନ୍ତି ପ୍ରଶାନ୍ତ । ଇଚ୍ଛା ହୁଏ ଧାଇଁ ଯିବେ । ନିଜ ପାଇଁ ନୂଆ ଜଗତର ସୃଷ୍ଟି କରି ଜୀବନକୁ ଉପଭୋଗ କରିବେ । କିନ୍ତୁ ପାରନ୍ତି ନାହିଁ । ନିର୍ମମ ନିଗଡ଼ ଭିତରେ ମାନବ ସହଜାତ ଇଚ୍ଛାର ମୃତ୍ୟୁ ହୁଏ । ସେଇ ଅଫିସ, ଘର ବଜାର । ଚାରି ଭିତରେ କବର କବିତ୍ୱ ବନ୍ଦୀ ରହେ । ନୂଆ ଜଗତର ପରିକଳ୍ପନା କଳ୍ପନାରେହିଁ ରହିଯାଏ । ଦନ୍ଧ୍ୟା ନାସ୍ତିର ମର୍ମାନ୍ତିକ ବ୍ୟଥା ନେଇ ଅନେକ ସମୟରେ ଭାଙ୍ଗିପଡ଼ନ୍ତି ନଳିନୀକାନ୍ତ । ନିଜକୁ ପଥର କରିବାକୁ ଚେଷ୍ଟା କରନ୍ତି । ତଥାପି ମନ ତା ମାନେ ନାହିଁ । ସେହି ନିତ୍ୟ ନୈମିତ୍ତିକ ଘଟଣା ଭିତରୁ ସେ ଗୋଟାଏ ମୁକ୍ତି ଆବିଷ୍କାର କରିବାରେ ଲାଗିଥାନ୍ତି କିନ୍ତୁ କୃତକାର୍ଯ୍ୟ ହୋଇପାରେନି ।

ରିକ୍ସାଟାଏ ଡାକିବାକୁ ଭାବିଲେ ନଳିନୀକାନ୍ତ । କିନ୍ତୁ ଇଚ୍ଛା ହେଲ ନାହିଁ । ହୁଏତ ବର୍ଷା ହେଇପାରେ । ବର୍ଷାରେ ଭିଜି ଭିଜି ସମସ୍ତ ରାସ୍ତା ସେ ଅତିକ୍ରମ କରି ଶଶୀରେଖାଙ୍କ ନିକଟରେ ଅତି ଆକସ୍ମିକ ଭାବରେ ଯାଇ ଠିଆ ହୋଇ ଯିବେ । ବିସ୍ମୟରେ ଶଶୀରେଖାଙ୍କର ଭ୍ରୁଯୁଗ କୁଞ୍ଚିତ ହୋଇ ଉଠିବ । ତାଙ୍କ ବିସ୍ମୟତାର ଉତ୍ତର ଦେବାକୁ ଯାଇଁ ସେ କହିବେ, ନୂତନତ୍ୱର ସନ୍ଧାନ କର ଶଶି । ସେଟି ବଞ୍ଚିବାର ଛନ୍ଦ ଅଛି ।

ଘର ଆଉରି ଅନେକ ବାକି । ମୁଣ୍ଡ ଉପରକୁ ଚାହିଁଲେ ନଳିନୀକାନ୍ତ । ଶ୍ରାବଣର ଅପରିଚ୍ଛନ୍ନ ଆକାଶ । ପବନରେ ମହା କମ୍ପନ ସୃଷ୍ଟି ହୋଇ ଯାଇଚି । ବୋଧେ ବର୍ଷା ଆସୁଚି କିନ୍ତୁ ସହରର ରାଜ ପଥରେ ବର୍ଷାର ନିରର୍ଥକ ଅଭିସାର ବଡ଼ ଶ୍ରୀହୀନ । କାହିଁକି କେଜାଣି ବଡ଼ ଅଶ୍ୱସ୍ତି ବୋଧ କରୁଥିଲେ ନଳିନୀକାନ୍ତ ।

ମନ ଭିତରେ ସେଇ ପୁରୁଣା କଥାର ପୁନରାବୃତ୍ତି ଚାଲିଚି । କ'ଣ କହିଲେ ପ୍ରୀତି ଦେବୀ ? ଅତୀତର ସହପାଠିନୀ ପ୍ରୀତିଦେବୀ । ଅତି ଆକସ୍ମିକ ତାଙ୍କର ଦେଖା । ଏକ ସମୟରେ ଏଇ ପ୍ରୀତି ଦେବୀ ନଳିନୀକାନ୍ତଙ୍କୁ ନ ଦେଖିଲେ ଅଧୀର ହେଇ ଉଠୁଥିଲେ । ଯେଉଁ କବିତା ଦୁହିଁଙ୍କ ଭିତରେ ଯୋଗସୂତ୍ର ସ୍ଥାପନ କରିଥିଲା, ଫାଇଲ ଗଦା ତଳେ ତା'ର ଅପମୃତ୍ୟୁ ହୋଇଛି । ତେଣୁ ସବୁ ଯୋଗାଯୋଗ ଛିନ୍ନ ହେଇଛି ଆଜି । କଲେଜର ପ୍ରତିଭାବାନ କବି ଆଜି କିରାଣୀ । ପ୍ରୀତି ଦେବୀ ଅଧ୍ୟାପିକା କୁମାରୀ । ବୟସ ନଇଁଚି କିନ୍ତୁ ତାହା ସେ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ । ତାଙ୍କ ମନର ବିଜ୍ଞାପନ ସେ ଦେଇଗଲେ । ପୁରୁଣାକୁ ନେଇ ବଞ୍ଚି ହୁଏନି ନଳିନୀ ବାବୁ, ସେ ଅଯୋଗ୍ୟ ବିବାହ କରି ପାରି ନାହିଁ ।

ନଳିନୀକାନ୍ତଙ୍କର ଇଚ୍ଛା ହେଲା ସେ ଏ ପୁରୁଣା ଜୀବନ ଛାଡି ନୂଆ ଜୀବନର ସନ୍ଧାନ କରିବେ । ଶ୍ରାବଣର ଏଇ ମାଳତୀ ବନ ସବୁଜ ଘାସର ଗାଲିଚା, ନୀଳ ଆକାଶରେ କଳା ମେଘର ଘନଘଟା ତାରି ଭିତରେ ଜୀବନୀକା ଭରି ରହିଛି । ସେ ତାରି ସନ୍ଧାନ କରିବେ, ଯାଯାବର ସାଜିବେ ।

ନଳିନୀକାନ୍ତ ସହପାଠିନୀଙ୍କର କଥା ଭାବୁଥିଲେ । ସତେ କ'ଣ ପୁରୁଣାକୁ ନେଇ ବଞ୍ଚି ହୁଏ ନାହିଁ । ନା, ହୁଏନାହିଁ । ନ ହେଲେ ଅଧ୍ୟାପିକା ପ୍ରୀତି ଦେବୀ ପାରି ନ ଥାନ୍ତେ କାହିଁକି ? ସେ ତ ସ୍ଥାବର ଜଙ୍ଗମର ପ୍ରକୃତି ।

ଅଭ୍ୟସ୍ତ ହାତ ତାଙ୍କର କବାଟର କଡ଼ା ସ୍ପର୍ଶ କଲା । ପରେ ପରେ ସ୍ତ୍ରୀ ଶଶୀରେଖା ଆସି ଆଗରେ ଠିଆ ହେଲେ । ସେଇ ପୁରୁଣା କଥା—'ଏତେ ରାତି ଯାଏଁ ବାହାରେ ବୁଲୁଚ, ଦେହ ଖରାପ ହେବ ।'

ନଳିନୀକାନ୍ତ ଚହିଁକ ଉଠିଲେ । ତାଙ୍କର ଯେମିତ ସ୍ୱର୍ଗଚ୍ୟୁତ ଘଟିଲା । ତାଙ୍କର ଏହି ଆକସ୍ମିକ ପତନ ପାଇଁ ସେ ଆଦୌ ପ୍ରସ୍ତୁତ ନ ଥିଲେ । ଅତୀତର ବ୍ୟଥା ନେଇ ସେ ବଛଣା ଧରିଲେ ; ପରାଜୟର ଗ୍ଳାନିରେ ଅନ୍ତର ତାଙ୍କର ଆନ୍ଦୋଳିତ ହେବାକୁ ଲାଗିଲା ।

ଶଶୀରେଖା କାରଣ ପଗ୍ଚରି ମଧ୍ୟ ନିଶ୍ଚଳ ହେଲେ । ନାରୀ ପ୍ରାଣ ତାଙ୍କର ଅଜ୍ଞାତ ଆଶଙ୍କାରେ ଶଙ୍କିତ ହୋଇ ଉଠିଲା ।

× × ×

ଆଖି ଖୋଲିରେ ନଳିନୀକାନ୍ତ । ଆଲୋକର ପ୍ଳାବନ ତଳେ ନିଦ୍ରିତା ଶଶୀରେଖା । ସ୍ୱାମୀଙ୍କର ଶୁଭ୍ର ପାଦ ଯୋଡ଼ିକ ତୁଷାର ଧବଳ ଉପାଧାନର ଅଭାବ ଦୂର କରଚି । ଅର୍ଦ୍ଧ ନଗ୍ନ ବକ୍ଷ ଉପରେ ସ୍ୱର୍ଣ୍ଣାଭରଣର ଅପୂର୍ବ ଝଲକ । ନଳିନୀକାନ୍ତ ଚାହିଁ ରହିଲେ ।

ଥର ଥର କରି ଦୁଇଥର ଜନନୀ ହେବାର ସୌଭାଗ୍ୟ ଲାଭ କରି ମଧ୍ୟ ଶଶୀରେଖାଙ୍କର କୋଳ ଶୂନ୍ୟ ହୋଇ ଯାଇଚି । ବକ୍ଷ ଶ୍ରୀହୀନ, ଶୁଷ୍କ । ନଳିନୀକାନ୍ତଙ୍କୁ ପରାଜିତ ଘୋଷଣା କରି ତାଙ୍କ ବକ୍ଷର ଯେଉଁ ଉନ୍ନତଶ୍ରୀ ଗିରିଶୃଙ୍ଗର ଗର୍ବ ଆଉ ଗୌରବରେ ଭୂଷିତ ହୋଇ ପାରିଥିଲା, ଉପରତାର ମହା ଗ୍ଳାନିରେ ତାହା ଆଜି ମ୍ରିୟମାଣ ହୋଇପଡ଼ିଚି । କମନୀୟ ତନୁଶ୍ରୀ ଉପରେ କ୍ଳାନ୍ତିର ଏକ ଦୀର୍ଘ ଛାୟା । ନାରୀର ନଷ୍ଟ ଯୌବନ ତଳେ ତାଙ୍କ ପ୍ରେମର ଅପମୃତ୍ୟୁ ହୋଇଚି ଯେପରି । ନଳିନୀକାନ୍ତ ଦୀର୍ଘଶ୍ୱାସ ଛାଡ଼ିଲେ । ତାଙ୍କ ହୃଦୟର କେଉଁ ସୂକ୍ଷ୍ମତନ୍ତ୍ରୀରେ ପ୍ରୀତି ଦେବୀଙ୍କର ରାଗିଣୀ ବାଜି ଉଠିଲା ।

ଶୂନ୍ୟ ଆଖିରେ ଉପରକୁ ଚାହିଁଲେ ନଳିନୀକାନ୍ତ । ଦୃଷ୍ଟି ତାଙ୍କର ଖସି ଆସିଲା । ଚୁନଲିପା ସଫେଦ କାନ୍ଥ ଉପରେ ଭଗବାନର ସ୍ତୁତି, କବିତ୍ୱର ପୂର୍ବାଭାସ, ଝରଣା, ଦିଗ୍‌ବଳୟ ତଳେ ନବନ

ସୂର୍ଯ୍ୟୋଦୟ । ନୀଳ ପାହାଡ଼ ବୁକୁରେ ଦ୍ୱିତୀୟାର ବଙ୍କିମ ଚନ୍ଦ୍ର । ସନ୍ଧ୍ୟାର ପ୍ରତିଛବି । ସେଦିନର ସ୍ୱପ୍ନକଲା ବୋଧକୁ ବଢେଇ ରଖି ଆଜି ବି ଧାଡ଼ି ଧାଡ଼ି ସଜା ହୋଇ ରହିଛି ତା'ର ଭିତରେ ଖଣ୍ଡିଏ, ନଳିନୀକାନ୍ତଙ୍କର ଦୃଷ୍ଟି ନିବଦ୍ଧ ହେଲା ତା ଉପରେ । ବନ୍ଧୁ ବର୍ଷ ତଳର ନବତାରୁଣ୍ୟ ତାଙ୍କୁ ଯେମିତି ଚାହିଁଛି । ସେ ଚାହାଣୀ ବିରାମହୀନ—ପଲକଶୂନ୍ୟ ।

କଣ ସେ ଚାହାଁଣୀରେ ଅଛି ? ନଳିନୀକାନ୍ତ ଖୋଜିଲେ । କଲେଜ ଜୀବନ, କଲିକତା ଜୀବନ, ବିକଶିତ ହେବାର ଆଶା ଆଉ ଆଗ୍ରହ—ମାନବିକ ପର୍ଯ୍ୟାୟରେ ବଞ୍ଚିବାର ସ୍ୱପ୍ନ ଆଉ ଆଗ୍ରହ—ତାହା କଣ ସାର୍ଥକ ହୋଇଛି ?

ନଳିନୀକାନ୍ତ ନିଜକୁ ପ୍ରଶ୍ନ କଲେ । ଉତ୍ତର ପାଇଲେ ନାହିଁ । କୋଟ୍, ପ୍ୟାଣ୍ଟ, ନେକ୍‌ଟାଇର ବେଷ୍ଟନୀ ଭିତରେ ତାଙ୍କର ସୁଗଠିତ ତନୁଶ୍ରୀ, ତାର ଭିତରୁ ତାଙ୍କର ଅତୀତ ଯେପରି କାନ୍ଦି କାନ୍ଦି କହୁଛି, ମୁଁ ଏଇ ବିଶ୍ୱ ବୃନ୍ତରେ ବିକଶି ପାରି ଥାଆନ୍ତି, ମୁକ୍ତ ଜଗତର ଆଲୋକ ତଳେ ମୁଁ ଖେଳି ପାରି ଥାଆନ୍ତି । ··ନାଚି ପାରି ଥାଆନ୍ତି । କିନ୍ତୁ·······

ନଳିନୀକାନ୍ତଙ୍କର ଆଖି ଛଳ ଛଳ ହେଲା । ବିକାଶୋନ୍ମୁଖୀ କଳିକାର ସେଦିନର ସେଇ ତରଙ୍ଗାୟିତ ଡୋଳା ଦୁଇଟି ବ୍ୟାକୁଳ ହୋଇ ଯେମିତି ଆଜିର ଏଇ ନିସ୍ୱଙ୍ଗ, ବ୍ୟଥିତ, ଶ୍ରୀହୀନ ନଳିନୀ-କାନ୍ତଙ୍କୁ ଚାହିଁ ରହିଛି ।

ଶଶୀରେଖା କର ଲେଉଟେଇଲେ । ତାଙ୍କୁ କୋଳକୁ ଭିଡ଼ି ଆଣି ଆକୁଳ ସ୍ୱରରେ ନଳିନୀକାନ୍ତ ଡାକିଲେ—

ରେଖା !

ଆଖି ଖୋଲି ହସିଲେ ଶଶୀରେଖା । ଯେମିତି ତାଙ୍କର ନୂଆ ଜନ୍ମ ହେଲା । ସେ ଶଶୀ ନୁହନ୍ତି ରେଖା—ସେ ଶଶୀରେଖା ।

ଫଟୋଟିଆଡ଼େ ଚାହିଁଲେ ନଳିନୀକାନ୍ତ ।' ଅତୀତର ଦୀପ୍ତ କାମନା ଆଉ ସୌନ୍ଦର୍ଯ୍ୟ ଭିତରେ ଆଜିର କ୍ଳାନ୍ତ ଦେହ, ମନ ଯେମିତି ତାଙ୍କର ମିଶିଗଲା । ସେଇଆଡ଼େ କରୁଣ ଆଖିରେ ଚାହିଁ ରହି ଭଙ୍ଗା ସ୍ୱରରେ ନଳିନୀକାନ୍ତ କହିଲେ—

ମୋର ଭୁଲ ରେଖା, ମଣିଷ ଜାତିର ଭୁଲ । ପ୍ରୀତିଦେବୀ ଭୁଲ କହିଲେ । ଆଜିର 'ନୂତନ କାଲି ପୁରାତନର ରୂପ ନିଏ । ପୁରାତନହିଁ ଚିରନ୍ତନ । ତାର ଭିତରୁ ନୂତନର ଅହଂ ଖୋଜି ପାଇଲେ ହେଲା ।

ଶଶୀରେଖା କିଛି ବୁଝିଁ ନ ଥିଲେ । ସ୍ୱାମୀଙ୍କର ବୁକୁତଳେ ନିଜକୁ ଆଶ୍ରୟ ଦେଇ ସେ ମଧ୍ୟ ଅତୀତକୁ ଫେରି ଯାଇଥିଲେ !

# ମନର ମୟୂର

କବିତାର ରିକ୍ସା ଚାଲିଥିଲା । ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଯାଇଛି । ଜ୍ୟୋତ୍ସ୍ନା ମଳିନ ଆକାଶ ତଳେ ଯୋଡ଼ାଏ ବିହଙ୍ଗ ବିହଙ୍ଗୀ ଉଡ଼ି ଯାଉଥିଲେ । ଆଶ୍ୱିନର ନିର୍ମେଘ ଆକାଶ ଶାନ୍ତ, ମଉନ । ତଳେ ଶ୍ୟାମଳା ଧରଣୀ କାଶଫୁଲର ହାସ ଝୋଳେଇ ଦୀପ୍ତିମନ୍ତ ହୋଇ ଉଠିଛି ।

ରିକ୍ସା ଆଗେଇ ଚାଲିଛି । ବିହଙ୍ଗ,ବିହଙ୍ଗୀ ନୀଡ଼ ଉଦ୍ଦେଶ୍ୟରେ ଉଡ଼ି ଗଲେଣି । ପରିବ୍ୟାପ୍ତ ଆକାଶର ନିର୍ମଳ ବୁକୁରେ ରଙ୍ଗ ବେରଙ୍ଗର ଛବି । ଚନ୍ଦ୍ର ଉଠିଲେଣି ।

ଅଦୂରରେ କୋଳାହଳ । ପୂଜାର କୋଳାହଳ । ମଣିଷର ସ୍ରୋତ ବହି ଚାଲିଛି । ସେ ସ୍ରୋତ ଅସରନ୍ତ । ଧୋ ଧା, ପାଟି ତୁଣ୍ଡ । ସଭ୍ୟ ମଣିଷର ପାଟି—ସେ ପାଟି ମଣିଷ ଜାତିର ଅସ୍ତିତ୍ୱ ସୂଚେଇ ଦେଉଛି ଏ ଦୁନିଆକୁ । ସେ ମଣିଷ, ସେ ଅଛି, ତାର ସ୍ଥିତି ଅଛି କିନ୍ତୁ ଲକ୍ଷ୍ୟ ନାହିଁ । ଜୀବନରେ ଭଟ୍ଟା ପଡ଼େ । ପୁଣି ଜୁଆର ଆସେ । ଫେରିଲା ଜୁଆରରେ ହଜିଲା ମଣିଷ ଫେରି ଆସେ । ତେଣୁ ତାର ଲକ୍ଷ୍ୟ ନାହିଁ । ଅଫୁରନ୍ତ ଜୀବନର ପ୍ରବାହ ।

କାଠଯୋଡ଼ିର ନେଳିଆ ପାଣିରେ ରୁପା ଚନ୍ଦ୍ରର କଅଁଳ ରେଖା ଚିକ୍ ଚିକ୍ କରୁଚି । କବିତା ଚାହୁଁଚି– ଦେଖୁଚି । ଏମିତି ଦେଖିବାକୁ ସେ ଖୁବ୍ ଭଲପାଏ । ବହୁଦିନୁ ଏମିତି ସେ ଦେଖି ଆସୁଚି । ତାକୁ ବି ଦେଖୁଚି ଏଇ ଆକାଶ, ଚନ୍ଦ୍ର, କାଠଯୋଡ଼ି । ସୁସ୍ଥ ପାତଳ ତନୁ । ଗୋଲ୍ ଗୋଲ୍ ବାହୁ । ମସୃଣ କପୋଳ । ବଡ଼ ବଡ଼ ଆଖି । ଚାହାଣୀରେ ବ୍ୟକ୍ତିତ୍ୱ– ବିରାଟ ବ୍ୟକ୍ତିତ୍ୱ ଆଡୁଆଳରେ କାରୁଣ୍ୟ ।

କବିତା ଦୀର୍ଘଶ୍ୱାସ ଟାଣିଲା ।

ଆଗରେ ଦାଣ୍ଡେ ଯୁବକ । ମୁଖାର ତେଉଟାଏ । ସ୍ୱାଭାବିକ ଗୀତ । ରିକ୍ସା ଭିତରକୁ ଝୁଙ୍କି ଆସୁଚି ଚାହାଣୀ । ତରଙ୍ଗ ତରଙ୍ଗ ଚାହାଣୀ । ଓଠରେ ଆଦି ମାନବର ତୃଷା । ଚିହ୍ନା ଚିହ୍ନା ମୁହଁ । କବିତା ଅସ୍ୱସ୍ତି ବୋଧ କରୁଚି । ସେଇ ଅସ୍ୱସ୍ତି ଭିତରେ ବି କୌତୁକ ଜାଗୁଚି । ଏଇ ଚାହାଣୀ, ଏଇ ତୃଷା, ଯୁଗ ଯୁଗର । ମଣିଷର ଗନ୍ଧ ମଣିଷକୁ ଆକର୍ଷଣ କରେ । କିନ୍ତୁ ମଣିଷ ଅସ୍ୱୀକାର କରେ । ନିଜକୁ ନିଜେ ଅସ୍ୱୀକାର କରେ । ଖାଲି ଫାଙ୍କି, ଘୃଣ୍ୟ ଫାଙ୍କି ।

ଏମିତି ଚାହାଣୀ । ବହୁଦିନୁ ଏମିତି ଚାହାଣୀ ସେ ଦେଖି ଆସୁଚି । କବିତା ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ନେଲା ବେଳେ, ଛବି ଆଙ୍କି ଶ୍ରେଷ୍ଠ ସମ୍ମାନ ପାଇଲାବେଳେ ଏମିତି ତାକୁ ସେମାନେ ଚାହିଁଚନ୍ତି । ବିଶ୍ୱାସରେ ଭୁଲ୍‌ତା ଟେକିହୋଇ ଯାଇଚି । ଆଶାରେ ଆଖି ଉଜ୍ଜ୍ୱଳ ହୋଇ ଉଠିଚି । କବିତା ଲକ୍ଷ୍ୟ କରିଚି । ବହୁଥର କବିତା ପ୍ରତିଯୋଗିତାରେ ସେ ସେମାନଙ୍କୁ ଦେଖିଚି । ଶୁଣିଚି ପଛେ ପଛେ ତାର ରିକ୍ସା ଚାଲିଚି । କେହି କାହାକୁ ଦେଖନ୍ତି ନାହିଁ । ଘଡ଼ି ଘଡ଼ିକା ଅନ୍ଧାର ଆଲୁଅ ଭିତରେ ଚାଲି

ମୁଁ ଲକ୍ଷ୍ୟ କରି ଲାଗି ଲାଗି ନିଜର କଥା ଅନ୍ୟ ମୁହଁରୁ ସେ ଶୁଣିଛି ।

ସେଇ କବିତା ଦେବୀ ସେ, ଆଜି ପ୍ରଥମ ପୁରସ୍କାର ମାରିନେଲା । କେତେ ପ୍ରେଷ୍ଟିଜ ।

କବିତା ଦେବୀ ଭଲ ଅଛନ୍ତି ।
ପ୍ରିଷ୍ଟିଜର ଲୋଭନୀୟ ସ୍ୱାସ୍ଥ୍ୟ ।

କବିତା ଦେବୀ କିଏ ? ମନରେ ମନରେ ପ୍ରଶ୍ନ ଉଠେ । ଆଗ୍ରହ ଜନ୍ମେ । ଦେଖିବାର ଲାଳସା ଜାଗେ । କବିତା କେମିତି ? କେଉଁଠି ରହେ ? କିଏ କରେ ? ନିଜ ଭିତରୁ ପ୍ରଶ୍ନ ଉଠେ । ଉତ୍ତର ବି ମିଳେ ।

ଆମ କ୍ଲାସର ସେଇ ପାତଳା, ଡେଙ୍ଗା ଚୋକା, ଶାଣିତ ଆଖି । ସ୍ୱାଇଟ୍ ଡ୍ରେସ । ଆଖିରେ ଚଷମା । ମୁହଁରେ ଆଭିଜାତ୍ୟ । ବଡ଼ ଗମ୍ଭୀର ।

ନାଁ କଣ ?

ମନେପଡୁନି । କମ କଥା କହେ । ତାର ଭଉଣୀ ବୋଧେ !! ରମେଶ କହୁଥିଲା । ଭାଇର ସ୍ପଷ୍ଟ ଭଉଣୀ । ବଡ଼ ଗର୍ବି । ସହଜରେ ପାଟିରୁ କଥା ବାହାରେ ନାହିଁ । ଭାଇ ଭଉଣୀ ହସନ୍ତି । ବାଟେ ମୁରୁକି ମୁରୁକି ହସି ହସି ପେଟ ଦରଜ ହୁଏ ।

ଶୁଣିଛି ଗୀତା, କଲ୍ୟାଣୀ କହୁଥିଲା, କବିତା ଦେବୀଙ୍କ ସହିତ ତାଙ୍କର ଆଜି ପରିଚୟ ହେଲା । ଖୁବ ସରଳ ସାଧା ସିଧା । ସୁନ୍ଦର ବ୍ୟବହାର । ପାଞ୍ଚ ମିନିଟରେ ଆପଣାର କରିନେଲେ । ସ୍କୁଲ ମ୍ୟାଗାଜିନ ପାଇଁ ତାଙ୍କୁ ଲେଖିଦେବେ କହିଚନ୍ତି ।

କବିତା ସୁନ୍ଦର ଲେଖେ ।

ତୁ ଯାହା କହ, ଯିଏ ଏତେ ସୁନ୍ଦର ଲେଖିପାରେ ସେ କଣ କମ ଲୋକର ଅନୁଭବରେ ଆସିଥିବ ବୋଲି ମନେ କରୁଚୁ ? ଯାହାର ଅନୁଭୂତି ନାହିଁ, ଯିଏ ଅନୁଭବି ନୁହେଁ, ଲେଖନୀ ତାର ଏ ସତ୍ୟ ସୁନ୍ଦରର ସୃଷ୍ଟି କରି ପାରିବ ନାହିଁ । ରିକ୍ସାର ଚକ ଗଡ଼ି ଗଡ଼ି ଚାଲିଚି । ମନର ଚକ ଘୂରି ଘୂରି ଚାଲିଚି । ଦୀର୍ଘ ପନ୍ଦର ବର୍ଷ । ଅତୀତର ଛାୟା ଜୀବନର ପଥକୁ ଘେରି ରହିଚି ।

ବଉଦ ଖଣ୍ଡେ ଆକାଶରେ ଢାଙ୍କି ଆସୁଚି । ମଇଳା ପଡ଼ି ଆସୁଚି ଚୋପା ଜହ୍ନରାତି । ଛାଇ ଛାଇକା ଅନ୍ଧାର ଆଲୋକ ଭିତରେ କିଏ ଜଣେ ଛିଡ଼ା ହୋଇଚି । ନଈର ପାଣି ଉପରେ ତାର ଛାୟା ପଡ଼ିଚି । ଦୀର୍ଘ ଛାୟା । ମଣିଷର ଜୀବନରେ ଏମିତି ଅନ୍ୟର ଛାୟା ପଡ଼େ । ଧୀରେ ଧୀରେ କାୟା ବଢାଏ ; କାୟା ନୁହେଁ ଆକାର । ସେ ମଣିଷକୁ ଆତ୍ମହରା କରେ । ପଥହରା କରେ ।

ଆକାଶରେ ମେଘ ଢାଙ୍କି ଆସୁଚି । ଢାଙ୍କି ହୋଇ ପଡୁଚି ଚନ୍ଦ୍ରର ସ୍ନିଗ୍ଧ ଶିଖା । ଶିରି ଶିରି ଥଣ୍ଡା ପବନ ବହୁଚି । କାଠଯୋଡ଼ିର ପାଣି ହଲୁଚି । ଦୋହଲୁଚି । ଦୋହଲି ଦୋହଲି ଛୋଟ ଛୋଟ ତରଙ୍ଗମାଳ ଚାଲି ଯାଉଚି କାହିଁ କେତେ ଦୂରକୁ । ନଈର ଛାତି ଉପରେ ମଣିଷର ଛାୟା ନାଚୁଚି । ମନ ଭିତରେ ଅତୀତର ଛାୟା ନାଚୁଚି ଦୋହଲୁଚି ।

ସେ ଛାୟାର ମାୟା—ସେ ଅତୀତର ଦିନେ କାୟା ଥିଲା, ବିସ୍ତାର ବି ଥିଲା । ଆଜି କାୟା ନାହିଁ, ଖାଲି ଛାୟା । ସେ ଛାୟା ଅସ୍ପଷ୍ଟ । ହୃଦୟ ଶୂନ୍ୟ—ମହା ଶୂନ୍ୟ । ସେ ଶୂନ୍ୟତା ଭିତରେ ଆତ୍ମାର ହା ହା କାର—ଖାଲି ଅତୃପ୍ତ ଆତ୍ମାର ହା ହା କାର । ଦିନେ ଏଇ ଶୂନ୍ୟତା ନଥିଲା । ଅନ୍ତରର କେଉଁ କୋଣରେ ଆଶାର ଦୀପ ଜଳୁଥିଲା । ଉଜ୍ଜ୍ୱଳ—ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର । ସେ

ଦୀପାଲୋକରେ ଅନ୍ଧାର ଛୁଟି ଆସୁଥିଲା। ଜୀବନର ଅନ୍ଧାର। ପଥ ପରିଷ୍କାର ଦିଶୁଥିଲା। ସେହି ସ୍ୱଚ୍ଛାଲୋକ ତଳେ ହୃଦୟ ପିଞ୍ଜରାରେ ମନର ପକ୍ଷୀ ଖେଳୁଥିଲା, ନାଚୁଥିଲା, ରବ ଦେଉଥିଲା। ସେ ନାଚି ଥାଆନ୍ତା। ଆଲୋକର ଅଫୁରନ୍ତ ପ୍ରବାହ ଭିତରେ ନିଜକୁ ଭସେଇ ସେ ଲୀଳାୟିତ ଛନ୍ଦରେ ନାଚି ପାରି ଥାଆନ୍ତା। ନାଚି ନାଚି ସମସ୍ତ ଜୀବନକୁ ମଧୁସିକ୍ତ କରି ପାରି ଥାଆନ୍ତା।

ସେ ଆଜି ପକ୍ଷୀ ନୁହେଁ। ସୁପ୍ତ ସାପ। ହିଂସ୍ର ବିଷାକ୍ତ। ହୃଦୟର କେଉଁ ଅନ୍ଧାରି ମୂଳକରେ ଅତି ଭୋଜନ ନିଶାରେ ଶୋଇଥାଏ। ବେଳ ଅବେଳରେ ଦଂଶନ କରେ। ସେ ଦଂଶନର ଜ୍ୱାଳା ଘାରେ ସାରା ଅବୟବରେ।

ମଣିଷର ଛାୟା ଅପସରି ଯାଇନି। ଆଗରେ ନଈ। ପଛରେ ପୂଜାର ନହବତ। ମୁଣ୍ଡ ଉପରେ ଆକାଶ। ସେ ଠିଆ ହୋଇଛି। ନିର୍ବାକ, ନିସ୍ପନ୍ଦ। କିଛି ତାକୁ ସ୍ପର୍ଶ କରି ପାରୁ-ନାହିଁ। ଆକାଶରେ ମେଘର ଗୁରୁ ଗୁରୁ ଧ୍ୱନି। ଧରଣୀର କୋଳାହଳ ଭିତରେ ଚଞ୍ଚଳ ମଣିଷ ନିଶ୍ଚଳ ହୋଇଛି। ଭିତର ମଣିଷର ସଙ୍କେତ, ସମସ୍ତ ଅସମୟରେ ଚଳନ୍ତି ପ୍ରତିମାକୁ ସ୍ଥିର କରେ। କାହିଁକି? ଭାବନା, ଦୁଃଖ, ଲୁହ। କଣ ଭାବୁଛି ମଣିଷ? ହୁଏତ ସେ ଜାଣୁଛି। କାହିଁକି ଜାଣୁଛି କିଏ କାହିଁକି ଜାଣେ କହି ହେବନାହିଁ।

ଆକାଶରେ ମେଘ। ନିରୋଳା ମୁହୂର୍ତ୍ତ। କବିତାର ଆକୁଳ ଅନ୍ତରରେ ମେଘଦୂତର ଝଙ୍କାର ଉଠିଲା। ଆକାଶରେ ମେଘ, ଅଳକା ପୁରୀରେ ଅଶ୍ରୁମୁଖୀ ପ୍ରିୟା। ପୁଣ୍ୟତୋୟା ତଟରେ ଯନ୍ତ୍ରିତ ଯକ୍ଷ। ହାୟ...ହାୟ...

କବିତାର ଆତ୍ମା ହାହାକାର କରୁଛି। ହୃଦୟର ଶୂନ୍ୟତା

ବଢ଼ୁଚି । ଦୁର୍ବହ ଜୀବନର ଭାର ବଢ଼ୁଚି । ରକ୍ତ ମାଂସର ଆବରଣ ତଳେ ହୁ ହୁ ଗର୍ଜୁଚି ପ୍ରାଣର ନିଃସଙ୍ଗତା ।

ନମସ୍କାର ଅଜ୍ଞା ! ଏକାକୀ କଣ ଆଜି ? ଭାଇ କାହାନ୍ତି ? କଣ ପ୍ରକାର ଆନନ୍ଦ ଉପଭୋଗରେ କବି ଅନ୍ତର......

ମୁହେଁ ମୁହେଁ ପ୍ରଶ୍ନ ଆଉ ଉତ୍ତର । କବିତା ହାତ ଉଠେଇ ନମସ୍କାର କଲା । ଓଠରେ ମୃଦୁ ହସ । ଭଦ୍ର ସମାଜରେ ଚଳିବାକୁ ହେବ ।

ସଂସାର ସାଗରରେ ଲହରୀ ଭାଙ୍ଗୁଚି, ଗୋଟିକ ପରେ ଗୋଟିଏ । କେହି ତାର ହିସାବ ରଖୁନି । ରଖି ହେବନାହିଁ ମଧ୍ୟ । କବିତାର ରିକ୍ସା ଆଗେଇଚି । ମେଘର ନଳିକା ଦୂରକୁ ଭାସି ଗଲାଣି । କାହିଁ କେତେ ଦୂରକୁ । ଆଖି ପାଉ ନାହିଁ । ନିର୍ମଳ ପ୍ରଶାନ୍ତ ଆକାଶ ତଳେ ଜ୍ୟୋତ୍ସ୍ନାଙ୍କିତ ଧରଣୀ ।

ଆଗରେ କାହାର ରିକ୍ସା ଅଟକିଲା ।

ଆରେ କବିତା ଦେବୀ ଯେ...!

ଏକା ସାଥୀରେ ଚୁଷ୍ଟେଟି ହାତ ଉପରକୁ ଉଠିଲା ।

କଣ ଦେବୀ ଦର୍ଶନରେ ?

କବିତା ଓଠରେ ହସ—ସେଇ ପୁରୁଣା ହସ ।

ଦେଇ ନ ପାରିବାର ଅକ୍ଷମତାରେ ଦେବୀର ଦର୍ଶନ କାହିଁ ? ସ୍ୱାର୍ଥାନ୍ୱେଷି ମଣିଷତ । ଆଗରେ ଭଉଣୀର ଘର—ବଡ଼ ଭଉଣୀ ।

ହସରେ ରାଜପଥ ଉଚ୍ଛୁଳି ଉଠିଲା । ମୁକ୍ତ ହସ ।

କବିର ଭାଷା ନିକଟରେ କବିତ୍ୱ ବି ହାର ମାନେ । ଲେଖି ଲେଖି ଲେଖନୀ ଲଙ୍ଗଳ ରୂପ ନେଲାଣି । ତଥାପି ଲେଖା ଖଣ୍ଡେ ଶିଶୁ ପତ୍ରିକାର ଭାଗ୍ୟରେ ଜୁଟିଲା ନାହିଁ ।

କବିତାର ଭାଗ୍ୟରେ ସୌଭାଗ୍ୟର ସଙ୍କେତ ।

ବିକୁସା ରକ୍ତ ଗଡ଼ି ଗଡ଼ି ଗୁଲୁଚି । ଏମିତି ଗଡ଼ି ଗଡ଼ି ଯାଇଛି ପନ୍ଦର ବର୍ଷ । ଲୋମ କୂପେ କୂପେ ଶିହରଣ ଜାଗୁଚି । ସ୍ମୃତିରେ ଚିହ୍ନିଁକା । ନୀଳ ଅଞ୍ଚଳର ଦୋଳନେ ଦୋଳନେ ତାହାର ତରଙ୍ଗାୟିତ ଗୃହାଣୀ ମିଶୁଚି । ସତେ ଯେମିତି ସେ ଫେରି ଯାଇଚି ସେଦିନ ଭିତରକୁ । ଲମ୍ବ ଲମ୍ବ ଭୃରୁ ଲତା ତଳେ ତୃଷିତ ଆଖି—ବିଗମଗ୍ନୀନ ତୃଷା ।

ତାପରେ ବନ୍ଧୁଦିନ ଗଲ୍ପ ହୋଇ ଯାଇଚି । ଆଜିର ନିଃସଙ୍ଗ ମୁହୂର୍ତ୍ତି ଦୁଇବାହୁ ମେଲି ଜଡ଼େଇ ଧରିଚି ଗତ ପନ୍ଦର ବର୍ଷକୁ । ତାରି ବାହୁର ଆକର୍ଷଣରେ ନିଦ୍ରିତ ଦିନ ଗୁଡ଼ାକ ଜାଗି ଉଠୁଚନ୍ତି । କିବିତାର ବୁକୁ ବିଦୀର୍ଣ୍ଣ କରି ରକ୍ତ ସିକ୍ତ କରି ଦେଉଚନ୍ତି ଜୀବନଟାକୁ । ନିଦ୍ରା, ଆଜି ଜାଗରଣ ଭିତରେ ଏଇ ଯାହା ବ୍ୟବଧାନ ।

କିଛି ଅପା !

ଫର ଫର ଅଞ୍ଚଳ ଉଡ଼େଇ ହସି ହସି ଲୋଟି ଲୋଟି ଆଗଉଚି କନକର ଚଞ୍ଚଳ ଲତାଟିଏ । ଗୋଟିଏ ନୁହେଁ—ଅନେକ । କୁସୁମିତ, ସୁରଭିତ, ସୁଷମିତ ।

ସୁରଭିତ, ସୁଷମିତ ଜୀବନ ନେଇ କବିତା ଦିନେ ଏମିତି ହସିଥିଲା । ହସେଇଥିଲା । ହସି ହସି ଜୀବନକୁ ମଧୁ ରସରେ ରସାଣିତ କରିଥିଲା । ସେ ଜୀବନ ଆଜି ସ୍ୱପ୍ନ । ସ୍ପଷ୍ଟ, କ୍ଷତ ବିକ୍ଷତ । ସେ କ୍ଷତ ଅଶୁଖା । ଅଶୁଖା ଘା ବୁକୁ ଭିତରେ ଛୁଗୁ ଛୁଗୁ କରୁଚି । ପୋଡୁଚି, ପୋଡ଼ଉଚି । ପୋଡ଼ିବା କମୁନି, ବଢ଼ୁଚି ।

କିଛି ମୋର—ଲକ୍ଷ୍ମୀ । ଲକ୍ଷ୍ମୀ ପାଦ ତାର ଏଇ କୁଡ଼ିଆ ମଣ୍ଡନ କରିବ ।

ଆଗରେ ବଡ଼ ଭଉଣୀର ଘର—ବିସ୍ତୃତ କୋଠା । କୋଠା

ଭିତରେ କୋଳାହଳ—ଜୀବନର ଆନନ୍ଦ । ବିଳାସ, ଉପଭୋଗ ସବୁ ଯେମିତି ଏକାବେଳକେ କବିତାକୁ ଉପହାସ କରୁଛନ୍ତି ।

କବିତା ସହି ପାରୁନି । ଭିତରର ମଣିଷ ଅସହାୟ ଶିଶୁ ପରି ଆର୍ତ୍ତନାଦ କରି ଉଠୁଛି । ଏ ଅତ୍ୟାଚାର, ନିର୍ମମ ଅତ୍ୟାଚାର । ମଣିଷ ଉପରେ ଅତ୍ୟାଚାର । ଗୋଟାଏ ସରସ, ମଧୁର ଜୀବନକୁ ଦଳି ଚକଟି ନିଷ୍ପେଷିତ କରି ବିଜୟ ଗର୍ବରେ ମଣିଷ ଠିଆ ହୋଇଛି । ମଣିଷ ନୁହେଁ, ମଣିଷର ଆବରଣ ତଳେ ଅସୁରର ଆତ୍ମା ରକ୍ତମୁଖା ହୋଇ ହେଁଇ ଉଠିଛି ।

କବି ମୋର ସୁନା ଭଉଣୀ । ସୁନାର ଲୋଭ ମଣିଷ ତ୍ୟାଗ କରି ପାରେ ନାହିଁ ।

ଓମଙ୍କ ଶାବକ ପରି ଯୋଡ଼ିଏ ନୀରବ ଆଖି । ସେ ଆଖିରେ ଭାଷା ଥିଲା ଆଉ ଥିଲା ବ୍ୟର୍ଥତାର କାରୁଣ୍ୟ । ସେ କାରୁଣ୍ୟ କବିତାର ପଥର ବନ୍ଧନକୁ ଶିଥିଳ କରି ଦେଇଥିଲା ।

କବିତାର ଶୂନ୍ୟ ଦୃଷ୍ଟି ଅନନ୍ତ ଆକାଶର ଉଦାର ନୀଳିମା ଭିତରେ ମିଶିଗଲା । ନଈ ବନ୍ଧେ ବନ୍ଧେ ଚାଲିଚନ୍ତି ଦୁଇଟି ଯାତ୍ରୀ । ସୌମ୍ୟ ଶାନ୍ତ । ହୁଏତ ସେମାନେ ସହଯାତ୍ରୀ । ଏମିତି ଚାଲି ଚାଲି ପରସ୍ପର ସାନିଧ୍ୟରେ ଦିନ ଦିନ ଧରି ସେମାନେ ଜୀବନକୁ ଉପଭୋଗ କରି ଚାଲିଚନ୍ତି ।

ଆକାଶରେ ଚନ୍ଦ୍ର ହସୁଛି । ରଜତ ଉଜ୍ଜ୍ୱଳ ସୂକ୍ଷ୍ମ ଆବରଣ ତଳେ ପୃଥିବୀ ହସୁଛି । ସମସ୍ତେ ହସୁଚନ୍ତି । ସମସ୍ତେ ବିଭୋର, ସମସ୍ତେ ମତ୍ତ ।

ମାଳ ମାଳ ଆଲୁଅ । ଚକ୍ ଚକ୍ ଜିନିଷ । ଜାତି ଜାତିର ଜିନିଷ । ଆଖିରେ ଇନ୍ଦ୍ରଜାଲ ସୃଷ୍ଟି କରୁଛି । ମନରେ ଜାଗୁଛି କେମିତି ଗୋଟାଏ ମାୟା । ସେ ମାୟା ଭିତରେ କେମିତି

ଗୋଟାଏ ଖାଁ ଖାଁ ଲାଗୁଚି । ସବୁ ଅଛି, ସବୁ ମିଳୁଚି, ତେବେ ମିଳୁନି କଣ ?

ଯାହା ମିଳୁନି ତା ହୁଏତ ମିଳିବନି । ସେଇ ନ ମିଳିବାରେ ବୁକୁତଳ ଗାଡ଼ ହେଉଚି । ସେ ଗାଡ଼ ଖୁବ୍ ଗଭୀର । ଅକାତ, ପାତାଳ ସ୍ପର୍ଶୀ । ବେଳେ ବେଳେ ସେଇ ଗଭୀର ପାତାଳରୁ ଲହରୀ ଉଠି ଆସେ । ସେ ଲହରୀରେ କବିତା ଭାସିଯାଏ ବହୁ ଦୂରକୁ ।

କବି ମୋର ବଡ଼ ମଣିଷ ହେବ, ଭାଗ୍ୟବତୀ ହେବ ।

କବିତା ବଡ଼ ମଣିଷ ହେଉଚି । ଗୌରବ ପାଉଚି । ବୈଭବ ପାଉଚି । କିନ୍ତୁ ମଣିଷର ଭାଗ୍ୟ ପାଇ ନାହିଁ । ଭାଗ୍ୟର ସନ୍ଧାନ କରଚି । ଅଦମ୍ୟ ପିପାସା ନେଇ କବିତା ଖୋଜି ବୁଲଚି ଭାଗ୍ୟ । ଆଜି କିନ୍ତୁ ଖୋଜିବାର ସାମର୍ଥ୍ୟ ନାହିଁ । ଦିନେ ଖୋଜିବାର ଶକ୍ତି ତାର ଥିଲା । ସଙ୍କେତ ବି ପାଇଥିଲା । ଆଜି ବି ସେ ପିପାସା ମରି ମରି ଆସିଲାଣି । ଗୃଳି ଗୃଳି ରିକ୍ସା ଅଟକି ଥିଲା । ଆଜି ଯଦି ରିକ୍ସା ଅଟକନ୍ତା···ସେମିତି ସତି, ସେମିତି ଜହ୍ନ···

ସୁଦୂର ଅତୀତର ଜହ୍ନ । ଜହ୍ନ ନୁହେଁ ସ୍ୱପ୍ନ । ମନରେ ସ୍ୱପ୍ନର ଅଞ୍ଜନ ମାଖି କବିତା ଅନୁଭବ କରନ୍ତା ଶୀତଳ ପବନର ସ୍ପର୍ଶ । ଘନନୀଳ ମେଘ ହୋଇ ଭାସି ଯାଆନ୍ତା ଦୂରକୁ । ଭାସି ଭାସି ଆଶା ସୌଧର ଚୂଳ ଛୁଅନ୍ତା ସେ । ସୌଧ ଭିତରେ ସୁନା ପିଞ୍ଜରାରେ ଯେଉଁ ପକ୍ଷୀ ବନ୍ଦୀ ରହିଚି ସେ ନାଚନ୍ତା । କଳା ମେଘ ଦେଖି ନାଚି ନାଚି ଉନ୍ମତ୍ତ ହୁଅନ୍ତା ।

ନା ସ୍ୱପ୍ନ ନୁହେଁ, ଭକ୍ତି ନିରଟ ବାସ୍ତବ । ସେ କଳାମେଘ

ହୋଇ ପାରିବନି । ମନର ପକ୍ଷୀ ଚିରକାଳ ବନ୍ଦୀ ହୋଇ ରହିବ ।
ସ୍ମୃତି ତଳେ ବାହୁନି ବାହୁନି କଏ କାନ୍ଦୁଚି ।

ସେମାନେ ଦୂରକୁ ଚାଲି ଗଲେଣି । ଖୁବ୍ ଅସ୍ପଷ୍ଟ ଦିଶୁଚନ୍ତି ଦୁଇଟି ମଣିଷ । ସେମାନେ ଯେମିତି ମଣିଷ ନୁହନ୍ତି । ଆଦି ଯୁଗର ଇଭ ଆଉ ଆଦାମ । ବହୁ ବର୍ଷ ପରେ ସେମାନଙ୍କର କାୟା ନାହିଁ ଛାୟା । ଛାୟା ରୂପ ନେଇ ସେମାନେ ଯେମିତି ଘୂରି ଘୂରି ଦେଖୁଛନ୍ତି ତାଙ୍କର ଉତ୍ତରାଧିକାରୀ ଏଇ ସର୍ବହରା ମଣିଷ ଗୋଷ୍ଠିକୁ ।

ମଣିଷ ସର୍ବହରା । ମଣିଷ ମଣିଷତ୍ୱ ହରାଉଚି । ତଥାପି ଗର୍ବ କରୁଚି ତାର ଅସ୍ତ୍ର । ତାର ଅସ୍ତ୍ର ଏଇ ପେଁ ପାଁ ମଟର କାର୍, ଉଚା ଉଚା କୋଠାବାଡ଼ି, କଳ କାରଖାନା । ତାର ଭିତରେ ଶୋଷିତ ମଣିଷ ନିଜକୁ ବଡ଼ ମନେ କରୁଚି । ବଡ଼ ପଣ ଦେଖେଇ ହେଉଚି ।

ମଣିଷର ଧାର ଛୁଟିଚି । କେତେବେଳେ ସେ ଧାର ବହଳ ହେଉଚି, କ୍ଷୀଣ ବି ହେଉଚି । ଜଣେ ଜଣେ, ପଣ ପଣ । ଗଣି ହେଉନାହିଁ । ଗଣିବାକୁ ଆବଶ୍ୟକ ମନେ କରୁନାହିଁ କବିତା । କେବଳ ଖୋଜୁଚି । ଅଗଣନ ମଣିଷ ମୁହଁକୁ ଚାହିଁ ଚାହିଁ ସେ ଖୋଜୁଚି । ଯୋଡ଼ିଏ ଆଖି—ତୃଷାର ତରଙ୍ଗରେ ତରଙ୍ଗାୟିତ ଯୋଡ଼ିଏ ନୀଳ ଆଖି । ପ୍ରଥମ ସେ ଦେଖିଥିଲା । ତାପରେ ପନ୍ଦର ବର୍ଷ......

ବହୁ କଥା ।

ଏମିତି ଜନ୍ମ—ନିର୍ଜ୍ଜନ ରାତି । ନିଦଭରା ମୁହୂର୍ତ୍ତରେ ଯୋଡ଼ିଏ ମଣିଷ । ମଣିଷ ନୁହନ୍ତି, ଯୋଡ଼ିଏ ଶିଶୁ । ପ୍ରେସ୍ଥର ଶିଶୁ । ଭବ ବଣରେ । ହିଂସ୍ର ଜନ୍ତୁର କୋଳାହଳ ଭିତରେ

ଉପ୍ତାଉଁ କ୍ଷିଣୁ । ପରସ୍ପରର ସାନ୍ନିଧ୍ୟ ପାଇଁ ସେ କି ଅକୁଳତା, କି ବ୍ୟଗ୍ରତା । ସେ ଅକୁଳତାର ଭାଷା ନ ଥିଲା, କେବଳ ଥିଲା ଭାବ । ସେଇ ଭାବ ମଣିଷକୁ ଆକର୍ଷଣ କରେ—ଅଶ୍ରୁ ଦିଏ ।

କବିତା ଅଶ୍ରୁ ପାଉଛି—ଅଶ୍ରୁ ଝରେଇଛି । ଏଇ ଭବ ବଣରେ, ହିଂସ୍ର ଜନ୍ତୁର କୋଳାହଳ ଭିତରେ ପୁଣି ଅସହାୟ ହେଇ କବିତା ଚାଲିଛି । ଚାହୁଁଛି ଆଗକୁ, ପଛକୁ । ପାଦ ଥକି ପଡୁଛି । ପଛରେ ହଜେଇ ଆସିଲା, ଆଗରେ ଆଉ ତାକୁ ପାଇବାର ଆଶା ନାହିଁ । ସେ ଏକା—ଏକାକୀ ଜୀବନର ଏ ଦୀର୍ଘ ପଥ ଅତିକ୍ରମ କରିବ ।

ହଜେଇବାର ବ୍ୟଥା, ନ ପାଇବାର ହାହାକାର ବୁକୁତଳେ ଗୁମୁରି ଗୁମୁରି ମଥା ପିଟୁଛି । ପିଞ୍ଜରାର ନିଗଡ଼ କାଟି ବିହଙ୍ଗ ଉଡ଼ି ଯାଇଛି । ସେ ଆଉ ଫେରି ଆସିବ ନାହିଁ । ଏଇ ସଂସାର—ଏହା ଭିତରେ କୋଟି କୋଟି ମଣିଷ, ଜାତି ଜାତି ଜିନିଷ, ସବୁ ଅଛି, ସବୁ ମିଳୁଛି । କିନ୍ତୁ ମିଳୁନି, ମିଳିବନି ଗୋଟାଏ ଜିନିଷ । ଯେବେ ମିଳନ୍ତା…

କବିତାର ସ୍ମୃତି ତଳ ଘା ପୋଡୁଛି । ହୁ ହୁ ଜଳୁଛି । ଏ ସଂସାର ହାଟରେ ସବୁ ମିଳେ । ମିଳେନି ଖାଲି ହୃଦୟର ସମ୍ପତ୍ତି ସେଇ ନୀଳ ଆଖି ଯୋଡ଼ିକ ।

ଆଗରେ ବଡ଼ ଭଉଣୀର ଉନ୍ନତ ଗର୍ବିତ କୋଠା । ଆଭିଜାତ୍ୟର ବଡ଼ିମାରେ ଆକାଶକୁ ମଥା ଟେକିଚି ।

କବିତାର ରିକ୍ସା ଧାଇଁଛି । ରିକ୍ସା ଭିତରେ ଲୋଗୁ, କୋଗୁ ଗୋଟିଏ ମଣିଷ । ମଣିଷ ନୁହେଁ ଗୋଟିଏ ମାଂସ ପେଣ୍ଡୁଲା । ଜୀବନ୍ତ ଅଣ୍ଡି ।

ପଛରୁ କୋଠା ଉପରୁ ଶୁଭୁଛି ଗୋଟାଏ ଚଞ୍ଚଳ ସ୍ୱର, ହେଇ ହେଇ କବି ଯାଉଛି । ଇଆଡ଼କୁ ଅନଉନି, କବି ପଳଉଛି ଅପା !

କବି···କବିତା···

ପରେ ପରେ ଆଉ ଗୋଟିଏ ଆହତ ସ୍ୱର । କରୁଣ ବ୍ୟଥିତ ।

କବିତାର ଆଖିପତା ତନ୍ଦ୍ରା ଆସିଲା । ସ୍ମୃତରେ ଗମ୍ଭୀର ଗାଢ଼ ପୂର ନାହିଁ । ଆକାଶରେ ସେମିତି ଜହ୍ନ—ସେମିତି ରାତି ।

# ମଧୁମତୀ

ନୂଆ ମୋହ କିଛି ନ ଥିଲା । ବିବାହର ଠିକ୍ ଦୁଇମାସ ପରେ ସ୍ତ୍ରୀଙ୍କର ଅସୁସ୍ଥତା ଆରମ୍ଭ ହୋଇ ଗଲା । ତାପରେ ଆଜି ତାଙ୍କର ସ୍ୱାସ୍ଥ୍ୟ ଫେରି ଆସି ନାହିଁ । କ୍ରମେ କ୍ରମେ ସେ ବିଛଣା ଧରିଲେ ।

ପ୍ରଥମେ ପ୍ରଥମେ ବଡ଼ ନିସଂଗ ଲାଗୁଥିଲା । ଦୁଃଖର ଗୁରୁ ଭାରରେ ଛାତିଟା ଫାଟି ପଡ଼ିବ ବୋଲି ମନେ ହେଉଥିଲା । କିନ୍ତୁ ଆଜିକାଲି ସମସ୍ତ ଦୁଃଖକୁ ସହି ସହି ଚାଲି ଯିବାଟା ଅଭ୍ୟାସ ପଡ଼ି-ଯାଇଛି ଆଉ କର୍ମ ଜଞ୍ଜାଳ ଭିତରେ ନିଜକୁ ହଜେଇ ଦେଇ ଅବସ୍ଥାକୁ ଭୁଲି ହୋଇ ଯାଉଛି ।

ଦୁଇଦିନ ହେଲା ଜଣେ ପ୍ରକାଶକ ଖଣ୍ଡିଏ ବହିର ଛବି ପାଇଁ ତାଗିଦ କରୁଛନ୍ତି । ପାଣ୍ଡୁଲିପିଟାକୁ ସଂପୂର୍ଣ୍ଣ ନ ପଢ଼ିଲେ ଚିତ୍ରଟିର ପରିକଳ୍ପନା କରି ହେବ ନାହିଁ । ସେଥିଯୋଗୁ ଥରେ ଭଲ କରି ପଢ଼ିନେବା ଉଚିତ ।

ନଳିନାଥ ପାଣ୍ଡୁଲିପିର ପୃଷ୍ଠା ଓଲଟେଇଲେ । ପ୍ରାୟ ଦୁଇ ଶହରୁ ଅଧିକ ହେବ । ସେ ଏହି ମାତ୍ର ଆରମ୍ଭ କରୁଛନ୍ତି ।

ଦୁଇଦାନ ପଡିବାକୁ ବାରମ୍ବାର ଚେଷ୍ଟା କରି ମଧ୍ୟ ସେ ନିଷ୍ଫଳ ହେଉଛନ୍ତି ।

ଅଳ୍ପ ଅନ୍ଧୁଆରରେ ଘରର ଗୋଟିଏ ପାଖରେ, ଖଟ ଉପରେ ସ୍ତ୍ରୀ ଶୋଇ ରହିଥିଲେ । ତାଙ୍କୁ ଶୋଇ ରହିବାକୁ ଆଦୌ ଭଲ ଲାଗୁ ନ ଥିଲା । କ୍ରମାଗତ କେତେ ମାସ ଧରି ସେ ସେହି ବିଛଣାରେ ପଡ଼ି ରହିଥିଲେ । ତାଙ୍କର ଇଚ୍ଛା ହେଉଥିଲା, ସେ ବିଛଣାରୁ ଉଠି ପାଦ ଟିପି ଟିପି ସ୍ୱାମୀଙ୍କ ନିକଟରେ ପହଞ୍ଚି ଯିବେ ଆଉ ତାଙ୍କର ଦୁଇଟି ଆଖି ବୁଜି ଧରିବେ । ନ ହେଲେ ତାଙ୍କର ହାତ ଧରି ବୁଲି ବୁଲି ଯାଇ ସେ ଠିଆ ହେବେ, ଯେଉଁଠି ସେ ତାଙ୍କୁ କନ୍ଦଦାନ ତଳେ ନିଜ ଅବସ୍ଥାର କାରଣ କହି ଦେଇ ମୁହଁ ଲୁଚେଇ ଦେଇଥିଲେ । କିନ୍ତୁ ସେ ଉଠି ପାରୁ ନାହାନ୍ତି । ନିଜର ଶୀର୍ଣ୍ଣ ହାତ ଗୋଡ଼କୁ ଚୁହିଁ ଚାହିଁ ସେ ନୀରବରେ ବିଛଣାରେ ପଡ଼ି ରହିଛନ୍ତି ।

ଘର ଭିତରକୁ ଥଣ୍ଡା ପବନ ବହି ଆସୁଛି । ଶେଷ ମାଘର ପବନ । ଶୀତ ସରି ଆସିଲାଣି । ପବନର ଆଘାତରେ ସ୍ତ୍ରୀଙ୍କର ଦୁର୍ବଳ ଦେହ ଥରି ଉଠିଲା । ହଠାତ୍ ଯେପରି ଯନ୍ତ୍ରଣା ତାଙ୍କର ଦୁଇଗୁଣ ବଢ଼ିଗଲା । ସେ ବ୍ୟାକୁଳ ହୋଇ ଚିତ୍କାର କରି ଉଠିଲେ ।

ଓ ହୋ...ମରିଗଲି...ମରିଗଲି...

ନଳିନାକ୍ଷ ବହି ପୃଷ୍ଠାରୁ ମୁହଁ ଉଠେଇ ଟିକିଏ ଚେରକି ଚାହିଁଲେ । କିନ୍ତୁ ଉଠି ଆସିଲେ ନାହିଁ । ସ୍ତ୍ରୀଙ୍କର ଆକୁଳ ଚିତ୍କାର ତାଙ୍କୁ ବ୍ୟାକୁଳ କରି ପାରିଲା ନାହିଁ । ଅସହ୍ୟ ବେଦନାର ଚାପରେ ଆଖିରୁ ତାଙ୍କର ଲୁହ ଗଡ଼ି ଆସିଲା ନାହିଁ । ସେ ପୁଣି ପଢ଼ିବାରେ ନିଜକୁ ନିମଗ୍ନ କରି ଦେଲେ ।

ସ୍ତ୍ରୀ ଯେତେବେଳେ ପ୍ରଥମ କରି ଅସୁସ୍ଥ ହୋଇ ପଡ଼ିଲେ, ନଳିନାକ୍ଷ ଖୁବ୍ କାତର ହୋଇ ଉଠିଥିଲେ । ସ୍ତ୍ରୀଙ୍କର ଅସୁସ୍ଥତା ଏକ ନୂତନ ଶୁଭବାର୍ତ୍ତା ବହନ କରି ଆସିଥିଲେ ମଧ୍ୟ ତାଙ୍କର ମନେହେଲା ସେ ଯେପରି ନିଜର ସମସ୍ତ ଆଶ୍ରୟ ହରେଇ ବସୁଛନ୍ତି । ସ୍ତ୍ରୀଙ୍କ ନାରୀତ୍ୱର ଚରମ ସାର୍ଥକତାରେ ସୁଖୀ ହୋଇ ପାରିଲେ ନାହିଁ । ଗୋଟିଏ ଅନାଗତ ସୁନ୍ଦରର ଆଶାରେ ସେ ଅସ୍ପୃହସ୍ ହୋଇ ପାରିଲେ ନାହିଁ । ନଳିନାକ୍ଷ ହୁଏତ ଏମିତି କିଛି ଚାହିଁ ନ ଥିଲେ । ଚାହିଁଥିଲେ ଟିକିଏ ଆଶ୍ରୟ । ଯେଉଁ ଆଶ୍ରୟ ମଣିଷକୁ ଭିତରର ଭୟରୁ ରକ୍ଷା କରେ ।

ସ୍ତ୍ରୀ ଆଶା କରିଥିଲେ ନଳିନାକ୍ଷ ସନ୍ଧ୍ୟାରେ ଆସିବେ । ତାଙ୍କର ବ୍ୟାକୁଳତା ସ୍ୱାମୀଙ୍କି ସ୍ଥିର ରହି ଦେବ ନାହିଁ । ଦେହରେ ତାଙ୍କର ହାତ ବୁଲେଇ ବୁଲେଇ ନଳିନାକ୍ଷ ଅନେକ କଥା କହିବେ । ଆଶ୍ୱାସନାର କଥା । ସ୍ୱାମୀଙ୍କର କଥା ଶୁଣୁ ଶୁଣୁ ତାଙ୍କର ଆଖି ଆରାମରେ ବୁଜି ହୋଇ ଆସିବ । ପରମ ଶାନ୍ତିରେ ଶୋଇ ପଡ଼ିବେ ସେ ।

ନଳିନାକ୍ଷ ଆସିଲେ ନାହିଁ । ମୁହୂର୍ତ୍ତ ପରେ ମୁହୂର୍ତ୍ତ ବିତିଗଲା । ସେ ଘରର ଗୋଟିଏ କୋଣରେ ବସି ବସି ବହି ଭିତରେ ନିଜକୁ ହଜେଇ ଦେଲେ । ସ୍ତ୍ରୀଙ୍କର ସ୍ୱର ସେମିତି ତାଙ୍କର ନିକଟରେ ପହଞ୍ଚି ପାରି ନାହିଁ ।

ବିଛଣାରେ ପଡ଼ି ଅନେଇ ରହିଛନ୍ତି ସ୍ତ୍ରୀ । ନଳିନାକ୍ଷଙ୍କର କୌଣସି ପରିବର୍ତ୍ତନ ଆସି ନାହିଁ । ତାଙ୍କ ସାନ୍ନିଧ୍ୟରୁ ବଞ୍ଚିତ ହୋଇ, ତାରୁଣ୍ୟର ଉତ୍ପୀଡ଼ନରେ ମଧ୍ୟ ସେ ବଦଳି ପାରି ନାହାନ୍ତି । ଯେମିତି ଥିଲେ ଠିକ୍ ସେମିତି । ସେମିତି ଦୃଢ଼, ଅବିଚଳିତ । ସେମିତି କଠୋର କର୍ତ୍ତବ୍ୟନିଷ୍ଠ । ସେମିତି

ଅଧିବସାୟୀ । ଧନ ଧନ ଧରି ପୀଡ଼ିତା ସ୍ତ୍ରୀଙ୍କର ଯନ୍ତ୍ରଣା ଦେଖି ସୁଦ୍ଧା ସେ ଅଟଳିଲ । ଠିକ୍ ସେମିତି ଅଟଳିଲ, ବଧୂ ଜୀବନର ମଧୁରେ ସଂସାର ପୂରି ଉଠୁଥିଲା ବେଳେ ଯେମିତି ଅଟଳିଲ ରହୁଥିଲେ ।

ସ୍ୱାମୀଙ୍କର ମମତା ଆଉ ନାହିଁ । ସେ ରୋଗର ତାଡ଼ନାରେ ଅକାଳରେ ଯୌବନ ବିଦାୟ ନେଲଣି ଆଉ ସେଥିଯୋଗୁ ନଳିନାକ୍ଷଙ୍କର ଅନାଦର ବଢ଼ିଛି । କିନ୍ତୁ ମମତାଟା କଣ କେବଳ ଦେହ ଦେହର ? ଯାହା ଦେହର ପୁଷ୍ଟିତାରେ ବଢ଼ିବ କମିବ । ଅଭିମାନରେ ସ୍ତ୍ରୀଙ୍କର କଣ୍ଠରୁଦ୍ଧ ହୋଇ ଆସିଲା ।

କଣ ଗୋଟାଏ ଖଟ୍ ଖଟ୍ ଶୁଭୁଛି । ନଳିନାକ୍ଷ ଝରକାର ଭିତାଟି ବନ୍ଦ କରି ଧୀରେ ଧୀରେ ପୁଣି ଟେବୁଲ ପାଖକୁ ଫେରି ଯାଉଛନ୍ତି । ତାଙ୍କ ଆଡ଼କୁ ଥରେ ହେଲେ ଅନାଇ ନାହାନ୍ତି । ଅନେଇବାକୁ ତାଙ୍କର ଯେମିତି ବେଳ ନାହିଁ । ସ୍ତ୍ରୀଙ୍କର ରାଗ ବଢ଼ିଲା । ଏ ଅବହେଳା ଯେମିତି ଅସହ୍ୟ ହୋଇ ଉଠିଲା ।

ଶୁଣିବ ଟିକିଏ...

ନଳିନାକ୍ଷ ମୁହଁ ବୁଲେଇଲେ ।

ସମୟ ଅଛି ତମର ? ମୋ କଥା ଶୁଣିବ ଟିକିଏ ? ଆଜିକାଲି ତମ ସମୟର ମୂଲ୍ୟ ବଢ଼ି ଯାଇଛି ।

ସ୍ତ୍ରୀଙ୍କର ଶେଷ କୋଟୋଟି ପଦ ଭାରି ହୋଇ ଉଠିଲା । ନଳିନାକ୍ଷ ହସିଲେ । ତାଙ୍କର ମନେ ହେଲା ସମସ୍ତ ବୈଭବ ହରେଇ ମଧ୍ୟ ସ୍ତ୍ରୀ ପୂର୍ବ ପରି ମାନିନୀ ଆସନରେ ଅଛନ୍ତି ।

କିଓ ହେଲା କାହିଁକି ?

ତମର ଆଦେଶ ପାଇଁ । ଚିର ଅନୁଗତଟିରେ କୃପା କରି ଦେବା !

ନଳିନାକ୍ଷ ଜୋରରେ ହସି ଉଠିଲେ । ସ୍ତ୍ରୀ ବି ହସି ପକେଇଲେ । କିନ୍ତୁ ସ୍ୱାମୀଙ୍କର ମୁହଁକୁ ଚାହିଁ ଚାହିଁ ସେ ପୁଣି ଗମ୍ଭୀର ହୋଇ ଉଠିଲେ ।

କହ କିଛି⋯!

ନଳିନାକ୍ଷ ସ୍ତ୍ରୀଙ୍କର କପାଳ ଆଉଁସିବାରେ ଲାଗିଲେ । ବହୁଦିନୁ ପ୍ରସାଧନ ହୋଇ ନାହିଁ । ସମସ୍ତ ଦେହଟା ଯେମିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି ।

କଣ ତମକୁ କହିବି ? ସତେ କଣ ତମେ ମୋ କଥା ଶୁଣିବାକୁ ଆସିଛ ? ମୁଁ ତ ଗୋଟାଏ ଛଡ଼ାମାଲା ।

ସ୍ତ୍ରୀ କାନ୍ଦି ଉଠିଲେ । ମନ ଭିତରେ ଯଥେଷ୍ଟ ଆଘାତ ପାଇଲେ ନଳିନାକ୍ଷ । ଏମିତି କଥା ଶୁଣିବାକୁ ସେ ଆଶା କରି ପାରି ନ ଥିଲେ । ନିଜକୁ ଖୁବ୍ ସରସ ରଖିବାକୁ ଚେଷ୍ଟା କରି କହିଲେ—

ଏମିତି ଭାବିବା ତମର ଆଦୌ ଠିକ୍ ହେଉ ନାହିଁ । ନିଜର ଭୁଲ ପାଇଁ କେତେ କଷ୍ଟ ପାଉଛ କହିଲ ? ତମେ ରୋଗିଣୀ ହେଲେ ବି ମୋ ସ୍ତ୍ରୀ । ମୁଁ ଏକଥା ମୋଟେ ଭୁଲି ନାହିଁ ।

ମିଛ⋯ସବୁ⋯ମିଛ କଥା⋯

ନଳିନାକ୍ଷ ସ୍ତ୍ରୀଙ୍କର ମୁହଁକୁ ଚାହିଁଛନ୍ତି । ଆଖିରୁ ତାଙ୍କର ଝର ଝର ଲୁହ ଝରି ପଡୁଛି । ସେ ଆଖି ଭିତରେ ନଳିନାକ୍ଷ ଆଜି ଦେଖୁଛନ୍ତି ହୃଷ୍ଟ, ସବଳ ଅତୀତର ଗୋଟାଏ ଜୀର୍ଣ୍ଣ, ଶୀର୍ଣ୍ଣ କଙ୍କାଳ । ଶୁଣୁଛନ୍ତି ଛନ୍ଦମୟ ଜୀବନର ଅକୁଳ ବିଳାପ ଧ୍ୱନି ।

ତମେ ଏବେ ମୋଠାରୁ ଦୂରେଇ ରହିବାକୁ ଚେଷ୍ଟା କରୁଛ, ଆଗ କଥା ତମର ଏବେ ଆଉ ମନେ ପଡ଼େ ନାହିଁ । ଘର ବାପ

କହେରଙ୍କ ନ ଦେଇ ପାଖରେ ବସି ରହିବା କଥା ତମେ ଭୁଲି ଯାଇଚ ।

ମୁଁ କିଛିହେଲେ ଭୁଲି ନାହିଁ । ନିରବଚ୍ଛିନ୍ନ କର୍ମ ଜଞ୍ଜାଳ ଭିତରେ ମୋର ଇଚ୍ଛାହୁଏ ତମ ପାଖକୁ ଦୌଡ଼ି ଆସିବାକୁ । ଜବରଦସ୍ତ ଧରି ରଖି କାହାଣୀ ଶୁଣେଇବାକୁ ମୋର ଏବେ ବି ମନହୁଏ । ରାଜପୁତର ଅଜବ ପ୍ରଣୟ କାହାଣୀ, ନ ହେଲେ ତମ ମୋର ଏମିତି ଅନେକ କିଛି...

ନଳିନାକ୍ଷ ଓଠ ଚିପି ହସିଲେ । ସ୍ତ୍ରୀଙ୍କର ଅଭିମାନ ଅସ୍ତେ ଅସ୍ତେ ତୁଟି ଯାଉଚି ।

କିନ୍ତୁ ସମୟ ମିଳେନା । ସବୁବେଳେ କାମ ଖାଲି କାମ । କାମ ଛଡ଼ା ଜୀବନରେ ଶ୍ରେଷ୍ଠତମ କିଛି ନାହିଁ ଯେପରି । ମନ ଛିଡ଼ିଯାଏ ।

ସ୍ନେହର ଗମ୍ଭୀରତା ବଢ଼ୁଚି । ସ୍ତ୍ରୀ ନିଜର ହାତଟି ଉଠେଇ ନଳିନାକ୍ଷଙ୍କର ହାତ ଉପରେ ରଖିଲେ । ତାଙ୍କର ମନେହେଲା ବହୁଦିନ ପରେ ଯେମିତି ସେହି ପୁରୁଣା ଦିନ ଗୁଡ଼ିକ ଫେରି ଆସୁଛି । ସ୍ୱାମୀଙ୍କ କାନରେ ଚୁପି ଚୁପି ସେ କିଛି କହନ୍ତେ । ଆଉ ଥରେ ସେ ଯଦି ସେହି ଶୁଭବାର୍ତ୍ତା ସ୍ୱାମୀଙ୍କି ଦେଇ ପାରନ୍ତେ ।

ସ୍ତ୍ରୀଙ୍କର ଚିକ୍କଣ ଗାଲ ଉପରେ ଦୁଇବୁନ୍ଦା ଲୁହ ଚିକ୍ ଚିକ୍ କରୁଚି । ନଳିନାକ୍ଷ ପୋଛି ଦେଲେ । ପୁଣି ତାଙ୍କର ଛୁଟି କଥା ମନେ ପଡ଼ିଲା । ଖୁବ୍ ଶୀଘ୍ର କାମ ଶେଷ କରିବାକୁ ହେବ । ସେ ସନ୍ତର୍ପଣରେ ସ୍ତ୍ରୀଙ୍କର ହାତଟିକି ବିଛଣା ଉପରେ ରଖି ଦେଇ ଫେରି ଆସିଲେ ।

ସ୍ତ୍ରୀଙ୍କର ଆଖି ଦୁଇଟି ଜକଡ଼ି ଯାଇଥିଲା । କ୍ଲାନ୍ତ କମ୍ପା ତନ୍ଦ୍ରା-

ଧୀରରେ ନୁହେଁ । ଅନନ୍ତର ଗୋଟିଏ ଅସରନ୍ତି ପ୍ରବାହରେ ଭାସି ଭାସି ସେ ଯେମିତି ବହୁ ଦୂରକୁ ଚାଲି ଯାଇଥିଲେ ।

ନଳିନାକ୍ଷ ବହି ଭିତରେ ନିଜକୁ ହଜେଇ ଦେଇଥିଲେ । ସ୍ତ୍ରୀ ସେହିପରି ଆଖିବୁଜି ପାଟି କଲେ ।

ତମେ କୁଆଡ଼େ ଯାଉଚ ? ନା ତମେ କୁଆଡ଼େ ଯାଅ ନାହିଁ । ପାଖରେ ବସ । ଏଇଠି ଖାଲି ତମେ ବସିବ...

ନିରୁପାୟ ହୋଇ ସ୍ତ୍ରୀଙ୍କର ବିଛଣାକୁ ଫେରି ଆସିଲେ ନଳିନାକ୍ଷ ।

କଣ କହୁଚ ?

ନା କିଛି ନାହିଁ । ତମେ ବସ । କେତେବେଳ ହେଲାଣି ? ଅଚ୍ଛା ଏଇଟା କି ମାସ କହିଲ ? ଚୈତ୍ର ? ଆମ ମଲ୍ଲୀଗୁଡ଼ାକ ଖୁବ୍ ଫୁଟୁଥିବ ? କାହିଁ ତମେତ ବିଛଣା ଉପରେ ଢାଳି ରଖୁ ନାହଁ ? ମତେତ କେବେ ଦେଉନ ଆଣି ?

ସ୍ତ୍ରୀ ତାଙ୍କର ଶୀର୍ଣ୍ଣ ହାତଟିକି ମୁଣ୍ଡରେ ବୁଲେଇବାକୁ ଲାଗିଲେ । ନଳିନାକ୍ଷ ତାଙ୍କର ମୁଣ୍ଡଟିକି କୋଳରେ ଧରି ବସି ପଡ଼ିଲେ ।

ଏଇଟା ମାଘ ମାସ । ସବୁ ଆସିଲାଣି । ତମେ ଚୁପ କରି ଶୋଇପଡ଼ । ବେଶୀ ଗପ ଗପି କଲେ ତମର ଦେହ ଖରାପ ହେବ ବେଶୀ । ଡାକ୍ତର ମନା କରିଚି ।

ମୋ ଦେହ ଅଉ କାହିଁକି ଖରାପ ହେବ ? ଅଚ୍ଛା ତମର ସେଦିନ କଥା ମନେ ଅଛି ?

ନଳିନାକ୍ଷଙ୍କର କିଛି ଶୁଣିବାକୁ ଧୈର୍ଯ୍ୟ ନଥିଲା । ତାଙ୍କର ମନ ଅତି ଚଞ୍ଚଳ ହୋଇ ଉଠୁଥିଲା । ଛଅଟା ବାଜି ସୁଦ୍ଧା କରି ନ ପାରିଲେ ଏ ସପ୍ତାହରେ ଇଞ୍ଜେକ୍ସନ ପାଇଁ ଟଙ୍କା ଧାର ମିଳିବ

ନାହିଁ । ସ୍ତ୍ରୀଙ୍କର ରକ୍ତର ଯଥେଷ୍ଟ ଅଭାବ । ବାହାର ରକ୍ତ ଦେହରେ ନ ମିଶିଲେ ବଞ୍ଚିବା ଅସମ୍ଭବ ।

ତମେ ମତେ ଧର । ଚାଲ ବୁଲିଯିବା, ଦେଖିବା କେତେ ଫୁଲ ଫୁଟିଛି ।

ଫୁଲ ଫୁଟିଲେ ମୁଁ ଆଣି ଦେବି । ତମେ ଶୋଇପଡ଼ । ଦେହ ଭଲ ହେଲେ ବୁଲିଯିବା ।

ତମେ କିଛି ବୁଝି ପାରୁନାହଁ । ମୁଁ ଭାରି ଭଲ ଅଛି । ଆମମାନଙ୍କର ଏ ଅବସ୍ଥାଟା ନିହାତି ସ୍ୱାଭାବିକ । ମୋ ହାତ ଧର, ଚାଲ ଯିବା ।

ସ୍ତ୍ରୀ ଉଠିବାକୁ ଚେଷ୍ଟା କଲେ । ନଳିନାକ୍ଷ ତାଙ୍କୁ ଜୋର କରି ଶୁଆଇ ପକେଇଲେ ।

ତମର ଇଚ୍ଛା ନାହିଁ ମୋ ସହିତ ରହିବାକୁ । ମତେ ଖାଲି ମିଛ କହିବା ତମର କାମ ହେଇଛି । ମୋର କିନ୍ତୁ ଅଜା ଭାରି ମନେ ପଡୁଛି । ଯେମିତି କି ସେ ଦନଗୁଡ଼ିକ ଫେରି ଆସୁଛି ମୋ ପାଖକୁ ।

ନଳିନାକ୍ଷ ସ୍ତ୍ରୀଙ୍କୁ ଚାହିଁ ରହନ୍ତି, ଯେଉଁ ଚାହାଣୀ ଭିତରୁ ମଣିଷ ଅବସ୍ଥାର କରେ ବଞ୍ଚି ରହିବାର ସାର୍ଥକତା, ଆଗେଇ ଚାଲିବାର ଉତ୍ସାହ ।

ତାପରେ ସେଇ ଦନଟା । ମୁଁ ଯନ୍ତ୍ରଣାରେ ଅଚେତ ହୋଇ ପଡ଼ିଥିଲି···

ସ୍ତ୍ରୀ ହଠାତ୍ ରହିଗଲେ । ନଳିନାକ୍ଷ କହିଲେ—ତମେ ଆଉ ସେକଥା ଭାବନା, ଶୋଇପଡ଼ ।

ନା ତମେ ଯାଆନା । ତା ପରର କଥା ମତେ କହ !

ନିଜକୁ ଆଉ ସମ୍ଭାଳି ପାରିଲେ ନାହିଁ ନଳିନାକ୍ଷ । ସେ ଖୁବ୍ ବିରକ୍ତ ହୋଇ ଉଠିଲେ ।

ତମେ କଣ ଭାବୁଚ ଏଇଟା କେବଳ ମୋର କାମ, ଛବିଟା କାଲି ଦେଇ ନ ପାରିଲେ ଯେ ଆଉ ସପ୍ତାହକୁ ମରିବାକୁ ହେବ ।

କହି ଦେଇ ଟେବୁଲ ନିକଟକୁ ଫେରି ଆସିଲେ ନଳିନାକ୍ଷ । ସ୍ତ୍ରୀଙ୍କର ଦୁଇ ଗଣ୍ଡ ଦେଇ ଅଶ୍ରୁ ପଡ଼ିବାକୁ ଲାଗିଲା ।

ସେ କାନ୍ଦି କାନ୍ଦି କହିଲେ—

ମତେ ଯାଚି ଦେଇ ଛଡ଼େଇ ନେଲ କାହିଁକି ଭଗବାନ ।

ନଳିନାକ୍ଷ ସ୍ଥିର ରହି ପାରିଲେ ନାହିଁ । ଗଭୀର ବେଦନାର ଆଲୋଡ଼ନରେ ତାଙ୍କର ଅନ୍ତସ୍ଥଳ ମଥିତ ହେବାକୁ ଲାଗିଲା । ସେ ଉଠି ଆସି ସ୍ତ୍ରୀଙ୍କର ବିଛଣା ଉପରେ ବସି ପଡ଼ିଲେ । ଯେତେ ଚେଷ୍ଟା କଲେ ସୁଦ୍ଧା ସ୍ତ୍ରୀ ଭୁଲି ପାରୁ ନାହାନ୍ତି । ତାଙ୍କର ଲୁହ ଭିତରେ ସେ ଦେଖିବାକୁ ପାଉଚନ୍ତି ଗୋଟିଏ ସୁନ୍ଦର ସୁକୁମାର ଛବି ।

ନଳିନାକ୍ଷଙ୍କର ଦୁଇ ଆଖିରୁ ଲୁହଧାର ଖସି ଆସିଲା । କିଏ ଛଡ଼େଇ ନେଲା ତାକୁ ? କଣ ଥିଲା ତାଙ୍କର ଅପରାଧ !

ତାରି ପାଇଁ ତାଙ୍କର ସ୍ତ୍ରୀ ବିଛଣା ଛାଡ଼ି ନାହାନ୍ତି । କାନ୍ଦି କାନ୍ଦି ଲୁହ ଶୁଖି ନାହିଁ । ଭାରି ଭାରି ଭାବନା ସରି ନାହିଁ ।

ନଳିନାକ୍ଷ ନିଜକୁ ଭୁଲେଇବାକୁ ଚେଷ୍ଟା କଲେ ।

ସେ ଯାଇଚି । ଫେରି ଆସିବ । ତମେ ଭଲ ହୋଇଗଲେ ସେ ନିଶ୍ଚୟ ଫେରି ଆସିବ ।

ସ୍ତ୍ରୀ ଚାହିଁଲେ ନଳିନାକ୍ଷଙ୍କୁ । ଗୋଟାଏ ଆଶାରେ ଆଖି ଦୁଇଟି ଉଜ୍ଜ୍ୱଳ ହୋଇ ଉଠିଲା ।

ନଳିନାକ୍ଷ ସ୍ତ୍ରୀଙ୍କର ଦେହରେ ହାତ ବୁଲେଇଲେ ।

ସେ ଫେରି ଆସିବ । ତମେ କହୁଚ ? ଆମ ତୁହିଙ୍କ ମଝିକି ସେ ପୁଣି ଫେରି ଆସିବ ?

ଗୋଟାଏ ଆବେଗରେ ସ୍ତ୍ରୀ ନଳିନାକ୍ଷଙ୍କୁ ଭିଡ଼ି ଧରିଲେ ।

ହଁ ସେ ଆସିବ । ତମେ ଭଲ ହେଇଯାଅ । ଏଇଠି ତମ କୋଳରେ ଶୋଇ ରହ, ସେ ତମ ବକ୍ଷରୁ ଅମୃତ ପିଇବ । ଶୋଇପଡ଼ ଆଜି...

ସ୍ତ୍ରୀ ନଳିନାକ୍ଷଙ୍କୁ ଅନେଇ ରହିଚନ୍ତି । ଅନାଗତ ଭବିଷ୍ୟତର ଭାଷା ଓଠ ଦୁଇଟିରେ ତାଙ୍କର ଧକ୍କା ଖାଇ ଫେରି ଯାଉଚି । ସେ ଛୋଟ ପିଲାଟି ପରି ସ୍ୱାମୀଙ୍କ କୋଳରେ ଶୋଇ ପଡ଼ିଲେ । ଆଖି ତାଙ୍କର ଧୀରେ ଧୀରେ ବୁଜି ହୋଇ ଆସିଲା ।

ନଳିନାକ୍ଷ ସ୍ତ୍ରୀଙ୍କର ଦେହ ମୁଣ୍ଡକୁ ଚୁହିଁ ଚୁହିଁ ଅନେକ କଥା ଭାବିବାକୁ ଲାଗିଲେ । ସ୍ତ୍ରୀଙ୍କୁ ନିଦ ଲାଗି ଆସିଲାଣି । ଏଥର ଖୁବ୍ ଶାନ୍ତିରେ ଶୋଇ ପଡ଼ିଚନ୍ତି ସେ । ନଳିନାକ୍ଷଙ୍କର ମୁହଁଟି ଅସ୍ତେ ଅସ୍ତେ ନଇଁ ଆସିଲା ।

ସ୍ତ୍ରୀଙ୍କର ପାଣ୍ଡୁର ମୁହଁରେ ପ୍ରସନ୍ନଭାବ ଆଭା ଖେଳି ବୁଲୁଚି । ଓଠ ଦୁଇଟିରେ ଗଭୀର ଆତ୍ମତୃପ୍ତି ଫୁଟି ଉଠିଚି । ମନେ ହେଉଚି ସେ ଯେମିତି ଆଗାମୀର ସ୍ୱପ୍ନ ଭିତରେ ବୁଡ଼ି ରହିଚନ୍ତି । ତାଙ୍କର ଶିଶୁ ସନ୍ତାନଟି ଫେରି ଆସିଚି । ସ୍ୱାମୀଙ୍କର କୋଳରେ ବସି ବସି ମା'କୁ ଚାହିଁ ଚୁହିଁ ଖିଲି ଖିଲି ହସୁଚି କମ୍ବା ମଝିରେ ଶୋଇରହି ମା ବକ୍ଷରୁ ଅମୃତ ପିଉଚି । ମାତୃତ୍ୱର ଜଞ୍ଜାଳରେ, ଗୃହିଣୀର ଦାୟିତ୍ୱରେ ତାଙ୍କର ସମସ୍ତ ମୁହୂର୍ତ୍ତ ପୂରି ଉଠିଚି ।

ଶେଷ ର ନିଶ୍ୱାସ ମାରି ନଳିନାକ୍ଷ ଉଠିବାକୁ ଚେଷ୍ଟା କଲେ ।

# ନଷ୍ଟସ୍ୱପ୍ନ

ସକାଳ ହେବାକୁ ଅଳପ ଅନେକ ଡେରି ଅଛି । ଦିଗ୍‌ବଳୟର ସୀମାରେଖା ପାରହୋଇ ପାହାନ୍ତିଆ ତାରା ଧୀରେ ଧୀରେ ଉପରକୁ ଉଠୁଛି । ସଫା ଦିଶୁଛି ମାଟିର ଛାଇଟା । ଯେମିତି ଦିଗଙ୍ଗନା ମସ୍ତକରେ ଏକ ବଡ଼ଆ ଧଳ ଏଣ୍ଡିକ ଦେଇକୁ କେଉଁ ପ୍ରବାସୀ ପ୍ରିୟଜନର ପ୍ରତୀକ୍ଷା କରି ବସିଲାଣି ।

ସ୍ୱପ୍ନମୟୀ ଶୋଇବାକୁ ଚେଷ୍ଟାକଲେ ଆଉ ଥରେ । ନା, ନିଦ ହେବନାହିଁ । ଖାଲି ବୃଥା ଚେଷ୍ଟା । ସାରାରାତି ଛଟପଟ ହୋଇ କଟିଲା । ଆଖିପତା ପଡ଼ୁନାହିଁ ।

ଶେଷରାତିର ଶୀତଳ ପବନ ବହି ଆସିଲା ଘରଭିତରକୁ । ସ୍ୱପ୍ନମୟୀଙ୍କର ଦେହ ଶୀତେଇ ଉଠିଲା । ଖୋଲା ଝରକାକୁ ବନ୍ଦ କରିବାକୁ ହାତ ବଢ଼େଇଲେ କିସ, ହାତ ପାଉନାହିଁ । ଉଠିଯାଇ ହାତ ବଢ଼େଇଲେ ହୁଏତ ପାଇବ । କିନ୍ତୁ ଉଠି ହେଉନାହିଁ । ଭାରି ଦୁର୍ବଳ ଲାଗୁଛି । ନା ଝରକାଟା ଖୋଲା ଥାଉପଛେ ଉଠି ହେବନାହିଁ ।

ଶେଷ ମାଘର କରୁଣ ଅଶ୍ରୁ ଝରି ପଡ଼ୁଛି । ଏଥର ଫଗୁଣ ଆସିବ ।

ପାଦର ଆଙ୍ଗୁଳି ଗୁଡ଼ାକ ଉପରୁ ଶୀତ ଯେପରି ଉପରକୁ ଉଠି ଉଠି ଆସୁଛି । ସୁବିନୟ ଅନୁଭବ କଲେ ତାଙ୍କ ଭିତରେ ଆଉ ଏକ ଯନ୍ତ୍ରଣା । ରେଜେଇଟାକୁ ଟାଣି ଆଣିଲେ ସେ । ହଁ ଏଥର ଫଗୁଣ ଆସିବ । ଫୁଲର ମକୁଟ ପିନ୍ଧି ପୁର ପଲ୍ଲୀରେ ଫଗୁଣ ଆସିବ । ତାଙ୍କର ଗହଳ ଅମ୍ବମାଳ ଭିତରୁ କୋଇଲି ଗାଇ ଉଠିବ ଛନ୍ଦମୟ ଜୀବନର ଏକ କବିତା । ମାଧବୀ, ବକୁଳ କୁଞ୍ଜକୁ ସାଥୀ ତମେ ଫେରିବ…

ସୁବିନୟ ଗୁଣୁ ଗୁଣେଇ ଉଠିଲେ । ମାଧବୀ ବକୁଳ କୁଞ୍ଜକୁ ସାଥୀ ତମେ ଫେରିବ…ନିଜ ସ୍ୱରରେ ନିଜେ ଚମକି ଉଠିଲେ । ଏ କଣ ? ଅନେକଦିନ ତଳେ ଏମିତି ଏକ ଗୀତ ଜନତାକୁ ସେ ଉପହାର ଦେଇ ପାରୁଥିଲେ । କିନ୍ତୁ ଆଜିତ ତାହା ତାଙ୍କର ନିଜସ୍ୱ ହୋଇ ନାହିଁ । ଅପହୃତ ଧନ କିଏ ତାଙ୍କୁ ଫେରେଇ ଦେଉଛି ? ସୁବିନୟ ଆଉ ଥରେ ଗାଇବାକୁ ଆରମ୍ଭ କଲେ । ବକୁଳ ମାଧବୀ କୁଞ୍ଜକୁ…

ନା ହେଉନାହିଁ । ଭିତରୁ କିଏ ଓଟାରି ଧରୁଛି । ପେଟ ଭିତରର ଅନ୍ତନାଡ଼ିକି ଦୁହିଁ ଦୁହିଁ କିଏ ଗୋଟାଏ ଉପରକୁ ଉଠି ଆସୁଛି । ଧରିଥିବା ଗୀତର ସ୍ୱରଟା ଅଧିକରେ ବନ୍ଦ ହୋଇଗଲା ସୁବିନୟଙ୍କର । ଖୁବ୍ ଜୋରରେ ପଞ୍ଜିସ୍କ୍ ଦୋହଲେଇ ଦେଇ କାଶ ଉଠି ଆସୁଛି । କାଶି କାଶି ଅଣନିଶ୍ୱାସୀ ହୋଇଗଲେ । ସତେକି ଛାତି ଫାଟିଯିବ । କାଶ ଅମୁନ । ଭୁହାଇ ଭୁହାଇ ଉପରକୁ ଉଠୁଛି ।

କାଶି କାଶି ପଡ଼ି ଯାଉଥିଲେ ସୁବିନୟ । ବହୁ କଷ୍ଟରେ

ନିଜକୁ ସମ୍ଭାଳି ନେଲେ ସେ । ଭାଗ ଏଥର କମି ଅସିଲାଣି ।
ଉଃ…ଦୀର୍ଘ ଦେଢେ ମିନଟ୍ ଧରି ଭାଗ । ନିଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇ ଯାଉଚି । ବଡ଼ୁଣୀରେ ପଡ଼ିଯାଇ ଖୁବ୍ ଜୋରରେ ନିଶ୍ୱାସ ନେଲେ ସୁବିନୟ । ଏ ଭାଗ ତାଙ୍କର ଭାଲ । କି ଭାଗ ଜେଜାଣି !! ଯକ୍ଷ୍ମା… ? ଭୟରେ ସୁବିନୟଙ୍କର ଅଖି ବୁଜି ହୋଇ ଆସିଲା । ଛାତି ଭିତରେ ଯନ୍ତ୍ରଣା ଆରମ୍ଭ ହୋଇ ଯାଇଚି ।
ଉଃ…ନିଜର ଶୀର୍ଣ୍ଣ ପାପୁଲି ଛାତି ଉପରେ ବୁଲେଇ ଅଣିଲେ ସେ । ଆଃ…କିଏ ଯେବେ ଏମିତି ଖାଲି ଟିକିଏ ହାତ ବୁଲେଇ ଦିଅନ୍ତା…

ଅଦୂର ମସ୍‌ଜିଦ୍‌ରେ ମୋଲ୍ଲାଙ୍କ ଆରମ୍ଭ ହୋଇଗଲାଣି । ଅଲ୍ଲା ହୋ…ଅକ୍‌ବର…

ସ୍ୱସ୍ତିର ନିଶ୍ୱାସ ମାରିବାକୁ ଯାଇ ସୁବିନୟ ନିଜ ଭିତରେ କହି ଉଠିଲେ, ଅଲ୍ଲା ହୋ, ଅକ୍‌ବର…

ନା ନା ପିତା ହେ, ଅଲେକ…

ନିଜ ଉପରେ ଏକ ମସ୍ତବଡ଼ ଆଘାତ ଅନୁଭବ କଲେ ସୁବିନୟ । ମାନବିକ ପର୍ଯ୍ୟାୟରେ ବହି ହୃଦୟର ଐକ୍ୟ ସେ ଭୁଲି ଯାଉଚନ୍ତି । ମହାତ୍ମାଗାନ୍ଧି ଐକ୍ୟର ଲୟରେ ଗାଇ ଯାଇ ଚନ୍ତି ଈଶ୍ୱର, ଅଲ୍ଲା, ଏକଇ ନାମ…

ଈଶ୍ୱର…

ଅଲ୍ଲା…

ଯିଶୁ…

ସୁବିନୟ ଅନ୍ତରରେ ସମସ୍ତ ଶକ୍ତି ଠୁଳ କରି ଉଚ୍ଚସ୍ୱରରେ ଉଚ୍ଚାରଣ କଲେ, ଈଶ୍ୱର, ଅଲ୍ଲା, ଯିଶୁ…

ସବୁ ଏକାକଥା । ସମସ୍ତେ ସମାନ । ଏଇ ସମାନତା

ତେଲେ ଧର୍ମ ନାମର ସଂକୀର୍ଣ୍ଣତା ଲୋପ ହୋଇ ଯାଉ । ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନର ଭେଦାଭେଦ ଭୁଲି ହୋଇ ଯାଉ । ସୁବିନୟ ବିଛଣାରେ ଉଠି ବସିଲେ । ତାଙ୍କର ଇଚ୍ଛା ହେଲା ଚିତ୍କାର କରି ସେ ଏଇ କଥା ଗୁଡାକ କହି ଯାଆନ୍ତେ । କିନ୍ତୁ ତାଙ୍କର କଥା ଶୁଣିବ କିଏ ? ଗାନ୍ଧିଜୀଙ୍କ କଥା କେହି ଶୁଣିଲେ ନାହିଁ । ହିନ୍ଦୁ, ମୁସଲମାନ ହାଣାକାଟ ଲାଗିଗଲା । ଖ୍ରୀଷ୍ଟ ବୁକୁରେ ଭାଇ ବସେଇଲା ଛୁରୀ । ଉଃ...କି ନିର୍ମମ......ଏଇ ବେଦନା ତ ପ୍ରଭୁ ଭୋଗ କରୁଥିଲେ, ଖ୍ରୀଷ୍ଟିୟାନ ମାନଙ୍କ ହୃଦୟ ହୀନତାର ଜୀବନ୍ତ ପ୍ରତୀକ । ଆମର ପାରିବାରିକ ଜୀବନ ଅତି ଅସଂଲଗ୍ନ । ସେଥିଭିତରେ ପ୍ରେମର ପରିଭାଷା ନାହିଁ, ସନ୍ତାନ ବାତ୍ସଲ୍ୟ ନାହିଁ । ନିଜର ଅତି ଘୃଣ୍ୟ ସ୍ୱାର୍ଥ ସିଦ୍ଧିପାଇଁ ମଧ୍ୟ ଜଣେ ଅନ୍ୟଜଣକୁ ଅତି ସହଜରେ ଛାଡ଼ିଦେଇ ଯାଇପାରେ ।

ସୁବିନୟ ନୀରବରେ ସବୁ ଶୁଣି ଯାଉଛନ୍ତି । କଥାଟାର ଗୁରୁତ୍ୱ ସେ ଉପଲବ୍ଧି କରି ପାରି ନାହାନ୍ତି । ନିଜ ଭିତରୁ ତାକୁ କୌଣସି ମୂଲ୍ୟ ମଧ୍ୟ ଦେଇ ପାରି ନାହାଁନ୍ତି । ସତମିଛ ପ୍ରମାଣ କରିବାକୁ ସେ ଚେଷ୍ଟା ସୁଦ୍ଧା କରି ନାହାନ୍ତି । ଏପର୍ଯ୍ୟନ୍ତ ଠିକ୍ କରି ସେ ବୁଝି ନାହାନ୍ତି ନିଜେ କିଏ । ସାମାଜିକ ଜୀବନର ପ୍ରଭାବକୁ ଅସ୍ୱୀକାର କରି ନ ପାରି ସେ କହୁଛନ୍ତି,

ପିତା ହେ, ଅଲେଲିଭ...

ହୁଏତ ସେ ଖ୍ରୀଷ୍ଟିୟାନ, ହିନ୍ଦୁ କିମ୍ବା ମୁସଲମାନ ହୋଇ ନ ପାରନ୍ତି । କିନ୍ତୁ ମାତୃହୃଦୟରୁ ସେ ଯାହା ପାଇଛନ୍ତି ତାହା ଯେ ହିନ୍ଦୁ ଜନନୀର ଦାନ ତୁଳନାରେ କମ ଏକଥା! ସେ ମାନିନେଇ ପାରିବେ ନାହିଁ । ଶୈଶବର ପ୍ରତ୍ୟେକ ମୁହୂର୍ତ୍ତ ତାଙ୍କର ମାତୃ ସ୍ନେହରେ ସିକ୍ତ ହୋଇଛି । ଯଶୋଦା ଜନନୀର ବାତ୍ସଲ୍ୟ,

ଶ୍ରୀରାମ ଭାଇର ପ୍ରେମ ସେ ଏଇ ସମାଜ ଭିତରେ ଥାଇ ମଧ୍ୟ ପାଇଛନ୍ତି । କିନ୍ତୁ ପାଇ ନାହାଁନ୍ତି କଣ...... ?

ନପାଇବାର ହା ହା କାରରେ ସୁବିନୟଙ୍କର ଅନ୍ତସ୍ଥଳ ମଥିତ ହେବାକୁ ଲାଗିଲା । ଖଟଣାରୁ ଉଠି ଧୀରେ ଧୀରେ ସେ ଝରକା ପାଖକୁ ଚାଲି ଆସିଲେ । ଦିଗ୍‌ବଳୟ ତଳେ ଦିନର ପହିଲିଆଲୁଅ ଫୁଟି ଦିଶିଲାଣି । ଦୂରରୁ...ଖୁବ୍ ଦୂରରୁ ସକାଳ ଗାଡ଼ିର ଶବ୍ଦ ଶୁଭୁଛି । ଅଳ୍ପ ସମୟ ପରେ ସେ ହୁଏତ ଆସି ପହଞ୍ଚିବ, କିନ୍ତୁ ସ୍ୱପ୍ନର ନିଦ ଭାଙ୍ଗିନି । ଦିଗବଧୂର ଝୀନ ଉତ୍ତରୀୟ ତଳେ ଆରାମରେ ଶୋଇ ରହିଛି ସେ । ଏମିତି ଯେବେ ଆରାମରେ ଥରେ ଶୋଇ ପାରନ୍ତେ ସେ...

ଆଗ ପଡ଼ିଶା ଘରର ସେଇ ମାଧବୀ ଗଛଟାରେ ଟିକି ଟିକି କଢ଼ି ଧରି ଆସିଲାଣି । ଆଉ କେତେ ଦିନପରେ ଫୁଲର ହାଟ ବସିବ ସେଠି । ଭ୍ରମରର ଗୁଞ୍ଜନ ଶୁଭିବ । ଏମିତି ଖାଲି ଗୋଟାଏ ମଧୁ ଗୁଞ୍ଜରଣ...କାଳା ଭଅଁର ପରି ଉଡ଼ି ଉଡ଼ି କେଉଁ ରୂପାନ୍ୱିତାର ରୁଦ୍ଧ ହୃଦୟ ଦ୍ୱାର ନିକଟରେ ସେ ପ୍ରଥମ ନିବେଦନର ଗୀତ ଗାଇ ଯାଆନ୍ତେ...

ସୁବିନୟଙ୍କ ଭିତରେ ଏକ ଶିହରଣ ଖେଳିଗଲା । ତାଙ୍କ ମାଧବୀ କୁଞ୍ଜ ହୁଏତ ପୁଷ୍ପିତ ହେଇ ଉଠିବନି । ଫଗୁଣର ଏଇ ପୁଷ୍ପୋତ୍ସବରେ ତାଙ୍କର ଗୀତ ଗାଇବାକୁ ଇଚ୍ଛା ହୁଏ । ମନହୁଏ ଏଇ ପୁଷ୍ପିତ ମାଧବୀ କୁଞ୍ଜ, ଏଇ ଶ୍ୟାମଳ ଭୂଦେବୀ, ଏଇ କାକଳୀ ମୁଖର ବନଶ୍ରୀ, ତାଙ୍କର ଗୀତ ଶୁଣିବାକୁ ବ୍ୟଗ୍ର ପ୍ରତୀକ୍ଷା କରୁ-ଛନ୍ତି । ଅନେକ ଥର ଏମିତି ଏକା ମନଭୁଲା ଲଗନରେ ଆତ୍ମହରା ହୋଇ ଗୀତ ଗାଇଛନ୍ତି ସୁବିନୟ । ସେ ଗୀତ ଅନେକ ମୁଗ୍ଧ ହୋଇ ଶୁଣିଛନ୍ତି । ଅଥଚ ଅନେକଙ୍କ ଭିତରୁ ଏକ ର ମନ

ଭିତରେ ସପନର ଅଞ୍ଜନ ବୋଳି ଦେଇ ଯାଉଚି ସେ ସଙ୍ଗୀତ ଝଙ୍କାର । କିନ୍ତୁ ଆଜି ସେ ଗାଇବେ କେମିତି…? ତାହିଁ କି ଚା ଗାଇବେ…? କିଏ ଶୁଣିବ ତାଙ୍କର ଗୀତ…? ସତେତ କିଏ ଶୁଣିବ ତାଙ୍କର ଗୀତ? ଏତେବଡ଼ ପୃଥିବୀରେ ତାଙ୍କର ଗୀତ ଶୁଣିବାକୁ କେହୁ କଣ ନାହାନ୍ତି ।

ଆଖିପତା ଭିଜି ଆସିଲଣି । ସର୍ବହରାର ବ୍ୟଥାରେ ଭିତରେ କିଏ ବାହୁନି ବାହୁନି କାନ୍ଦୁଚି ।

ସୂର୍ଯ୍ୟ ଉଦୟ ହେବାକୁ ଆଉରି କିଛି ସମୟ ବାକୀ ଅଛି । ଅସ୍ପଷ୍ଟ ଆଲୁଅ ଭେଦେରେଛି ଆସୁଚି ଘର ଭିତରକୁ । ସୁବିନୟ ଆସ୍ତେ ଆସ୍ତେ ଉଠି ଆସି ଘରର ଝରକା ଖୋଲି ଦେଲେ । ଘରର ଗୋଟାଏ ପାଖରେ ବିକ୍ଷିପ୍ତ ହୋଇ ପଡ଼ିଚି ଗୋଟାଏ ଜୀର୍ଣ୍ଣ ହାର-ମୋନିୟମ, ସୀତାର, ତାନପୁରା, ଦୁଇ ଗୁଡ଼ାଏ ଭଙ୍ଗା ଫଟା ତୁଟି ଆଉ ତବଲା । ମଇଳା ଜମିଗଲାଣି ସେଗୁଡ଼ିକ ଉପରେ । ସୀତାରରେ ଉଇ ଲାଗି ଗଲାଣି, ତାନପୁରାରେ ପୋକ ଲାଗି ଗଲେଣି । ଓଃ ଦେଖିବାକୁ ବଳ ପାଉ ନାହିଁ । ଗଧ ଟୋକାଟାର ବି ନଜର ପଡ଼ୁନି ତା ଉପରେ । ନିହାତି ଗୋଟାଏ ଟୋକା !

ବିରକ୍ତିରେ ତମ୍ବୁରାଟା ଉଠେଇ ଆଣିଲେ ସୁବିନୟ । ମିଛା ଲୁଗା କାନିଟା ଆସ୍ତେ ଆସ୍ତେ ବୁଲେଇ ଆଣିଲେ ତା ଉପରେ । ତାପରେ ହାତ ମାରି ଥରେ ପରୀକ୍ଷା କରିନେଲେ । ଆଶ୍ଚର୍ଯ୍ୟ ! ତାନପୁରାର ଝିଣ୍ ଝିଣ୍ ଶବ୍ଦ ସହିତ ଅତୀତ ଯେମିତି ଫେରି ଆସୁଚି । ଗୀତ ଗାଇବାକୁ ଇଚ୍ଛା ହେଉଚି ତାଙ୍କର । ପୁଣି ସେଇ ଗୀତଟା…ମାଧବୀ ଗୁଞ୍ଜନ ସ୍ୱର …

ହଠାତ୍ ଗାଇ ଉଠିଲେ ସୁବିନୟ । ଯେମିତି ଏକ ସାଗର

ମୁଖୀ ଜଳଧାର ବାଧା ବନ୍ଧନ ନମାନି ଉଦ୍ଦାମ ତରଙ୍ଗ ସୃଷ୍ଟି କରି ଧାଇଁ ଆସୁଛି । ସ୍ୱର ତାଙ୍କର ଅପେ ଅପେ ବନ୍ଦ ହୋଇଗଲା । କ୍ଷୀଣ ପଞ୍ଜରକୁ କମ୍ପେଇ କମ୍ପେଇ ପ୍ରବଳ ବେଗରେ ପୁଣି କାଶ ଉଠି ଆସିଲା । ହାତରୁ ତମ୍ବୁରାଟା ଝଣ ଝଣ ଅବାଜ କରି ଚଟାଣ ଉପରେ ଖସି ପଡ଼ିଲା । କାଶି କାଶି ତଳେ ଲୋଟି ପଡ଼ିଲେ ସେ ।

ଆଖିରୁ ଧାରଧାର ଲୁହ ଝରି ପଡ଼ିଲା । ସମସ୍ତ ଶକ୍ତି ସଞ୍ଚୟ କରି ନିଜକୁ ଟିକିଏ ସଜାଡ଼ି ନେଲେ ପୁରନ୍ଦର । ତଳେପଡ଼ି ତମ୍ବୁରାଟା ଖଣ୍ଡ ଖଣ୍ଡ ହୋଇ ଯାଇଛି । ଗୋଟେଇବାକୁ ହାତ ଟେକିଲେ, ନା ଥାଉ । ଆଉ କଣ ହେବ ତାକୁ ଗୋଟେଇ ରଖି ? ଜୀବନର ସୁନ୍ଦର ଗଡ଼ ସରିଛି । ଅତୀତର କେଉଁ ଗଭୀର ଗହ୍ୱରରେ ସାଧନା ନିଶାର ସ୍ମୃତି ହଜି ଯାଇଛି । ଆଜି ତାକୁ ଖୋଜି ବସିବା ତାଙ୍କର ଭୁଲ । ସେଇ ଭୁଲର ପରିଣତି ଭୋଗ କରିବାକୁ ଆଉ ମୁକ୍ତିଯାତ୍ରୀ ଜୀବନପୁରୀଟି ନଷ୍ଟ ହୋଇ ଯାଇଛି । ତଥାପି ବି ଭୁଲି ହେଉନାହିଁ । ଅତୀତର ସାତତାଳ ପାଣି ଅଉ ପଙ୍କକୁ ଗାଣ୍ଡି ଘାଣ୍ଟି ସୁନା ପୁରୁଷର ସନ୍ଧାନ ପାଇବାକୁ ମନ-ସ୍ୱରାଜକୁମାର ଧାଇଁଛି ।

ଗୁରୁର ଟୋକାଟି ବେଗରେ ଘରଣୀରୁ ଉଠି କାମରେ ଲାଗି ଗଲାଣି । ରାସ୍ତା ଉପରେ ଷଣ୍ଡବାଲା ଟୋକା ଗୀତ ଗାଇ ଚାଲି ଯାଉଛି । ଶସ୍ତା ସିନେମା ସଙ୍ଗୀତ । ବହୁ ଅଭ୍ୟାସ କରି । ପୁରନ୍ଦର କାନ ପାତିଲେ । ସ୍ୱରଟା ଭିତରେ ଗୋଟାଏ ପ୍ରବଳ ବେଦନାର କାରୁଣ୍ୟ ।

ଭିତରେ ତାଙ୍କର ତାର ପ୍ରତିଧ୍ୱନି ଉଠୁଛି । ସ୍ୱରାଜକୁମାର ପରୁଷର ସନ୍ଧାନ ପାଇଲା ନାହିଁ । ସାତତାଳ ପାଣି ଅଉ ପଙ୍କ

ଭିତରେ ହୃଦୟର ସମସ୍ତ ହେଜେଇ ସାରାଜୀବନକୁ କାରୁଣ୍ୟର ଉଚ୍ଛ୍ୱାସରେ ଭରେଇ ଦେଲେ, କିନ୍ତୁ ସେ ସମସ୍ତ ଆଜି ମିଳିଲା ନାହିଁ । ଆଜି ମିଳିବ ନାହିଁ …

ସୁବିନୟ ଉଠି ଠିଆ ହେଲେ । ବଡ଼ବାଲା ଟୋକା ଗୁଲି ଗଲଣି । ସଙ୍ଗୀତର ସ୍ୱରଟା ବାୟୁମଣ୍ଡଳରେ ମିଶିଯାଇ ଏକ ମହା ଶୂନ୍ୟତାର ପ୍ରକାଶ କରୁଚି । ଏହି ଶୂନ୍ୟତା ସହିତ ଜୀବନର ନିଃସଙ୍ଗତା ମିଶିଯାଇ ତାଙ୍କର ଦୁର୍ବଳ ଦେହଟାକୁ ଯେମିତି ବାରମ୍ବାର ଦୋହଲେଇ ଦେଉଚି ।

ସୁବିନୟ ଆଉ ଠିଆ ହୋଇ ପାରିଲେ ନାହିଁ । ଝରକାର ରେଲିଂ ଧରି ବସିପଡ଼ିଲେ । ଛାତି ଭିତରଟା ଖୁବ୍ ଜୋରରେ ପଡୁଚି ଆଉ ଉଠୁଚି । ଏବେ ଆଉ ସେ ବେଶୀ ସମୟ ଠିଆ ହେଇ ପାରୁ ନାହାନ୍ତି । ଭଣ୍ଡାଦୁଇଟା ଯନ୍ତ୍ରଣାରେ ଛଟ ଛଟ କରି ଉଠୁଚି । ସାମନାର ଆଇନାରେ ନିଜକୁ ଥରେ ଭଲକରି ଦେଖିନେଲେ ସେ । ସରୁ ସରୁ ହାତ । ଆଖିରେ ବ୍ୟର୍ଥତାର କାରୁଣ୍ୟ । ସତେ କେତେ ଅସହାୟ ତାଙ୍କର ଜୀବନ ! ସୁନା ହରିଣୀର ମାୟାରେ ପଛେ ପଛେ ଧାଇଁ ନିଜକୁ ସେ ନିଃଶେଷ କରି ଦେଇଚନ୍ତି । ହରିଣୀ ଧରା ପଡ଼ିନାହିଁ । ଆଉ କାହା ଆଖିରେ ମରିଚିକା ସୃଷ୍ଟି କରି ସେ ହୁଏତ ଆଗେ ଆଗେ ଦୌଡୁଥିବ । ଧରି ରଖିବାର ଦୁଃସାହସ କରି ସେ ଆଜି ଶ୍ରାନ୍ତ, କ୍ଳାନ୍ତ ।

ଖୁବ୍ ଅସ୍ତେ ଚାଲି ବାହାରକୁ ଆସିଲେ ସୁବିନୟ । ନିଜର ନିତ୍ୟକର୍ମ ସାରିବାକୁ ହେବ । ଏଥିପାଇଁ ଅନ୍ୟ ଉପରେ ନିର୍ଭର କଲେ ଚଳିବନାହିଁ ।

ସୂର୍ଯ୍ୟୋଦୟ ଟିକଟେବେଳୁ ହୋଇ ସାରିଲଣି । ଏପର୍ଯ୍ୟନ୍ତ

ଅକାଶ କୋଳରେ ତାର ଲାଲିମା ଛାଇଁହୋଇ ରହିଛି । ସହର ଚେଇଁ ଉଠିଲାଣି । ପୁଣି ସେଇ ନିତ୍ୟନୈମିତ୍ତିକ ଘଟଣାର ପୁନରାବୃତ୍ତି ଆରମ୍ଭ ହୋଇ ଯାଉଛି । ପାଟି, ତୁଣ୍ଡ, ହୋ, ହୋ, ପେଁ ପାଁ ସବୁ ମିଶି କେମିତି ଗୋଟାଏ ଅସ୍ୱସ୍ତିକର ପରିବେଶ ସୃଷ୍ଟି କରି ଦେଲାଣି । ସହରର ଏଇ ମୁଖର ମୁହୂର୍ତ୍ତ ଗୁଡ଼ାକ ଖୁବ୍ ଖରାପ ଲାଗେ ତାଙ୍କୁ ।

ସ୍ନାନ ସାରି ଭିତରକୁ ଆସିଲେ ସୁବିନୟ । ସହରର ଧୂସରିତ ବାୟୁମଣ୍ଡଳକୁ ଅତିକ୍ରମ କରି ବାଳସୂର୍ଯ୍ୟର ଅଙ୍ଗଆଭା ଘର ଭିତରେ ଖେଳି ବୁଲିଲାଣି । ଘରଅଡ଼ ପରିଷ୍କାର ଦିଶୁଛି ।

ପାଖ ଲୁଗା ଦୋକାନୀ ରେଡିଓ ଖୋଲିଲାଣି । ଟେବୁଲ ଉପରୁ ରିଷ୍ଟୱାଚଟି ଉଠେଇଆଣି ଚାହିଁ ଦେଲେ ସୁବିନୟ । ସକାଳ ସାତଟା ବାଜୁଛି । କଟକ ବେତାର କେନ୍ଦ୍ରର ପ୍ରଥମ ଅଧିବେଶନ ଆରମ୍ଭ ହୋଇ ଗଲାଣି ।

ଚାକର ଟୋକାଟି ଚା କପଟା ଆଣି ଟେବୁଲ ଉପରେ ରଖିଲା । କପ୍‌ର ବୃତ୍ତ ଭିତରେ ଧୀର ଧୀର ଗରମ ଚା'ର ଧୂମ କୁଣ୍ଡଳୀ ଉପରକୁ ଉଠି ଯାଉଛି । ବଡ଼ ଭଲଲାଗେ ଚା'ର ଏଇ ଉଷ୍ମ ବାୟୁ ମଣ୍ଡଳ । ତାରି ଭିତରେ ଯେପରି ମଣିଷ ନିଜେ ଧୂଆଁ ପରି ଅଦୃଶ୍ୟ ହୋଇଯାଏ । ଚା କପରେ ଓଠ ଲଗେଇଲେ ସୁବିନୟ । କେତେ ଅଗମ ଲାଗୁଛି ଚା'ର ସ୍ୱର୍ଗ । ଆଜିର ଅଗମ ଲାଗୁ ଥିଲା—

ବେତାର କେନ୍ଦ୍ରର ଘୋଷଣା ସରିଗଲାଣି । ମାଙ୍ଗଳିକ ଭଜନ ଗାଉଛନ୍ତି କୁମାରୀ ସୁଶାନ୍ତି ସାହୁ । 'ଭିକାରୀ ଆସିଚି କରୁଣା ଦୁଆରେ ଝରେଣୁ ବେଦନା ଗୀତ...' କିନ୍ତୁ ଭିକାରୀ କିଏ !

ନିଃଶେଷପ୍ରାୟ ଚା' କପ୍‌ଟାକୁ ଟେବୁଲ ଉପରେ ରଖି ଦେଇ

ନିଜ ଭିତରେ ସ୍ୱର ଧରିଲେ ସୁବିନୟ । ବାହାରେ ପ୍ରକାଶ କରିବାର ସ୍ପର୍ଦ୍ଧା ତାଙ୍କର ଆଜି ନାହିଁ । ସୁନା ହରିଣୀର ମାୟାରେ ଜୀବନର ଗତି ପଥକୁ ଭୁଲି ଯାଇଚନ୍ତି ସେ ।

ଛନ୍ଦାୟିତ ଫୁଲ ବାହୁର ଉପାଧାନରେ ମୁଣ୍ଡରଖି ଟେବୁଲ ଉପରକୁ ଝୁଙ୍କି ଆସିଲେ ସୁବିନୟ । କୁମାରୀ ସୁଶାନ୍ତିରାୟ ଗାଉଚନ୍ତି । କି ସୁନ୍ଦର ଭଜନର ଏ ପ୍ରୁତ ପଦାବଳୀ ! କାମନାର ମନ୍ଦିରର ମନକୁ ଟାଣି ନେଉଚି କାହିଁ କେଉଁ ଅନାସକ୍ତ ଭୂମିକୁ । ହୃଦୟର ପରଦାଠାରେ ତାଙ୍କର ଆଖି ବୁଜି ହୋଇ ଆସୁଚି । ଏମିତି ଯଦି ସେ ଅନାସକ୍ତ ରହିପାରି ଥାଆନ୍ତେ···

ସୁନାହରିଣୀ ପାଇବାକୁ ଯାଇ ସେ ହରେଇଚନ୍ତି ହୃଦୟର ମହାର୍ଘ୍ୟ ବୈଭବ । ପଥ କ୍ଳେଶ ତଳେ ଜୀବନର ସବୁଜ ମରିଚି !

ଭଜନ ସରି ଆସିଲାଣି, ନାରୀକଣ୍ଠର ଅମୃତ ପ୍ରବାହ ଆକାଶର ପ୍ରତି ସ୍ତରେ ସ୍ତରେ ତରଙ୍ଗାୟିତ ହୋଇ ଉଠୁଚି । କେଉଁଠି ଲୋଭନୀୟ ସଙ୍ଗୀତର ଏଇ ବିକାଶ ଭଙ୍ଗୀ । କେତେ ମହତ ତାର ସାଧକ । ସାଧନାର ଧନରେ ଜୀବନର ଭଣ୍ଡାର ତାଙ୍କର ପରିପୂର୍ଣ୍ଣ ହୋଇଚି । କିନ୍ତୁ ସେ ଧନ ମଝି ପଥରେ ହରେଇଚନ୍ତି ସୁବିନୟ । ସେ ଆଜି ସର୍ବହରା କଙ୍ଗାଳ···

ଚପଳା ହରିଣୀ ଦୂରେଇ ଅନ୍ୟ କେଉଁଏକ ଘନ ଜଙ୍ଗଲ ଭିତରେ ଡେଇଁ ଡେଇଁ ଖେଳି ଖେଳି ବୁଲୁଥିବ ।

0/3917

# ଛୋଟ ଗଳ୍ପ

ଗତଦିନ ଡାକରୁ ଖଣ୍ଡିଏ ଚିଠି ମିଳିଥିଲା । କୌଣସି ଏକ ପତ୍ରିକାର ସଂପାଦକ ବିଶେଷ ଅନୁରୋଧ କରିଥିଲେ, ତାଙ୍କର ପତ୍ରିକା ପାଇଁ ଖଣ୍ଡିଏ ଗଳ୍ପ ଲେଖିବାକୁ । ଗତ ରାତିଟା ଲେଖିବା ନ ଲେଖିବା ଦ୍ୱନ୍ଦ୍ୱ ଭିତରେ କଟି ଯାଇଥିଲା ।

ଶେଷ ପ୍ରହରର ମଙ୍ଗଳ ନାଦ ଭାସି ଭାସି ଆସୁଥିଲା । ଗତ ଦିନର ଜାଗରଣର ଯନ୍ତ୍ରଣା, ସ୍ମୃତିର ନାଦ । ଭିତରେ ସ୍ୱପ୍ନର ଯେଉଁ ସ୍ୱପ୍ନିଳ ରେଖା ଅଙ୍କି ଯାଇଥିଲା, ତାହା ଅସ୍ପଷ୍ଟ ହୋଇ ଆସୁଥିଲା ଧୀରେ ଧୀରେ । କାନରେ ବାଜୁଥିଲା ପ୍ରଭାତର ମୃଦୁ ଗୁଞ୍ଜରଣ । ଅସ୍ପଷ୍ଟ ଭାଷା ଭିତରେ ବି ସଂଗୀତର ଗୋଟିଏ ମଧୁ ରାଗିଣୀର ମୂର୍ଚ୍ଛନା ଜାଗି ଉଠୁଥିଲା ।

ସକାଳର ଆଲୋକ ଯେତେବେଳେ ପରିଷ୍କାର ହୋଇ ଆସିଲା, ମୋ ଆଖିରେ ପଡ଼ିଲା ଝରକା ସେପଟର କାମିନୀ ଗଛଟା । ନିତି-ଦିନପରି ସେଠି ଭ୍ରମରର ଗୁଞ୍ଜନ ଶୁଭିଲାଣି । ଫୁଲର ତାରୁଣ୍ୟରେ ବିଭୋର ହୋଇ ସେ ଯେପରି କହୁଚି, ହେ ରୂପସୀ, ଜୀବନଟା

ଖାଲି ଗୋଟାଏ ମଧୁର ରାଗିଣୀ । ସେ ରାଗିଣୀର ଛନ୍ଦେ ଛନ୍ଦେ ଆମେ ନିଜକୁ ମିଶେଇ ଦେବା ।

ଏହି ମଧୁର ଲଗ୍ନଟିକି ଉପଭୋଗ କରିବାକୁ ମୁଁ ବିଛଣା ଛାଡ଼ି ବାରଣ୍ଡା ନିକଟକୁ ଚାଲି ଆସିଲି । ଯଦିଓ ମୋର ବିଛଣା ଛାଡ଼ିବାର ସମୟ ହୋଇ ନଥିଲା । ତଥାପି ଏହି ନିତ୍ୟ ନୈମିତ୍ତିକ ଘଟଣାଟି ମତେ ଖୁବ ନୂଆ ଲାଗୁଥିଲା ।

ତନ୍ଦ୍ରା ପୃଥିବୀ ଅଳସ ଭାଙ୍ଗୁଛି । ଆକାଶ ତଳେ ସକାଳର ପକ୍ଷୀ ଉଡ଼ି ଯାଉଛନ୍ତି । ତାଙ୍କ ସହିତ ଭାସି ଯାଉଛି ଖଣ୍ଡିଏ ବାଦଲ । ସନ୍ତର୍ପଣ ପକ୍ଷ ହଲେଇ ଉଡ଼ିଯାଉଥିବା ଏକ ବିହଙ୍ଗୀ ପରି ।

ମୋର ସଂପାଦକଙ୍କର ସେଇ ଚିଠିଟି କଥା ମନେ ପଡ଼ିଲା । କିଛି ଗୋଟାଏ ଲେଖିବାକୁ ହେବ । ବେଶ୍ ନିରୋଳା ମୁହୂର୍ତ୍ତି ଏଇଟା । ମୁଁ ବାରଣ୍ଡା ନିକଟରୁ ଫେରି ଆସି ଲେଖିବାକୁ ପ୍ରସ୍ତୁତ ହେଲି ।

ଉଠିଲଣି ତମେ···?

ରୋଷେଇଘରୁ ସ୍ତ୍ରୀ ଡାକିଲେ ।

ଉତ୍ତର ଦେଲି—

ହଁ ଉଠିଲଣି···

ଲେଖିବାରେ ମନ ଦେଲି । ଏହି ଲେଖିବା ମୋର ପ୍ରଥମ ଥର ପାଇଁ ନୁହେଁ । ଏହାପୂର୍ବରୁ ମୁଁ ବହୁବାର ଲେଖିଛି । କେତେ ଗଳ୍ପ, ଉପନ୍ୟାସ । ଲେଖିବାଟା ଯେ ମୋର ଅସ୍ୱାଦ ସାଧ୍ୟ, ଏହା ନୁହେଁ । ମୋର ଏଇ ଛୋଟ ସଂସାରର କ୍ଷୁଦ୍ର ଅବେକ୍ଷଣୀ ଭିତରେ ନିଜର ଗତିକୁ ଅବରୁଦ୍ଧ କରି ମଧ୍ୟ ମୋର ସୁଦୂର ପ୍ରସାରୀ ଦୃଷ୍ଟି ସାମନାକୁ ଯାହା ଆସିଛି, ଲେଖକର

ନିଗଡ଼ରେ ବନ୍ଦୀକରି ମୁଁ ତାକୁ ଅନେକଟା ସରସ ସୁନ୍ଦର କରିବାକୁ ଚେଷ୍ଟା କରିଚି । କିନ୍ତୁ ଅଳ୍ପ ସଂପାଦକଙ୍କ ପାଇଁ କଣ ଲେଖିବି, ତାହା ପୂର୍ବପରି ସରସ, ମନୋରମ ହେବ କି ନାହିଁ ତାହାହିଁ ଭାବୁଥାଏ ।

ହାତରେ ଗୋଟିଏ କଙ୍କିପୋକ ଧରି ନାଚି ନାଚି ଆସି ପହଞ୍ଚିଲା ମୋର ପ୍ରଥମ ସନ୍ତାନ ଟୁକୁ । ନାଚିବା ସାଙ୍ଗେସାଙ୍ଗେ ଏକ ଅବୋଧ ଭାଷାରେ ଗୀତ ଗାଇ ଚାଲିଚି । ସେ ମୋର ହାତ ଟାଣିଧରି ଗୀତ ବନ୍ଦକଲା ।

ଏଇଟାକୁ ବାନ୍ଧ ବାବା···

ହେଉ ବାନ୍ଧିଲା···

ଏଇଷିଣା ବାନ୍ଧ···

ହେଉ ଟିକିଏ ରହ···

ନା ନା ବାନ୍ଧ···

ଅଚ୍ଛା ମା ପାଖରୁ ଖଣ୍ଡେ ସୂତା ଅଣେଯା ।

ଟୁକୁକୁ ଯେ କୌଣସି ଉପାୟରେ ସ୍ତ୍ରୀଙ୍କ ପାଖକୁ ପଠେଇ ଦେଇ ଲେଖିବାକୁ ଚେଷ୍ଟା କରୁଥାଏ ମୁଁ । ଟୁକୁ କିନ୍ତୁ ଯିବାକୁ ନାରାଜ । ମୁଁ ତା ହାତରୁ କଙ୍କିଟାକୁ କାଢି ଆଣି କହିଲି—

ଏଇଟାକୁ ଛାଡ଼ିଦେବା । ପରେ ଗୋଟିଏ ପ୍ରଜାପତି ଧରିବା···

ନା ଏଇଷିଣା ଧରିବା ଚାଲବାବା···

ମୋ ହାତ ଧରି ଟୁକୁ କହିଲା ।

କଂକିଟା ମୋ ହାତରୁ ଛାଡ଼ିହୋଇ ଝରକା ବାଟେ ଉଡ଼ିଗଲା । ତାକୁ ଚାହିଁ ଟୁକୁ କହିଲା—

ଶୁଣ ବାବା···ଛବି ଗୋଟାଏ ଦେଖୁଚ ଏଠେ । କେତେ ପ୍ରଜାପତି···କେତେ ଫୁଲ···ଖାଲି ଲେଖିବ···

ମୁଁ ଟୁକୁକୁ ମୁହଁକୁ ଅନେଇ ରହିଲି । ପ୍ରକୃତିର ଯେଉଁ ମାୟାଲୀଳା ଉପଭୋଗୀ ମଣିଷର ମନକୁ ସ୍ପର୍ଶ କରି ପାରେନାହିଁ, ତାହା ସ୍ପର୍ଶ କରେ ଶିଶୁ ସନ୍ତାନ ଟୁକୁର ପ୍ରାଣକୁ । ତା'ର ସରଳ ନିଷ୍ପାପ ଭଙ୍ଗୀକୁ ମୁଁ ଅନେଇ ଅନେଇ ଦେଖିବାରେ ଲାଗିଲି ।

ଛବି ଦେଖୁଚ ବାବା···

ଉଠେଇ···

ଟୁକୁ ଖିଲି ଖିଲି ହୋଇ ହସି ଉଠିଲା । ମୁଁ ତାକୁ କୋଳ ଉପରକୁ ଟେକି ଆଣି କହିଲି—

ତୁ ଯଦି ମତେ ଗୋଟାଏ ପ୍ରଜାପତି ଧରି ଆଣି ଦେବୁ ମୁଁ କହିବି ତୁ ବୀରଟା···

ମୁଁ ବୀରଟା···ହଉ ରହ···

ଟୁକୁ ମୋ କୋଳରୁ ଓହ୍ଲେଇ ପଡ଼ି ଦୌଡ଼ି ଦୌଡ଼ି ଚାଲିଗଲା । ଯାଃ···ରକ୍ଷା । ମୁଁ ପୁଣି ଲେଖିବାରେ ମନୋନିବେଶ କଲି ।

ଖଟ ମୁଣ୍ଡ ପାଖକୁ ଯେଉଁ ଛୋଟ ଟେବୁଲଟି ପଡ଼ିଥିଲା, ତାରି ଉପରୁ ସଂପାଦକଙ୍କର ଚିଠି ଉଠେଇ ଆଣିଲି ମୁଁ । ପତ୍ରିକା ପ୍ରକାଶର ସମୟଟା ଜାଣି, ଲେଖା ପଠେଇବାର ତାରିଖଟା ଧାର୍ଯ୍ୟ କରିବାକୁ ମୁଁ ଚିଠିଟାକୁ ଆଉଥରେ ପଢ଼ିବାର ଉପକ୍ରମ କଲି ।

ଚା କପ ସହିତ ଭିତରକୁ ଆସିଲେ ସ୍ତ୍ରୀ । ଟେବୁଲ ଉପରେ କପଟାକୁ ରଖିଦେଇ ସେ ତାଙ୍କର ନିତି ଦିନର ବକ୍ତୃତା ଆରମ୍ଭ କଲେ ।

ମୁଁ ଗୋଟାଏ ଖାମ ଖିଆଲି ଲୋକ । ସଂସାର ପାଇଁ

ନିହାତି ଅନୁପଯୁକ୍ତ । ଲେଖା ପଢ଼ାରେ ମନ ଦେଇ ଥିବାରୁ ମୋର ମିଳାମିଶ ମଣିଷ ହେଇ ପାରୁ ନାହାନ୍ତି । କ'ଣ ବା ମିଳେ ସେଥିରୁ । ଲେଖି ଲେଖି ଥୋବଗ । ଅଥଚ କଡ଼ା କାନ୍ତିର ମୂଲ୍ୟ ନାହିଁ । ଇତ୍ୟାଦି...ଇତ୍ୟାଦି...

ମୁଁ ନିର୍ବିବାଦରେ ଶୁଣିଗଲି । ହାତ ବଢେଇ ଟେବୁଲ ଉପରୁ ଚା କପ୍‌ଟା ଉଠେଇ ନେଲି । ଚା'ର ଉଷ୍ମ ଗନ୍ଧ ମନଟାକୁ ହାଲୁକା କରି ଦେଉଛି ।

ସ୍ତ୍ରୀ କହିଲେ—

ଶୁଣୁଛ ମୋ କଥା...

କ'ଣ କହ...

ଘରୁ ଚୁଡ଼ିଲା ଭାରି ମଇଳା ଲାଗୁଣି । ରାତିର ଟୋକାର ଦରମା ବାକି । ଆସି ଦୁଇମାସ ହୋଇଗଲା । ସାନ ପୁଅର ଜେମ୍ସ ନାହିଁ...ଝିଅ ପାଇଁ ଗୋଟାଏ ନୂଆ ଜାମା ଦରକାର...ଅଣ୍ଡା ଦାନ ଆସିଲାଣି...

ହଁ...

କ'ଣ ଖାଲି ହଁ...ମୋ କଥାରେ ତ ହଁ...ନା ଡେଉଁ-ଏଡେ...

ଶୂନ୍ୟ କପ୍‌ଟାକୁ ଟେବୁଲ ଉପରେ ରଖିଦେଇ ମୁଁ ଟିକିଏ ହସିଲି । କହିଲି—

ନା କହୁଲେ... ?

କହୁନ...

ଅଭିମାନରେ ମୁହଁ ଫୁଲେଇ ସ୍ତ୍ରୀ ବାହାରି ଗଲେ ଘରୁ ।

ସ୍ତ୍ରୀଙ୍କର ଏଇ ଭଙ୍ଗୀଟା ବେଶ୍ ଉପଭୋଗ୍ୟ । ଆଉରି ଟିକିଏ

ଉପଭୋଗ କରି ନେବା ଉଦ୍ଦେଶ୍ୟରେ ମୁଁ ପାଟି କରି ଡାକି ଉଠିଲି—

ହେ, ଶୁଣ...ଶୁଣ...

ହୁଁ...

ଅଚ୍ଛା ନକ୍ଷତ୍ର...

ରହସ୍ୟ କରି ମୁଁ ପୁଣି କହିଲି—

ଏଥର ଶୁଣିବା ପାଇଁ ଆଉ ଗୋଟିଏ ଦେହ ଯୋଗାଡ଼ କରିବା...

କହୁନ...

ସ୍ତ୍ରୀ ପୁଣି ସେତେବେଳେ ଘରକୁ ଫେରିଗଲେ। ଚାଉଳ ନାହିଁ, ଡାଲି ନାହିଁ, ପୁଅପାଇଁ ଲେମ୍ବୁ ଦରକାର, ଜାମା ଦରକାର, ଗୁରୁର ଦରମା ପାଇଁ ଟଙ୍କା ଦରକାର, ସମ୍ପାଦକଙ୍କର ଲେଖା ଦରକାର। ସମସ୍ତଙ୍କର ଆବଶ୍ୟକତା ମୋ ନିକଟରେ ଏକ ବିରାଟ ସମସ୍ୟା ରୂପେ ଦେଖାଦେଲା। ସବୁ ଗୁଡ଼ିକର ସମାଧାନ ଅବଶ୍ୟ ଅବଶ୍ୟ କରିବାକୁ ହେବ। ମୁଁ ତେଣୁ ଲେଖା ଖାତାକୁ ଚାହିଁ ଦେଇ ପୁଣି ଦୂରକୁ ଚାହିଁଲି।

ସୂର୍ଯ୍ୟ ଉଦୟ ହୋଇନାହିଁ। ହୁଏତ ଆଉ ଦିନ ଦାଗ ଦଶିବ ନାହିଁ। ଆଜି ଅନ୍ଧାରର ରାତ୍ରି ହୋଇ ଅଜବ ଢଙ୍ଗରେ ଖଣ୍ଡ ମେଘ ଆକାଶ ଛାତିରେ ଭାସି ଆସିଲାଣି। କାଲ ସକାଳେ ବର୍ଷା ହୋଇ ଛାଡ଼ି ଯାଇଛି। ଭିଜା ମାଟିର ଗନ୍ଧ ନାକରେ ଆସି ବାଜୁଛି। ଶ୍ୟାମ ଦୂବ ଉପରେ ଜଳକଣା। ଏଥରକି ମୁଁ ହାର ମାନୁଛି। କେତେବେ ଲୋଭନୀୟ ସତେ ଏ ମାଟିର ମର୍ତ୍ତ୍ୟ।

ଟେକାଗଲେ ଚୌ ପାଣି ଜମି ରହିଛି। ତାହାରି ଭିତରୁ ସୁନ୍ଦର ଗୋଟାଏ ବେଙ୍ଗର ଶବ୍ଦ। ବୋଧେ ଟିକେ ଛୁଇଁ ଅଛି।

ପୁଣି ଏଇଟି ଅସି ଝୁଙ୍କ ଯିବ ଏଇକ୍ଷଣି । ଆରମ୍ଭ କରଦେବ ଜିଦ୍ । କିଛି ଗୋଟାଏ ନେବା ପାଇଁ ଜିଦ୍ ।

ଚବର ଚବର ଶବ୍ଦ ସହିତ ଭୁସ୍ କରି ପଡ଼ି ଯିବାର ଶବ୍ଦ ହେଲା । କଲମଟାକୁ ଫିଙ୍ଗିଦେଇ ଚଉକୀରୁ ଓହ୍ଲେଇ ଅସିଲି ମୁଁ । ଦେଖେ ପୁଅଟି କେଉଁଠିବେଳେ ସେପଟରୁ ଖସି ଅସି ତଳ ପାଣିରେ ପଡ଼ି ଯାଇଛି । ପଡ଼ିବା ସାଙ୍ଗେ ସାଙ୍ଗେ ସେ ଗୁହାଧର କାନ୍ଦଣା ମଧ୍ୟ ଆରମ୍ଭ କରି ଦେଇଛି । ମୁଁ ତାକୁ ଉଠେଇ ଆଣି ଗେଲକଲି—

ନା ଲୋ…କିଏ ମାରିଲା ଲୋ…

ନା ଲୋ…କିଏ ମାରିଲା ଲୋ…ଦାଅ…ଦାଅ…ଗାଲି ଦେଉଛ ନା ଅଉ କିଛି ଅଛି…

ସ୍ତ୍ରୀ ମୋ କୋଳରୁ ପୁଅକୁ ଓହ୍ଲେଇ ନେଇ କାଖ କଲେ । କିନ୍ତୁ ପୁଅଟା ଚୁପ୍ ହେଲା ନାହିଁ । ବୋଧେ ତା ଛାତି ଅଉ ପେଟରେ କୋଉଠି ଆଘାତ ଲାଗିଛି । ଦେହ, ମୁଣ୍ଡକୁ ତାର ଭଲକରି ଅଁଚଳରେ ପୋଛି ଦେଇ, ବଦଳ ବସ୍ତ୍ର ଆଣେଇ ପୁଅ ପଡ଼ିବାର ଅମୋଘ ଔଷଧ ଦେଲେ ସ୍ତ୍ରୀ । ସେ ଚୁପ୍ ହେଲା । ମୁଁ ଘଣ୍ଟାଏ ଧୂରି ଧୂରି ଏଠି ସେଠି ହାତ ମାରି ଦେଖିବାରେ ଲାଗିଲି । କିନ୍ତୁ ଅଖି ସେମିତି ସ୍ତ୍ରୀଙ୍କର ରୂପ ମଦିରା ବିନା ଅନ୍ୟ କିଛି ଚାହୁଁ ନ ଥିଲା । ବାସ୍ତବରେ ସ୍ନାନାନ୍ତ ବସନା ସ୍ତ୍ରୀଙ୍କର ମାତୃ ମୂର୍ତ୍ତି ବଡ ମନୋରମ ଦିଶୁ ଥିଲା । ଯେମିତି କୋଣାର୍କ ଶିଳ୍ପୀର କଳାନୈପୁଣ୍ୟ ଫୁଟି ଉଠୁଛି ମୋ ଅଖି ଆଗରେ । ନାରୀର ଏଇ ମୂର୍ତ୍ତି ଅସହ୍ୟ । ଏହି ସୌନ୍ଦର୍ଯ୍ୟ ନିକଟରେ ଯେପରି ବିଳାସ ଆଉ ଉପଭୋଗର ସ୍ଥାନ ନାହିଁ ।

ଭାଇତ ଅସି କହିଲା—

କୁଣ୍ଡରେ ପାଣି ଭରି ଦେଇ ଆସିଲି ବାବୁ !

ଆରେ ଏତେବେଳ ହେଲାଣି । ଅଫିସ ସମୟ ଆଜି ଅଧ-ଘଣ୍ଟାଏ ବାକି । ମୁଁ ତରତରରେ ଅଫିସ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଲାଗିଲି ।

ଅଫିସରେ ପହଞ୍ଚି ଫାଇଲ୍ ଗଦା ଭିତରେ ବୁଡ଼ିଗଲି ମୁଁ । ଗୋଟାକ ପରେ ଗୋଟାଏ । ଯେମିତି ଏକ ଭାରବାହୀ ପଶୁ । ଫାଇଲ ନିକଟରେ ମୂକ, ବଧୀର ମନଟାକୁ ଶକ୍ତ ଶୃଙ୍ଖଳରେ ଆବଦ୍ଧ କରିବାକୁ ପଡ଼େ ।

ଗଳ୍ପ ଲେଖା ହୋଇ ପାରିଲା ନାହିଁ । ସମ୍ପାଦକ ହୁଏତ ଅପେକ୍ଷା କରି ରହିଥିବେ । କିନ୍ତୁ ଗୋଟାଏ ଉତ୍ତର ଆବଶ୍ୟକ । ଗୁଡ଼ଲ, ଡାଲି କିଣା ହୋଇ ପାରି ନାହିଁ । ସ୍ତ୍ରୀ ହୁଏତ ଭାଗ୍ୟ ନିନ୍ଦା କରିବେ । ଲେମ୍ବୁ କିଣା ହୋଇ ନାହିଁ, ଝିଅଟି ଖୁବ୍ ଅସୁବିଧା ଭୋଗ କରିବ । ତଥାପି କିଛି ହୋଇ ପାରୁ ନଥିଲା ।

ଭାବିଲି ଅଫିସ ଛୁଟି ପରେ ସନ୍ଧ୍ୟାବେଳାକୁ ନିଶ୍ଚୟ କିଛି ଲେଖିବି । ଘରେ ପାଦ ଦେଇ ଶୁଣିଲି ଟୁକୁର କାନ୍ଦଣା । ପରେ ଲୁହେଇ ପଡ଼ିକରି ସେ ଅଭିଯୋଗ କଲା—

ମା ମତେ ମାରିଲା…

କାହିଁ କରେ…

ମୁଁ ମିଠୁର ଦୁଧ ଢାଳି ଦେଲି…

ତୁଇ ଦୋଷ କରିଚୁ…

ନା, ତୁ ମା'କୁ ମାର…

ଆଚ୍ଛା ମାରିବା…

ଟୁକୁକୁ ଛାତି ଉପରକୁ ଉଠେଇ ଆଣି ହସି ହସି ମୁଁ ଡାକିଲି—

ତମେ ଟୁକୁକୁ ମାରିଲ କାହିଁକି...?

ସିଏ ଭଲ ପିଲାଟା, ମାଡ ଖାଇବନି, ନିଜେ ଯେମିତି, ପିଲା ହେଇଚନ୍ତି ସେମିତି...

ସ୍ତ୍ରୀ ଗମ୍ଭୀର ସ୍ୱରରେ ଏତିକି କହି ନିଜ କାମରେ ଲାଗିଲେ । ସକାଳ ଅପେକ୍ଷା ମୁହଁ ତାଙ୍କର ଖୁବ୍ ଭାରି ଦିଶୁଥିଲା । ଏଇଟା ସ୍ୱାଭାବିକ । ମୁଁ ତାଙ୍କର କଥା ଉପରେ ଗୁରୁତ୍ୱ ନ ଦେଇ ଚାଲି ଆସିଲି । ଟୁକୁ କିମ୍ବା କିଛି କହିଲା ନାହିଁ । ମା'କୁ ନ ମାରିବା ପର୍ଯ୍ୟନ୍ତ ସେ ଭୂମି ଉଠିବନି ବୋଲି କହି, ନୂଆ କରି କାନ୍ଦଣା ଶୁରୁ କରିଦେଲା ।

ଅନ୍ୟ ଉପାୟ ନାହିଁ । ନିହାତି ଗୋଟାଏ ଜିଦ୍ ଖୋର ପିଲା । ମା'ଠୁଁ ମାଡ଼ ଖାଇଛି । ଆଉ କିଛି ନକହି ମୁଁ ତାକୁ ପଥା ମାଝି ତିନି ଚାରିଚାଟ ଲାଗି ପଡ଼ିଲି । ଟୁକୁ ଶୋଇ ପଡ଼ିଲା ।

ରାତିର ଆଉ ଖାଇବା ବେଳ ଜାଗା ହେଇ ସାରିଚି ।

ସବୁ ଦୈନିକ ପତ୍ର ଲେଖିବାକୁ ଅଲୁଅ ଜାଳିଲି ମୁଁ । ନା କିଛି ଗୋଟାଏ ନ ଲେଖିଲେ ଆଉ ଚଳିବ ନାହିଁ । ପତ୍ରିକାର ପ୍ରକାଶ ପାଇଁ ମୋଟେ ଅଠଦିନ ସମୟ ଅଛି । ଭଦ୍ର ଲୋକ କଣ ମନେ କରିବେ । ମୁଁ ଖାତା, କଲମ ସଜାଡ଼ିଲି ।

ସାନ ଝିଅଟା ଭୁଲ୍ କରି କାନ୍ଦ ଉଠିଲା । ସେପଟେ ଘରୁ ଗୃହିଣୀଙ୍କ ସ୍ନେହେଇ ସ୍ନେହେଇ ସ୍ତ୍ରୀ କହିଲେ—

ବନ୍ଦରେ, ଅଲୁଅଟା ଜାଳିବେ ନାହିଁ । ପୁଅ ନିଦ ଭାଙ୍ଗି ଯାଉଛି...

ମୁଁ ବାଧ୍ୟ ହେଇ ଅଲୁଅଟା ବନ୍ଦ କରି ବସିଇ ରହିଲି ।

ଜନନୀ କଥାର ସତ୍ୟତା ପ୍ରମାଣ କରୁ ଶିଶୁ ପୁତ୍ରର ଅଧର ପୁଣି ଗାଢ଼ ନିଦ୍ରାରେ ବୁଜି ହୋଇ ଆସିଲା ।

ନା, କିଛି ଗୋଟାଏ ହୋଇଛି ଆଜି । ନ ହେଲେ ସ୍ୱାମୀଙ୍କର ଏ ଦୁର୍ଜ୍ଜୟ ଅଭିମାନ କାହିଁକି ? ମାତୃତ୍ୱ ପ୍ରାପ୍ତି ପରେ ମଧ୍ୟ ନାରୀ ଚପଳା ପ୍ରେମିକାର ଆସନରେ ଥାଏ ।

ସ୍ୱାମୀ ଆସୁଚନ୍ତି ବୋଧେ !! ଗୃହର ଘନ ଅନ୍ଧକାର ଭିତରେ ତାଙ୍କର ମୃଦୁ ପଦଧ୍ୱନି ଶୁଭୁଛି । ଶିଶୁ ସନ୍ତାନ ଦୁଇଟି ମୋର ଶୋଇ ପଡ଼ିଛନ୍ତି । ସ୍ୱାମୀ ପାଖେଇ ଆସିଲେ । ମୁଁ ହାତ ବଢ଼େଇଲି ।

ଆସ…

ନା…

କାହିଁକି ? ମୋର ଅପରାଧ… ?

ମୁଁ ଅସ୍ଥିର ହୋଇ ତାଙ୍କୁ ପଚାରିଲି—

କ'ଣ ହୋଇଛି ତମର… ?

ଯାହା ହୋଇଛି ତମର ଜଣା ଅଛି…

ସ୍ୱାମୀ ରୁକ୍ଷ ସ୍ୱରରେ କହି ଉଠିଲେ ।

ମୋତେ ତମର କିଛି ନାହିଁ…ନା କିଛି ନାହିଁ…ମୁଁ ମଲେ କ'ଣ…ଗଲେ କଣ…

ସ୍ୱାମୀଙ୍କର କଣ୍ଠ ରୁଦ୍ଧ ହୋଇ ଆସିଲା । ମୁଁ କିଛି ବୁଝି ପାରୁ ନ ଥିଲି । ସେ ପୁଣି କହି ଯିବାରେ ଲାଗିଲେ—

ମୁଁ ସିନା ତମର ଅଯୋଗ୍ୟା, ଅପଦାର୍ଥ ଟାଏ । ଏ ଅଜ୍ଞାନ କୁଆ ଦିଟା ତମର କି ଦୋଷ କଲେ ? ମୋ ପେଟରୁ ଜାତ ହେଲେ ବି ସେ ତମର ନୁହନ୍ତି । ତମର ମନ ବଳୁଛି, ନାରୀର ମା ହାତରେ ତାଙ୍କୁ ନଳାକଳା କରିବାକୁ…

ସ୍ୱାମୀ କହୁଁ କହୁଁ ହୋଇ କାନ୍ଦି ଉଠିଲେ । ଏତେବେଳେ

କଥାଟା ମୋ ଆଖି ଆଗରେ ପରିଷ୍କାର ହୋଇ ଉଠିଲା । ଯେମିତି ଅନ୍ଧକାର ରାତିପରେ ପ୍ରଭାତ ସୂର୍ଯ୍ୟର ପ୍ରକାଶ ହୁଏ । ଗତ ଦିନର ଡାକ ଟେବୁଲ ଉପରେ ପଡ଼ି ରହିଥିଲା । ମୁଁ ଅଲଗା କାଢିଲି । ହାତ ବଢ଼େଇ ଉଠେଇ ଆଣିଲି ଗୋଟିଏ ନେଳିଆ ଲଫାପା । ସେଥି ଭିତରେ ଖଣ୍ଡିଏ ଗୋଲାପି ଚିଠି । ସ୍ତ୍ରୀଙ୍କର ସାମନାରେ ଚିଠିଟିକୁ ଖୋଲି ଧରି କହିଲି—

ଏଇ ଚିଠି କଥା ତମେ କହୁଚ ? ଆସ, ଉପରକୁ ଉଠି ଆସ...

ମୁଁ ତାଙ୍କୁ ଧରିବା ପାଇଁ ହାତ ଲମ୍ବେଇଲି ।

ନା ତମେ କହସାର...

ସ୍ତ୍ରୀ ଟିକଏ ଦୂରକୁ ଘୁଞ୍ଚି ଗଲେ ।

ତା'ହେଲେ ତମେ ଶୁଣିବ ସେକଥା । ବିଛଣାକୁ ଆସି ଶୁଣିଲେ... ?

ନା ଶୁଣି ସାରିଲେ ଯାଇ ମୁଁ ଶୋଇବି...

ସ୍ତ୍ରୀ ସେପ୍ଟପର ଟେବୁଲକୁ ଆଉଜି ଠିଆ ହୋଇ ରହିଲେ । ମୁଁ ଚିଠାକୁ ମୁହଁ ମୁହଁ କହିଲି—

ଏ ଚିଠି ଯିଏ ଲେଖିଚନ୍ତି, ସେ ଜଣେ ଅଧ୍ୟାପିକା...

ଅଧ୍ୟାପିକା ଅଧ୍ୟାପିକା ମୁଁ ଜାଣେ ନାହିଁ । ତମେ ଆଗ କହ...

କହୁଚି ଶୁଣ... । ସେ କୁମାରୀ ଅର୍ଥାତ୍ ଏପର୍ଯ୍ୟନ୍ତ ବିବାହ କରି ନାହାନ୍ତି ।

ସେ ତମକୁ ଜଣା ହେବେ ।

ସ୍ତ୍ରୀଙ୍କ ଆଖିରୁ ନିଆଁ ଝରି ଆସିଲା ।

ନା, ଶୁଣ ! ତମ କଥା ଆଦୌ ଠିକ୍ ନୁହେଁ ।

ମୋ କଥା ଠିକ୍ ହେଉ, ନ ହେଉ ମୁଁ ତମ କଥା ଜାଣିବାକୁ ଚାହେଁ ।

ମୁଁ ସେଇ କଥା କହୁଛି । ଧୈର୍ଯ୍ୟହରା ନ ହୋଇ ତମେ ଶୁଣ । ସୁଗାନ୍ଧୀ ଆଉ ମୁଁ ଏକା ସାଙ୍ଗରେ ପଢୁଥିଲୁ । ସୁଗାନ୍ଧୀ ଖୁବ୍ ଭଲ ପଢୁଥିଲେ । କ୍ଲାସରେ ସେ ଭାରି ଗମ୍ଭୀର ରହୁଥିଲେ । ଖୁବ୍ ସୁନ୍ଦରୀ ମଧ୍ୟ ଥିଲେ…

ଆଉ ସେଇଥି ଯୋଗୁ…

ସେଇଥି ଯୋଗୁ ଯେ ମୁଁ ତାଙ୍କୁ ସ୍ନେହ କରୁଥିଲି, ତମେ ଠିକ୍ କଥାଟା ଧରି ପାରିଛ । କିନ୍ତୁ ସେଇଠା ତାଙ୍କ ଆଉ ପ୍ରଥମ ଆରମ୍ଭ ହୋଇଥିଲି । ଏଥିପାଇଁ ମୁଁ ଅନେକଙ୍କର ଈର୍ଷାର ପାତ୍ର ମଧ୍ୟ ହୋଇଥିଲି । କାରଣ ସୁଗାନ୍ଧୀ ତାଙ୍କର ଅନ୍ୟ ସହପାଠୀମାନଙ୍କୁ ଆଖି ଅଣ୍ଟରେ ବି ଚାହୁଁ ନ ଥିଲେ । ତାଙ୍କର ନାନା ଭଙ୍ଗିର ମୂର୍ତ୍ତି ଭୂଷା, ଥଟ୍ଟା, ସ୍ମିତିମଧ୍ୟ ସେ ନ କରି ମାରନ୍ତି ଏବଂ ଗମ୍ଭୀର ରହୁଥିଲେ । ଯାହା ଅନ୍ୟଛାତ୍ରୀମାନଙ୍କର ଅସାଧ୍ୟ ଥିଲା । ଏଥିପାଇଁ ସମସ୍ତଙ୍କର ତାଙ୍କ ପ୍ରତି ଅହେତୁ ଗୋଟାଏ ଭୟ ମିଶା ଭକ୍ତି ଆସି ଯାଇଥିଲା । ହଠାତ୍ ଦିନେ ସୁଗାନ୍ଧୀ ଯେଚା ମତେ କଥା କହିଲେ । କହିବାକୁ ସେ କଲେଜ ଲାଇବ୍ରେରୀ ଦୁଆର ମୂହଁରେ ଅପେକ୍ଷା କରିଥିଲେ । ହାତରେ ଖଣ୍ଡିଏ ନବପ୍ରକାଶିତ ପତ୍ରିକା ଧରିଥିଲେ ସେ । ସେଇଟିକୁ ଖୋଲେଇ ଖୋଲେଇ କହିଲେ—

ଆପଣଙ୍କୁ ଅନେକ ସମୟରେ କିଛି କହିବାକୁ ଇଚ୍ଛା ହୁଏ ମୋର ।

ଏଇ ତାଙ୍କର ପ୍ରଥମ କଥା ଥିଲା ମତେ । ପତ୍ରିକାରେ ଖଣ୍ଡିଏ ଗଳ୍ପ ମୋର ପ୍ରକାଶ ପାଇଥିଲା, ତାହାହିଁ ତାଙ୍କୁ ଆକର୍ଷଣ କରି-

ଥିଲି ଅଭି କଥା କହିବାକୁ ସୁଯୋଗ ଦେଇଥିଲି । ସେଇ ସୁଯୋଗ ଆମ ଦୁହିଁଙ୍କୁ ଘନିଷ୍ଠ ବନ୍ଧୁତ୍ୱ ସୂତ୍ରରେ ଆବଦ୍ଧ କରିଥିଲା ।

ମତେ ନେଇ କରି କଲେଜ ସୀମା ଭିତରେ ତାଙ୍କ ନାଁରେ ଅନେକ ଗୁଜବ ଉଠିଲା । ତାହା କ୍ରମେ କଲେଜ ସୀମା ଛାଡ଼ି ରାଜପଥରେ ବ୍ୟାପ୍ତି ଲଭିଲା । ଏଥିରେ ମୁଁ ଦୁଃଖ, ଲଜ୍ଜାରେ ମ୍ରିୟମାଣ ହୋଇ ପଡ଼ିଲି । କିନ୍ତୁ ମୃଣାଳୀ ଆଦୌ ଦୁଃଖିତ ହେଲେ ନାହିଁ । ଓଲଟା ଦିନେ ସେ ଆମ ଦୁହିଁଙ୍କର ବିବାହ ପ୍ରସ୍ତାବ ଉଠାଇଲେ । ମୃଣାଳୀ ଜଣେ କୁଳୀନା, ଶିକ୍ଷିତା, ଧନୀ-କନ୍ୟା ଥିଲେ । ତଥାପି ତାଙ୍କର ଆଭିଜାତ୍ୟକୁ ଅମାନ୍ୟ କରି ଏ ଅସମ୍ଭବକୁ ସମ୍ଭବ କରିବେ ବୋଲି ସେ ମତେ କଥା ଦେଲେ । ମତେ ଖୁବ୍ ଆନନ୍ଦ ଲାଗିଲା ।

ପରମୁହୂର୍ତ୍ତରେ ମୋ ଆଖି ଆଗରେ ମଧ୍ୟବିତ୍ତ ପରିବାରର ସମସ୍ତ ସୁଖ, ଦୁଃଖ, ହର୍ଷ, ବିଷାଦ ପ୍ରତିବିମ୍ବ ହୋଇ ଉଠିଲା । ତେଣୁ ତାଙ୍କ ଆଗରେ ମୁଁ କଠୋର ହୋଇ ଉଠିଲି । କହିଲି—

ଏହା ହୋଇ ନ ପାରେ...

କାହିଁକି ?

ମୃଣାଳୀ ବିସ୍ମିତ ହୋଇ ମତେ ଅନାଇ ରହିଲେ ।

ମୁଁ କହିଲି—

ତମେ ଫେରି ଯାଅ । ତମର ପୂଜା ନେବାପାଇଁ ଅନାଗତ ଦେବତ୍ୱ, ପ୍ରତୀକ୍ଷାରେ ମୁହୂର୍ତ୍ତ ଗଣେଇ ଦେଉଥିବେ ।

ଗୋଟିଏ ଛିଡ଼ା ମାଳା ନେଇ ମୁଁ ଅନ୍ୟ ଦେବତାର ପୂଜା କରି ପାରିବି ନାହିଁ ।

ମୃଣାଳୀ ମୁହଁରେ ଦୁଃଖହାସ ଟାଣି କାନ୍ଦି ଉଠିଲେ । ସେ

ଅଶ୍ରୁର ଆଘାତ ଅନୁଭବ କଲି ମୁଁ । ତାଙ୍କର ଦୁଇ ହାତ ଧରି କହିଲି—

ଦେବତା ନିଜେ ତାର ପୂଜା ନେବା ପାଇଁ ତମ ଦୁଆରକୁ ଆସିବ ।

ସତେ... ? କେବେ... ?

ମୃଗାକ୍ଷୀଙ୍କର ଆଖି ଉଜ୍ଜ୍ୱଳ ହୋଇ ଉଠିଲା ।

ନମ୍ର ସ୍ୱରରେ ମୁଁ କହିଲି—

ଧୈର୍ଯ୍ୟ ଧର, ପ୍ରତୀକ୍ଷା କର ।

ତା'ହେଲେ ପ୍ରତୀକ୍ଷାର ଆରମ୍ଭ ହେଉ । ସେ ଉଠି ପଡ଼ିଲେ । ମୋ ପାଦରେ ମୁଣ୍ଡ ଲଗେଇ ଝଡ଼ପରି ବାହାରି ଗଲେ । ଆଉ ଗୋଟିଏ ମୁହୂର୍ତ୍ତ ମୁଦ୍ଧା ଅପେକ୍ଷା କଲେ ନାହିଁ । ମୋର କିନ୍ତୁ ତାଙ୍କୁ ଅଟକେଇ ଟିକିଏ ବହୁକଥା କହିବାକୁ ଇଚ୍ଛା ହେଉ ଥିଲା । ସେ କିନ୍ତୁ ଆଉ ପଛକୁ ଫେରି ଚାହିଁଲେ ନାହିଁ । ତାଙ୍କ ଚାଲିଯିବା ପରେ ମୁଁ ବିଛଣା ଧରିଲି । ଜୀବନର ବହୁ ମୂଲ୍ୟବାନ ମୁହୂର୍ତ୍ତକୁ ତାଙ୍କ ପାଇଁ ନଷ୍ଟ, ଅଶ୍ରୁଳ କରି ଖୋଇଲି ।

ତା ପରେ ପରେ ଅନେକ ଖୋଜିଲି ମୁଁ । ଦେବତାଙ୍କ ଜଞ୍ଜାଳ ଭିତରେ ବହୁ ବିଦ୍ୟାଳୟର ସଦୋଷ ଝଗ୍ରା ନେବା ମୋ ପକ୍ଷେ ଆଉ ସମ୍ଭବ ହେଲା ନାହିଁ । ମୁଁ କରଣୀରୁ ବଦଳି କଲି । ତା'ପରେ ମୁଁ ଆଉ ତାଙ୍କର ଖବର ରଖିନାହିଁ ।

ଦୁଇମାସ ପରେ ହଠାତ୍ ଏକ କର୍ମ ଚଞ୍ଚଳ ମୁହୂର୍ତ୍ତରେ ଦେଖା ହେଲା । ସେ ଆସିଥିଲେ କୋଉ ଏକ ସାଂସ୍କୃତିକ ସପ୍ତାହରେ ଭାଷଣ ଦେବାକୁ ଆଉ ମୁଁ ଯାଇ ଥିଲି ଏକ ବନ୍ଧୁଙ୍କ

ବିବାହୋତ୍ସବରେ ଯୋଗ ଦେବାକୁ । ଦୁହେଁ ଦୁହିଁଙ୍କ ଦେଖି ପ୍ରଥମେ ମୂକ ପାଲଟି ଗଲୁ ।

ସେ ଖୁବ୍ ବଦଳି ଯାଇଥିଲେ । ପୂର୍ବପରି ପ୍ରସାଧନ ପ୍ରତି ଲକ୍ଷ୍ୟ ନ ଥିଲା କିମ୍ବା ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେଉଛନ୍ତି ବୋଲି ମନେ ହେଉ ନଥିଲା । ଦୁର୍ବଳ ତନୁଶ୍ରୀ ମଉଳି ପଡ଼ିଥିଲା ।

କିନ୍ତୁ କ୍ଷଣିକ ନୀରବତାକୁ କାଟି ତାଙ୍କ ଓଠରେ ହସ ସହିତ ଭାଷା ଫୁଟିଲା ।

ନମସ୍କାର···

ନମସ୍କାର···

ମୁଁ ଖାଲି ତାଙ୍କୁ ଅନେଇ ଅନେଇ ଦେଖୁଥାଏ । ପୂର୍ବପରି ତାଙ୍କ ଓଠରୁ ହସର ଝଲକ ଝରୁଥାଏ । କିନ୍ତୁ ମୋର ମନେ ହେଉଥାଏ, ତାହା ଯେପରି ଆଗପରି ସରସ, ମଧୁର ନୁହେଁ । ମ୍ଳାନ···ଶ୍ରୀହୀନ ।

ଅଳ୍ପ ସମୟର ଆଳାପ ଆଲୋଚନା ଭିତରେ କ୍ରମେ ପ୍ରକାଶ ପାଇଲା ତାଙ୍କ ଜୀବନର କରୁଣ କାହାଣୀ । ସେ ଏବେ ବି କୌମାର୍ଯ୍ୟ ବ୍ରତ ପାଳୁଛନ୍ତି । ହାଲୁକା ଭାବରେ ପଚାରି ଉଠିଲି—

କାହିଁକି ?

ଏବେବି ଦେବତା ତାଙ୍କର ପୂଜା ନେବାକୁ ଆସି ନାହାନ୍ତି ବୋଲି ସେ କହିଲେ ।

ମୁଁ କିଛି କହି ପାରିଲି ନାହିଁ । ଦେବାକୁ ସମୟ ମଧ୍ୟ ନଥିଲା । ତୁରନ୍ତ ଟ୍ରେନ ଆସେଇ ଚାଲିଗଲା ।

ତା' ପରେ କାଲି ପୁଣି ସେ ଚିଠି ଲେଖିଛନ୍ତି । ମୁଁ

ସୁଗାନ୍ଧୀଙ୍କ ଚିଠିର ଶେଷଟି ଧାଡ଼ି ବଡ଼ ପାଟିରେ ପଢ଼ିବାକୁ ଲାଗିଲି—

‘ମୋ ପ୍ରତୀକ୍ଷାର ଶେଷନାହିଁ । କେବେ ତାହା ଶେଷ ହେବ ? ଦେବତା କେବେ ତାଙ୍କର ପୂଜା ନେବାକୁ ଆସିବେ ? କିଏ ମତେ ତାର ବାର୍ତ୍ତା ଦେବ । ତୁମେ ଛଡ଼ା କେହି ଦେଇ ପାରିବେ ନାହିଁ ।’

ଚିଠି ପଢ଼ିସାରି ମୁଁ ସ୍ତ୍ରୀଙ୍କୁ ଚାହିଁଲି । ତାଙ୍କର କମନୀୟ ଗୋଲା ଗାଲେ ଲୁହ ଜମି ଆସୁଥିଲା । ମୁଁ ଅନାୟାସରେ ମୁହିଁ ପୋଛି ନେଲି ।

ଛୋଟ ଛୁଆଟି ନିଦ ବାଉଳାରେ କାନ୍ଦି ଉଠିଲା । ପୁଅକୁ ତପା କୋଳରେ ତୋଳି ନେଇ ମୋ ପାଖରେ ମୁଣ୍ଡ ଥୋଇଲେ ସ୍ତ୍ରୀ । କହିଲେ—

ସେତେ ପାଠ ପଢ଼ିଲେବି ମାଈଟି ଜମା ତ ପାରିଲେନି ।

ତାଙ୍କ ଅଶ୍ରୁର ସ୍ପର୍ଶ ଅନୁଭବ କଲି ମୁଁ । ଗଭୀର ନିଦ୍ରାରେ ଶିଶୁ ପୁଅର ଆଖି ମୁଦି ହୋଇ ରହିଛି । ତାର ସରଳ, ନିର୍ମଳ ଦେହଟିକୁ ଚାହିଁ ମୁଁ ଅନୁଭବ କରୁଥିଲି ସୁଗାନ୍ଧୀଙ୍କର ବସନ୍ତ ଅଭାବ ।

ଟେବୁଲ ଉପରେ ଖୋଲା ଖାତା ଭିତରେ ସଂପାଦକଙ୍କ ଚିଠିଟି ପଡ଼ି ରହିଥିଲା । ମୁଁ ଥରେ ଚିଠିଟିକୁ ଚାହିଁ ସ୍ତ୍ରୀଙ୍କୁ ଚାହିଁଲି । ସ୍ତ୍ରୀଙ୍କର ଅଭିମାନ ଭାଙ୍ଗିଲା ନା, ଗଳ୍ପ ଲେଖାହୋଇ ପାରିଲା ନାହିଁ ।

# ସୁମିତ୍ରାର ବିଜୟ

ଅଳ୍ପ କଳା ମେଘ ଘୋଟିଲା ଦେହ । ଫୁଲିଲା ବେଳେ ଏପାଖ ସେପାଖ ଡୋହଲି ଯାଉଛି । ଶାଢ଼ୀର ପଣତ ପବନ ପଟରେ ଫର୍ ଫର୍ କରି ଉଡ଼ୁଛି । ସଫା ଧଳା ରଙ୍ଗର ଶାଢ଼ୀ । ରାସ୍ତାର ନାଲି ଧୂଳି ପାଣ୍ଠୁ ପାଟିଳ ହୋଇ ଆସିଲାଣି । ମୁଣ୍ଡର ଚୂନାଭାଲ ଗୁଡ଼ିକ କପାଳ ଉପରକୁ ଝୁଲି ପଡ଼ି ଚଷମା ଉପରେ ଦୋଳି ଖେଳି ଯାଉଛି । ମଝିରେ ମଝିରେ ସେଗୁଡ଼ିକ ଗୋଟେଇ ନେଇ ଚଞ୍ଚଳ ପାଦ ପକେଇ ଚାଲିଛି କୁମାରୀ ସୁମିତ୍ରା ମହାନ୍ତି ।

ମୁଣ୍ଡ ଉପରେ ନିର୍ମେଘ ଆକାଶର ଖରା ଚହଟୁଛି । ବାରଟା ବେଳର ଖରା । ମୁହଁ କାନ ପୋଡ଼ି ଯାଉଛି । କପାଳରୁ ଟପ ଟପ୍ ଝାଳ ଗଳୁଛି । ହାତରେ ବ୍ୟାଗଧରି ବ୍ୟସ୍ତ ଭାବରେ ଦୌଡ଼ିବାକୁ ଆରମ୍ଭ କରିଛି ସୁମିତ୍ରା । ବସ୍ ଟା ହର୍ଣ୍ଣ ଦେଲାଣି । ଏଥର ଛାଡ଼ିଦେବ ହୁଏତ ! ଏପର୍ଯ୍ୟନ୍ତ ଟିକେଟ୍ କରି ପାରି-ନାହିଁ । କୌଣସି ମତେ ପହଞ୍ଚି ପାରିଲେ ରକ୍ଷା ।

ଜୋତାର ହିଲ୍ ଗଣ୍ଡି ଉପରେ ଠୋକର ଖାଇ ଯାଉଛି । ସୁମିତ୍ରା ଦୌଡ଼ି ପାରେ ନାହିଁ । ଦୌଡ଼ିଲେ ତାକୁ ପବନରେ

ଉଡ଼ିଲା ପରି ମନେ ହୁଏ । ନିଶ୍ୱାସ ରୁନ୍ଧି ହୋଇଯାଏ । ତାର ଧାରଣା ହୁଏ ସେ ଯେମିତି ମୁହଁ ମାଡ଼ି ପଡ଼ିଯିବ ଲମ୍ବା ସରୁଆ ହାଡ଼ ଗୁଡ଼ାକ ତା'ର ଠିକି ଠିକି ହୋଇ ରାସ୍ତାର କଂକିରେ ସନ୍ଧିତ ମିଶିଯିବ ।

ଯାଦବଲାଲ ପୋଡ଼ିଲାଣି । ଭଣ୍ଡା ଦଣ୍ଡା ଛଟ୍ ଛଟ୍ କରି ଉଠୁଛି । ତଥାପି ଚାଲିଛି ସୁମିତା । ମନେ ପଡ଼ୁଛି ପିଲାଦିନେ ତାରା ଥରେ ତାକୁ ଗୋଟିଏ ସୁନ୍ଦର କାଚ କଣ୍ଢେଇ ଆଣି ଦେଇ-ଥିଲେ । ନିଜର ନାହିଁ ବୋଲି ତାର ସାନଭାଇ ତାଠୁ ଛଡ଼େଇ ନେଇ କଚଡ଼ି ଭାଙ୍ଗି ଦେଇଥିଲା । ଛଡ଼େଇବାକୁ ଚେଷ୍ଟାକରି ସୁଦ୍ଧ ତାକୁ ଗୋଡ଼େଇ ପାରି ନ ଥିଲା । ଏଥି ପାଇଁ ସେ ଯଥେଷ୍ଟ ପାରିବାରିକ ସହାନୁଭୂତି ଲାଭ କରି ଆସିଛି ।

ବସ୍ ଟା ଛାଡ଼ି ଦେଉଛି । ଦୌଡ଼ି ଦୌଡ଼ି ସୁମିତା ଆସି ପହଞ୍ଚିଗଲା । ଭିତରେ ଅସମ୍ଭବ ଲୋକମାନଙ୍କ ଭିଡ଼ । ଦୁଆର ଧରି ମୁହଁ । ଯାତ୍ରୀ ସମସ୍ତେ । ଠେଲି ପେଲି ଭିତରକୁ ପଶିଗଲା ସୁମିତା । ଶୋଇବା ପଡ଼େଇବାକୁ ଜାଗା ନାହିଁ । ସେ ସେମିତି ଠିଆ ହୋଇ ରହିଲା । ବାଟରୁ ଟିକେଟ କରିଦେଲେ ଲୋକେ ।

ସେ ଯେତେବେଳେ କଣ୍ଡକ୍ଟରର ବିରକ୍ତ ଗୁମାନ ନିପାରି ଗାଳି ଗୁଲଜ ଆରମ୍ଭ କରି ଦେଲାଣି । ସ୍ଲୀପଭାର ସୀମା ଲଙ୍ଘନ କରି ଚାଲିଛି । ସୁମିତା ଥରେ ଚାରିଆଡ଼େ ଆଖି ବୁଲେଇ ଆଣିଲା । ଗୋଟାଏ ଝରକାର କୋଣରେ ଜଣେ ମହିଳା ଆସନ୍ନ ନେଇଛନ୍ତି । କୋଳରେ ଝିଅଟିଏ । ଭିଡ଼ ଭିତରେ ଚପୁଡ଼ି ଚୁପି ହୋଇ ଅଧାପ୍ରାଣ ହୋଇ ଗଲାଣି । ପାଖରେ ଜଣେ ଯୁବକ ଠିଆ ହୋଇ-ଛନ୍ତି । ଅଙ୍ଗ ଭଙ୍ଗି ତାଙ୍କର ମା, ପୁଅଙ୍କୁ ଚାହିଁ ଚାହିଁ ବ୍ୟାକୁଳ

ହେଉ ଉଠୁଛି । କିନ୍ତୁ ତାଙ୍କର ଚାହାଣୀ ଯେପରି ବାରମ୍ବାର ଜଣେଇ ଦେଉଛି ଯେ ସେ ନିରୁପାୟ ।

କେତେବେଳଣି ଏଛାରୁ ଶେଷ ଲଗେଇଚନ୍ତି । କଣ୍ଡକ୍ଟର ଚିତ୍କାର ଛାଡ଼ୁଛି, ହଟ୍...ହଟ୍...ଆଉରି ଏଠାମୁ ଶ୍ରୀଜ ବସ ଅଛି । ଏଠି ଭିଡ଼ ଲଗେଇଚ କାହିଁକି ? ହଟ...ହଟ...ଜସୁମ ଭାଙ୍ଗି ଠିଚ...

ତରୁଣୀ ଜଣକ ସୁମିତା ମୁହଁକୁ ଅନେକ ଦେଉ ଚଟ୍‌କରି ଆଖି ଫେରେଇ ନେଲେ । ନିଜକୁ ସ୍ୱୀକାର କରିବାକୁ ସେ ଚାହାନ୍ତି ନାହିଁ । ମନେ ମନେ ହସିଲେ ସୁମିତା । କଣ୍ଡକ୍ଟର ଇଥାରେ ଦେଲେ ବଜାସି ଠୋକା ଦେଇଁ ଦେଇଁ ହେଉ ହସୁଚନ୍ତି । ମନ ଭିତରେ ବିରକ୍ତ ହେଲା ସୁମିତା । ସ୍ୱାଧୀନତାର ଦଶବର୍ଷ ପରେ ବି ଲୋକ ଗୁଡ଼ାକ ଭଦ୍ରତା ଶିଖିଲେ ନାହିଁ ।

ଭିଡ଼ ଲଗେଇଥିବା କେତେଜଣ ଲୋକ ତାଙ୍କୁ ଘେରି [illegible] ଗଲେ । ଆଗରେ ସୁମିତାଙ୍କୁ ଦେଖି [illegible] ଠିକଏ ଉପସ୍ଥିତ [illegible] ଜଣେ [illegible] । ଜଣେ ଲୋକଙ୍କୁ ଠେଲି ଠେଲି କରି [illegible] କରି [illegible] ।

ଏଇଠି କମନ୍ତୁ ଆଜ୍ଞା ! ଏମାନେ [illegible] ମହିଳା ମାନୁଚନ୍ତି [illegible] ନାହିଁ । କେତେବେଳେ [illegible]...

[illegible] ମୁଣ୍ଡରେ ଲାଗିଲା ଗାଡ଼ି ଟିକେ ପରେ ଛାଡ଼ିଗଲା [illegible] । ଏଥିରେ [illegible] ସୁମିତାଙ୍କୁ । ମୁହଁରେ [illegible] ଗୁଡ଼ିଏ ସେ ବସି ରହିଲା ।

ଆଉରି ନିୟମ ଯାହା । ଲେଡ଼ି ଲେଡ଼ି ଆଗ ସିଟ୍ ପାଇବେ । [illegible] ଅସଭ୍ୟ ଜୋର ଚିତ୍କାର ନୁହେଁ...

କାନ୍ଧ କାନ୍ଧ କଣ୍ଡକ୍ଟର ଚାଲିଗଲା । ଲୁଗାପଟା ସଜାଡ଼ି ନେଇ ଭଲ କରି ଆସନ ଜମେଇଲା ସୁମିତା । ବସ୍ ଚାଲିବାକୁ ଆରମ୍ଭ କଲାଣି । କେତେଜଣ ଠିଆ ହୋଇଛନ୍ତି । ଆଉ କେତେଜଣ ଛଟେଲ ବସି ପଡ଼ିଲେଣି । ଗରମ ଟିକିଏ କମି ଆସିଛି । କାନରେ ମୁହଁଟାକୁ ଭଲକରି ପୋଛି ପକେଇ ଆଶ୍ୱସ୍ତିର ନିଶ୍ୱାସ ମାରିଲା ସୁମିତା ।

ଭଦ୍ରଲୋକ ରେଲିଂ ଧରି ଠିଆ ହୋଇଛନ୍ତି । କିଏ ଜାଣେ ଚାହୁଁଛନ୍ତି ସୁମିତାକୁ । ବେଳେ ବେଳେ ସୁମିତା ବି ଚାହିଁ ଦେଉଛି । ଚାହାଣୀରେ ତାର ଅଶାର ଦୀପ ଜଳୁନାହିଁ କିମ୍ବା ତାରୁଣ୍ୟର ଲୋଭ ପୂରୁନାହିଁ । ଗୋଟାଏ ସ୍ୱଭାବିକ ସ୍ନିଗ୍ଧତାରେ ସମସ୍ତଙ୍କୁ ଦେଖି ନେଉଛି ।

ଭଦ୍ର ମହିଳା ହାଲେଇ ଗଲେଣି । ଟିଲାଟି ଖସି ଆସିଲାଣି କୋଳ ଉପରୁ । ଯୁବକ ନଇଁ ପଡ଼ି ଉଠେଇ ନେଲେ । ମା କୋଳରେ ସଜାଡ଼ି ବସାଇ ଦେଇ କହିଲେ—

ପୁଅକୁ ଧର...ଅବସ୍ଥାଟା ଦେଖୁଛ...

ସ୍ତନ ଉପରେ ପୁଅକୁ ଜାକି ଧରି ସଳଖ ହୋଇ ବସିଲା ତାର ମା । ଖାଦ୍ୟ ଅନ୍ୱେଷଣରେ ଏପାଖ ସେପାଖ ମୁହଁ ବୁଲେଇ ଅସ୍ଥିର ହୋଇ ଉଠିଲା ଅବୋଧ ଶିଶୁ । ମା ବି ତାର ଲାଗିରେ ଏପାଖ ସେପାଖ କରିବାକୁ ଲାଗିଲା । ମାତା ପୁତ୍ରଙ୍କର ଏଇ ଭଙ୍ଗୀଟି ଖୁବ୍ ଭଲ ଲାଗିଲା ସୁମିତାକୁ । ଅନେଇ ଅନେଇ ଉପଭୋଗ କରିବାକୁ ଲାଗିଲା ସେ ।

ଯୁବକ ଭଦ୍ରଲୋକ ସ୍ତ୍ରୀଙ୍କୁ ଚୁହିଁ ଚୁହିଁ ସୁମିତାକୁ ଚୁହିଁ-ଛନ୍ତି । ପୁଅ ଗହା ଧରି କାନ୍ଦିବା ସୁରୁ କରିଦେଲାଣି । ଏହି କାନ୍ଦଣାହିଁ ତାର ସଂଗ୍ରାମର ପ୍ରଧାନ ଅସ୍ତ୍ର ।

ସୁମିତାର ଆଖି ଲାଖି ରହିଛି । ମା ଦେହର ଯେଉଁ ଅଂଶରେ ଶିଶୁର ଖାଦ୍ୟ ପୂରି ରହିଛି, ସୁମିତା ସେଇଠିକି ଚାହିଁ ଚାହିଁ ଦେଖିବାରେ ଲାଗିଛି । ପ୍ରସାଧାନର ଅଭାବ ଅଛି ବୋଲି କହି ହେବ ନାହିଁ । ତାହାର ତଳେ ଅନେକ ଶୂନ୍ୟ ଅଂଶ ଛପି ରହି ଯାଇଛି ହୁଏତ ! ତଥାପି ସୁନ୍ଦର । ମାତୃତ୍ୱ ପ୍ରାପ୍ତି ପରେ ମଧ୍ୟ ରୂପ, ଯୌବନ ନେଇ ଭଦ୍ର ମହିଳାଙ୍କର ଗର୍ବ କରିବାର ଅଛି । ଚିକିଲି ଚିକିଲି ଦେହ ଆଉ ପୂରିଲା ପୂରିଲା ସ୍ୱାସ୍ଥ୍ୟ । ତାକୁ ନିରେଖି ନିରେଖି ଦେଖିବାକୁ ଲାଗିଲା ସୁମିତା । ଅଭାବ ଯେମିତି କିଛି ବାକି ରହି ଯାଉଛି । କିନ୍ତୁ କଣ ବାକୀ ରହୁଛି ଜାଣି ପାରିଲା ନାହିଁ ।

ନିଜକୁ ବହୁ ଭାବରେ ସଜେଇଛନ୍ତି ଭଦ୍ର ମହିଳା । ଜନନୀ ହେଇ ମଧ୍ୟ ସେ ଯେପରି ନିଜ ପ୍ରତି ଏତେ ଟିକିଏ ଅବହେଳା କରିବାକୁ ଚାହାନ୍ତି ନାହିଁ । ତକ୍ ତକ୍ ଗୋରା ଦେହରେ ଗାଢ଼ କଳା ରଙ୍ଗର ଜର୍ଜେଟ ଶାଢ଼ୀ ଆଉ ବ୍ଲାଉଜ । ଗଳାରେ କଳା ଭେଲ୍‌ଭେଟ୍ ଫିତା ସାହାଯ୍ୟରେ ବଡ଼ ଲକେଟ୍‌ଟିଏ ଲଟେଇ ଦିଆ ଯାଇଛି । ପାଦରେ କଳା ଯୋତା । ଏହି ସାଜ ସଜ୍ଜା ଭିତରେ ସେ ବେଶ ମାନୁଥିଲେ ମଧ୍ୟ ସୁମିତା ସହି ପାରିଲା ନାହିଁ ।

ବସ୍ ଅଟକିଲା । ଏତେ ଶୀଘ୍ର ଯେମିତି ଆଶା କରି ପାରି ନ ଥିଲା ସୁମିତା । ଆଖି ଫେରେଇ ସେ ସାଇନ୍ ବୋର୍ଡଟା ଦେଖି ନେଲା । ଓଡ଼ିଆ ଅଉ ଇଂରାଜୀରେ ବଡ଼ ବଡ଼ ଅକ୍ଷରରେ ଜାଗାର ନାଁଟା ଲେଖା ଯାଇଛି ।

ଭଦ୍ର ମହିଳା ଧଡ଼େଇ ହେଉଛନ୍ତି । ଅ ଅ ହେଇ ସେ ପୁଅକୁ ସ୍ୱାମୀଙ୍କ କୋଳକୁ ବଢ଼େଇ ଦେଉ ଦେଉ ଛୁଆଟା ତଳେ ଖସି ପଡ଼ି ଯାଉ କରି କାନ୍ଦି ଉଠିଲା । ଭଦ୍ରଲୋକ ବ୍ୟସ୍ତ ହେଇ·

ପଡ଼ିଲେ । ସ୍ତ୍ରୀଙ୍କର ବାନ୍ତି ହେଉଛି । ବାହାରକୁ ମୁହଁ କାଢ଼ି ନଇଁ ପଡ଼ିଚନ୍ତି ସେ । ଗୋଟାଏ ହାତରେ ସେ ପୁଅକୁ ଟେକି ଧରି ସ୍ତ୍ରୀଙ୍କର ଗୋଟିଏ ବାହୁ ଅନ୍ୟ ହାତରେ ଧରିଲେ । ଛୁଆଟା ଆଘାତ ପାଇ ବଡ଼ ପାଟିରେ କାନ୍ଦୁଛି ।

ନିଜର ଅଜାଣତରେ ହାତ ବଢ଼େଇ ପିଲାଟିକି ନେଇ ଆସିଲା ସୁମିତ୍ରା । ଅଚିହ୍ନା ମୁହଁ ଦେଖି ଚୁପ୍ ହୋଇଗଲା ସେ । ତାର ମୁହଁ ପୋଛି ଦେଇ କୋଳରେ ବସେଇଲା ସୁମିତ୍ରା । ଟେକି କରି କପାଳଟାରେ ଚୋବା ଦେଲା ।

ଭଦ୍ର ମହିଳା ସୁସ୍ଥ ହୋଇ ଆସୁଚନ୍ତି । ବସ୍ ଚାଲିଲାଣି । କିନ୍ତୁ ସୁମିତ୍ରା ପୁଅଟିର ମୁହଁକୁ ଚାହିଁ ରହିଛି । ମା ପରି ସ୍ୱାସ୍ଥ୍ୟ । ଗୋରା ରଙ୍ଗ । ବାଳ ଗୁଡ଼ିକ ମୋଡ଼ି ମୋଡ଼ି ହୋଇ ତଳିକୁ ଝୁଲି ପଡ଼ି ଚକଚ୍ ମାନୁଛି । ତାକୁ ଦେଖି ଦେଖି ସୁମିତ୍ରାର ହଠାତ୍ ନିଜ କଥା ମନେ ପଡ଼ିଗଲା । ଧ୍ରୁବର ଏମିତି ଗୋଟିଏ ପୁଅ ତାର ହୋଇ ସାରି ଥାଆନ୍ତା । ତାକୁ ଧରି ସେମାନେ ଯାଉ ଥାଆନ୍ତେ ଅଜନ୍ତା, ଏଲୋରା କମ୍ବା ତାଜମହଲ ଦେଖି । ମମତାକ୍ ପରି ଅଳି କରୁ ଥାଆନ୍ତା, ନ ହେଲେ ଅଜନ୍ତାର ମାତୃ ମୂର୍ତ୍ତି ପରି ମନୋରମ ଦିଶୁ ଥାଆନ୍ତା । ଶିଶୁଟିର ମୁହଁରେ ଅଜନ୍ତା କୋଣାର୍କ ଶିଳ୍ପୀର କଳା ନୈପୁଣ୍ୟ ଦେଖି ସେ ମୁଗ୍ଧ ହୋଇ ଯାଉ ଥାଆନ୍ତେ ।

ହଠାତ୍ ନିଜ ଭିତରେ ଏକ ଯନ୍ତ୍ରଣା ଅନୁଭବ କଲା ସୁମିତ୍ରା । ନିଜକୁ ସେ ବହଳେଇବାକୁ ଚେଷ୍ଟା କଲା । ନା, ନା, ତାର କେବେ ଏମିତି ପୁଅ ହୋଇ ନ ଥାନ୍ତା···ତାର ଏ ପର୍ଯ୍ୟନ୍ତ ଭଦ୍ର ମହିଳାଙ୍କର ବୟସ ହୋଇ ନାହିଁ···

ପୁଅ ସୁମିତ୍ରା କୋଳରେ ବସି ରହିଛି । ତାର ମା କଥା

ଆରମ୍ଭ କଲେ । ପୁଅକୁ ଅଣୁନ । ଆମ ପାଇଁ ବହୁତ କଷ୍ଟ କଲେଣି ସେ । ଧନ୍ୟ ବଡ଼ ଭଦ୍ରାମି । ଯାହା ଏ ପର୍ଯ୍ୟନ୍ତ ଗୋଟାଏ ଗଡ଼ରେ ଗଡ଼ ଅଧୁରା । ସୁମିତ୍ରାକୁ ଖରାପ ଲାଗିଲା ନାହିଁ । ଦେଖି, ଶୁଣି, କହି ସବୁ ଅଭ୍ୟାସ ପଡ଼ିଗଲାଣି ।

ନିଳାର ମା ଅନେକ କଥା ପଚାରିଲେ । ବାପଘର, ଶାଶୁଘର କଥା, ଚାକିରୀ ଆଉ ପଡ଼ାପଡ଼ିର କଥା । ପୁଣି ଦରମା କେତେ, ନାଁ କଣ ? ସବୁର ସଂକ୍ଷିପ୍ତ ଉତ୍ତର ଦେଲା ସୁମିତ୍ରା । ସେ ବିବାହ କରି ନାହିଁ, ଛୁଟିରେ ଘରକୁ ଫେରୁଛି । ବାପ, ମା, ଭାଇ, ଭାଉଜଙ୍କର ସମାଚାର ।

ଭଦ୍ରଲୋକ ତାଙ୍କ ମୁହଁକୁ ଅନେକ କଥା ଶୁଣୁଥନ୍ତି । ସେ ମନ୍ତ୍ରଣାଳୟର ଜଣ ଅଛି ତାହା ସୁମିତ୍ରା ବୁଝିବାକୁ ଚେଷ୍ଟା କରୁ କରୁ, ସ୍ତ୍ରୀ ତାଙ୍କର ନାରୀତ୍ୱର ଅପ୍ଲାଳନ ଦେଖେଇ ନିଜ ଆଡ଼କୁ ଦୃଷ୍ଟି ଆକର୍ଷଣ କରେଇ ନେଉଥନ୍ତି । ନାରୀ ଜୀବନର ନିଷ୍ଠା ଭିତରେ ନିଜକୁ ବଖାଣି ଦେଉଥନ୍ତି ସେ । ସୃଷ୍ଟି ପାଇଁ ନାରୀ । ନାରୀର ସ୍ୱାମୀ ହେଲା ଭୂଷଣ । ଯେ ବର୍ଷ ଜର କଥା ମନେ ନାହିଁ ? ପାଞ୍ଚଥର ଚଣ୍ଡୀ ଲଗେଇବାକୁ ଯାଇଛି । ତିନିଥର ମଣ୍ଡ ଭିତରକୁ ପଶି ଯାଇଛି । ସବୁଥର ଧର ଧାଇ ଆଣିଥନ୍ତି···ଉତ୍ତର ଦେଇ ସାରି ସୁମିତ୍ରା ପ୍ରଶ୍ନ କଲା—

କେଉଁଠି ରହନ୍ତି ? ନାଁ କଣ ? ପୁଅର ନାଁ କଣ···?

ସାଙ୍ଗେ ସାଙ୍ଗେ ଉତ୍ତର ମିଳିଲା, ରୂପକୁ ଗୃହଁ ନାଁ ରଖିଛି । ପୁଅର ନାଁ ଚନ୍ଦ୍ର । ନୂଆରାଜଧାନୀରେ ରହୁ । ବାବୁ ସେକ୍ରେଟେରୀଏଟ୍‌ର କେଉଁ ଏକ ବିଭାଗର ଅସିଷ୍ଟାଣ୍ଟ । ନାଁ ବାଣୀ···

ଠିକ୍ ହେଉଛି ନାଁଟା । ମଣିଷକୁ ଲୁଚ଼ ସୁମିତ୍ରାର ବାଦ୍ୟଯନ୍ତ୍ର ଉପରେ ଅନ୍ଧକାର ଗୁଲିଲା । ଗୋଟାକୁ ନେଇ ଯେତେ ଖେଳା

ଯାଇ ପାରେ । ବିଭିନ୍ନ ପ୍ରକାରର ରାଗ, ବିଭିନ୍ନ ପ୍ରକାରର ଆଳାପ ଗୋଟାଏ ବାଦ୍ୟର ନାଁକୁ ନେଇ ପୁଣି ମଣିଷର ନାମ କରଣ କରା ଯାଇଛି । ତେଣୁ ସେମିତି କିଛି ଅନୁମାନ କରି ନାଁ ରଖା ଯାଇଛି ।

ପୁଣି ବୀଣାଙ୍କର ସ୍ୱର ଶୁଭିଲା ।

ଆପଣ ଭାରି ଭୁଲ କରୁଛନ୍ତି । ବିବାହ ନ କରି କେହି ନାରୀକୁ ଅପୂର୍ବ କରି ପାରିଲଣି ? ଦେଖିଲେ ପୁଅ କେମିତି ଆପଣଙ୍କ କୋଳରେ ମାନୁଛି । କଣ ପାଇଁ ବିବାହ କଲେ ନାହିଁ ?

କଥା ଭିତରୁ ଗୋଟାଏ ଘୃଣ୍ୟ ଇଂଗିତ ମିଳୁଛି । ବୀଣାର ସ୍ୱାମୀ ବିରକ୍ତ ହେଲେ ।

କଣ ନେଇ ଗୋଟାଏ କଣ ? ତମ ପରି ଯେ ଅଚଳନ୍ତି ମୁଦ୍ରା ନୁହନ୍ତି ।

ବୀଣାଙ୍କ ମୁହଁ ଫିକା ପଡ଼ିଗଲା । ଗୃହିଣୀରେ ହିଂସ୍ରତା ଭରି ଉଠିଲା । ସରୁ ସରୁ ଲାଲ ଓଠ ଦୁଇଟି ବାରମ୍ବାର କମ୍ପି ଉଠିଲା । ସେ କିଛି କହି ଯାଆନ୍ତେ ପରା...କିନ୍ତୁ ଚୁପ୍ ରହିଲେ ।

ସୁମିତା ଅନୁମାନ କରିନେଲା ସବୁ । ବୀଣାର ସ୍ୱାମୀ ତା ସହିତ ଆଳାପ ପାଇଁ ଲାଳାୟିତ । ତୁଣ୍ଡରେ ଭାଷା ଫୁଟୁ ନାହିଁ । ବୀଣାଙ୍କୁ ଚୁହିଁ ଚୁହିଁ ଦରଖୋଲା ଓଠ ବୃକ ହୋଇ ଯାଉଛି । କଣ ସେ କହିବେ ? ସୁମିତା ଟିକିଏ ଗର୍ବ ବୋଧ କଲା । ବୀଣାର ସ୍ୱାମୀ ଯାହା କହିଲେ ସେ ଯେମିତି ବୀଣାଙ୍କୁ ଠିକ୍ ହୋଇଛି । ଏଇମାନେ ପୁଣି ଐଶ୍ୱର୍ଯ୍ୟ ଦେଖେଇ ହୁଅନ୍ତି । ଅଛୁର ଗର୍ବ କରନ୍ତି । କିନ୍ତୁ କିଛି ନାହିଁ । ପରଠାରୁ ବାରମ୍ବାର ଉପେକ୍ଷା ଉପହାସ ସହୁ ମଧ୍ୟ ନିର୍ଲଜ୍ଜ ପରି ବସି ରହନ୍ତି । କେଡ଼େ ନିର୍ବୋଧ......

ହୋ ହୋ ହୋଇ ହସି ପକେଇବାକୁ ଇଚ୍ଛା ହେଲା ସୁମିତ୍ରାର । ବାଣୀର ଅପମାନରେ ସେ ଯେମିତି ଖୁବ୍ ଖୁସି । ତାର ନଡ଼ିଆ ସହ୍ୟ ପାରୁ ନ ଥିଲା ସେ । କେମିତି ସହନ୍ତା... ଖାଲି ଗୋଟାଏ ଫାଙ୍କା ଅବାଜ......

ବହୁଦିନ ପରେ ସୁମିତ୍ରା ନିଜ ଭିତରେ ଏକ ନବ ଚେତନା ଅନୁଭବ କଲା । ତାହା ଜାଗି ଉଠିଲା ଯେପରି ବାଣୀ ସ୍ୱାମୀଙ୍କର କେଇପଦ କଥାରେ । ସେ ଅବଳା ମୂର୍ତ୍ତି ନୁହେଁ । ସେ ନିଜକୁ ଚଳେଇ ପାରେ, ନିଜ ଶକ୍ତିର ବଳମୟରେ ଅନ୍ୟକୁ ଚଳେଇ ପାରେ । ବାଣୀ ପରି ଅନ୍ୟର ଗଲଗ୍ରହ ହୋଇ, ପରର ଉପାର୍ଜନରେ ବସି ଖୁସି କରେ ନାହିଁ । ଏହି କଥା ଆଜି ନୂଆ କରି ଜଣେ ପୁରୁଷର ପାଟିରୁ ବାହାରିଛି । ତା ହେଲେ ତା ଭିତରେ କିଛି ଅଛି । ଯାହାକି ଏ ପର୍ଯ୍ୟନ୍ତ କୌଣସି ପୁରୁଷ ଆବିଷ୍କାର କରି ନ ଥିଲା ।

ସୁମିତ୍ରାର ଇଚ୍ଛା ହେଲା ଉଡ଼ି ଯାଇ କରି ସେ ଏଇ କଥା ଶୁଣାଇ ଦିଅନ୍ତା । ଯେମିତି ଏ ନିର୍ବୋଧ ପୁରୁଷ କାଣିଚାଏ ବୁଝି ପାରନ୍ତା । ଯେଉଁ ଚେତନା ତା ଭିତରେ ଜାଗୁ ଜାଗୁ [illegible] ବାଧା କରି [illegible] କରି ଯାଉଛି, ସେ ଆଜି ମହା ପରାକ୍ରମରେ ଜାଗି ଉଠିଛି । ସୁମିତ୍ରା କଳା ହୋଇ ପାରେ, ସ୍ୱାସ୍ଥ୍ୟ-ହୀନା ହୋଇପାରେ, କିନ୍ତୁ ତା ଭିତରେ ପୁରାପୁରି ନାରୀତ୍ୱ ରହିଛି ।

ସୁମିତ୍ରାର ପୁଣି ମନେ ପଡ଼ିଲା । ନିଜ ଜୀବନର ସମସ୍ତ ଲାଞ୍ଛନା, ତାଚ୍ଛଲ୍ୟ, ଅପମାନ...ନା ନା ସେଦିନର ତିକ୍ତ ଅନୁଭୂତିକୁ କିଛି ମନେ ପକେଇବାକୁ ଆଉ ତାର ସାହସ ହେଉ ନାହିଁ । କେଉଁ ଭରସାରେ ସେ ସବୁ ମନେ ପକେଇ ଆଉ ଲୁହ ଢାଳିବ......

ସୁମିତ୍ରାର ଅନୁମାନ ଶକ୍ତି ଖୁବ୍ ପ୍ରଖର । ବୀଣାର ସ୍ୱାମୀ କଥା ଆରମ୍ଭ କଲେ । ମୋର ଅଳ୍ପ ସୁଦନ......

ହଠାତ୍ କଥାର ଖିଅ ଛିଣ୍ଡି ଗଲା । ବୀଣା ଉଠି ସୁମିତ୍ରା କୋଳରୁ ପୁଅକୁ ଓଟେଇ ନେଲେ । ରାଗରେ ମୁହଁ ତାଙ୍କର ଲାଲ୍ ପଡ଼ି ଯାଇଛି । ବ୍ୟବହାରରେ ଗୋଟାଏ ରୁକ୍ଷ ଖାପଛଡ଼ା ଢଙ୍ଗ ପରିଷ୍କାର ବାରି ହୋଇ ପଡ଼ୁଛି ।

ସୁମିତ୍ରା ଆଘାତ ପାଇଲା । ବୀଣା ଜଣେ ଅପରିଚିତାର ପ୍ରଶଂସା ସହ୍ୟ କରି ନାହାନ୍ତି । ତାଙ୍କର ଆତ୍ମଶ୍ଲାଘା ଉପରେ ଚୋଟ ଆଞ୍ଚ ଆସିଛି, ତାହାର ନିର୍ମମ ପ୍ରତିଶୋଧ ସେ ସୁମିତ୍ରା ଉପରେ ନେବାକୁ ଚାହାନ୍ତି । ଦାନ୍ତରେ ଦାନ୍ତ ଚାପି ସେ ବସି ପଡ଼ିଲେ ।

ବସ୍ ପୁଣି ଅଟକିଲା । ଭାବନା ଭିତରେ ଅନେକ ବାଟ କଟି ଗଲାଣି । କିନ୍ତୁ କଣ ଭାବୁଚି ସୁମିତ୍ରା । ମନ ତାର ଦୁଃଖରେ ନଇଁ ଯାଉଚି । ଦୁଃଖ କାହିଁକି ? ସେଇ ଝିଅ ପାଇଁ ? ସୁମିତ୍ରା ମାନି ନେଇ ପାରିଲା ନାହିଁ ଯେ ସେଥିପାଇଁ ସେ ଦୁଃଖିତା । ଅନ୍ୟର ଝିଅ ପାଇଁ ଦୁଃଖ କରିବାର କଣ ଅଛି ? ନା ସେ ନିଜ କଥା ଭାବୁଚି ।

ଘର ପାଖେଇ ଆସିଲାଣି । ବାରଟା ବେଳର ଗୁଳିକା ଖରା କମି ଯାଉଚି । ସୂର୍ଯ୍ୟଙ୍କ ସୁନେଲି କିରଣ ଆସି ବାଙ୍କି ହୋଇ ପଡ଼ୁଚି ବୀଣା ସ୍ୱାମୀଙ୍କ ମୁହଁରେ । କିରଣ ସହିତ ପୁଣି ମିଶି ଆସୁଚି ମୃଦୁ ପବନ । ଦେହ, ମନ ଶୀତଳ ଲାଗୁଚି । ପବନରେ ଧୀରେ ଧୀରେ ଖେଳି ଯାଉଚି ତାଙ୍କର ବାଳ ଗୁଚ୍ଛ । ଯେମିତି ସେତକି ଭିତରେ ଲୁଚି ରହି ଯାଇଛି ପୁରୁଷ ମୂର୍ତ୍ତିର ସମସ୍ତ ସୌନ୍ଦର୍ଯ୍ୟ ଆଉ ପୌରୁଷ ।

ସୁମିତ୍ରା ନିଜ ଉପରେ ବିରକ୍ତ ହେଲା । ସେମାନଙ୍କୁ ନେଇ

ନିଜର ଭାବନାକୁ ଲମ୍ବେଇ ଦେବାରେ କି ଲାଭ ? କେଇ ଘଣ୍ଟାର ଆଳାପ ପରିଚୟ । ସେଥିରେ ଏତେ ମମତା କାହିଁକି ? ଘନିଷ୍ଠତାର ଭାବନା କାହିଁକି ?

କିନ୍ତୁ ବାଣୀର ସ୍ୱାମୀଙ୍କ ସୁମିତ୍ରାର ବାରମ୍ବାର ଦେଖିବାକୁ ଇଚ୍ଛା ହେଲା । ମନେହେଲା ତା ଅପମାନ ଲାଞ୍ଛନାର ପ୍ରତିଶୋଧ ନେବାକୁ ସେ ଯେପରି ସଂକଳ୍ପ କରୁଛନ୍ତି । ନିଜ ଜାତି ଉପରେ ରୁଷ୍ଟ ହୋଇ ସେ ସୁମିତ୍ରାର ସଖ୍ୟ କାମନା କରୁଛନ୍ତି । ତାକୁ ଚାହିଁ ଚାହିଁ ସେ ଭାବୁଛନ୍ତି ନିଜ ଗୋଷ୍ଠିର ଅପରାଧ କଥା ।

ହୁଏତ ଏହି ଭାବନାର ଅନେକାଂଶ ସତ । କିନ୍ତୁ ତାକୁ ପ୍ରଶ୍ରୟ ଦେବାକୁ ଚାହୁଁଲା ନାହିଁ ସୁମିତ୍ରା । ସେ ନିଜକୁ ବୁଝେଇ ଦେଲା ଯେ ଏ ସବୁ ନିହାତି ଅନୁଚିତ ଚିନ୍ତା ।

ଛୋଟ ପିଲାଟି ସୁମିତ୍ରାକୁ ଚାହିଁ ହସୁଛି । ତାକୁ ଅନେଇ ଦେଖୁ ଦେଖୁ ପୁଣି ତାର ଦୃଷ୍ଟି ପଡ଼ିଗଲା ପିଲାର ବାପ ଉପରେ । ଜୋର କରି ଆଖି ଫେରେଇ ନେଲା ସୁମିତ୍ରା । ସେ ଦେଖେଇ ଦେବାକୁ ଚାହେଁ ଯେ ତାଙ୍କ ଘରି ଗୋଟାଏ ଭାରବାହୀ ପରିବାର ସହିତ ନିଜର ସମ୍ପର୍କ ପସନ୍ଦ କରେ ନାହିଁ । କିନ୍ତୁ ଥରକୁ ଥର ପିତା ପୁତ୍ରଙ୍କ ଉପରକୁ ଦୃଷ୍ଟି ଲମ୍ବି ଆସୁଛି । ଶାସନ ମାନୁନାହିଁ ।

ସୁମିତ୍ରା ଉଠି ବାହାରକୁ ଚାଲି ଆସିଲା । ଦେହ ମନ ଗଭୀର ଅସ୍ୱସ୍ତିରେ ମାଡ଼ା ଲାଗୁଛି । କପେ ଚା…ହିଁ କପେ ଚା'ରେ ହୁଏତ ଦୂର୍ବର ଅସ୍ୱସ୍ତି ଫେରି ଆସିବ ।

ସୁମିତ୍ରା ଚା' ମଗେଇ ପୁଣି ବସ୍ ଭିତରକୁ ଫେରି ଆସିଲା । ଅନେକ ସିଟ୍ ଖାଲି ପଡ଼ି ଗଲାଣି । ବାଣୀର ସ୍ୱାମୀ ସ୍ତ୍ରୀ ପାଖରେ ବସିଛନ୍ତି । ବେଳେ ବେଳେ ସୁମିତ୍ରାକୁ ଚାହୁଁଛନ୍ତି । ଯେମିତି ବହୁତ କଥା କହିବେ……

ସୁମିତା ଗୁଂ' ପିଇଲା । ଆଖିରୁ ଚଷମା ଖୋଲି ଲୁଗା କାନିରେ ପୋଛିନେଲା । ବ୍ୟାଗରେ ହାତ ମାରି ପତ୍ରିକା ଭରି ଗମ୍ଭୀର ଭାବରେ ବସି ରହିଲା । ନିଜକୁ ଯେମିତି ବାଁଧିରଖି ରଖିବା ପାଇଁ ଅପ୍ରାଣ ଚେଷ୍ଟା କରୁଛି । ହାବ ଭାବରେ ଗୋଟାଏ କୃତ୍ରିମ ଔଦ୍ଧତ୍ୟ ଫୁଟେଇ ନୀରବରେ ବସି ରହିଲା ସେ ।

କାହିଁକି ଏ ଚେଷ୍ଟା ? ସୁମିତା ଅଜ ପାରିଲା ନାହିଁ । ତା ଜୀବନର ସମସ୍ତ ବ୍ୟଥା, ଲାଞ୍ଛନା, ଅପମାନର ସ୍ତୁପ ଭାରରେ ହୃଦୟ ସତେ କି ଭାଙ୍ଗି ପଡ଼ିବ !! ମନକୁ ବହଲେଇଲା ସିଏ । ପଛକୁ ଚାହିଁବା ମଣିଷର ଧର୍ମ ନୁହେଁ । ଆଖି ଆଗରେ ଛାୟା ସବୁ ପଡ଼ି ରହିଛି । ତାର ଘର, ଆତ୍ମୀୟ, ଛାତ୍ରୀଗଣ । ଏଇ ହାତରେ କେତେ ମଣିଷ ହେଇଚନ୍ତି, ହେଉଚନ୍ତି ।

ସୁମିତା ସେମାନଙ୍କ କଥା ମନେ ପକେଇଲା କିନ୍ତୁ କେହି ତାକୁ ଚିହ୍ନା ଲାଗୁ ନାହାନ୍ତି । ଦୋ ଦୋ ଚିହ୍ନା ମୁହଁ ସବୁ । ମନ ଭିତରେ ସମସ୍ତଙ୍କୁ ଅଡେଇ ଦେଖିବାକୁ ଚେଷ୍ଟାକଲା ସୁମିତା । ଆଖିରେ ନାଚୁଛି ଗୋଟିଏ ମୁହଁ । ବହୁ ଦିନରୁ ଦେଖି ନାହିଁ ସେ ଚିହ୍ନିତ । ସିମନ୍ତରେ ସିନ୍ଦୂର ଗାର । ହାତର କଙ୍କଣି ସହିତ ଟଙ୍କା ମଣିଷ । ତାର କଥା ଭାବିବାକୁ ଲାଗିଲା ସୁମିତା । ଦଶମ ଶ୍ରେଣୀର ଛାତ୍ରୀ । ଏଇବର୍ଷ ନୂଆକରି ବିବାହ କରିଛି । ବୟସ ଷୋହଳ ଟପି ନାହିଁ । ଆଃ...କେତେ ଛନ୍ ଛନ୍ ମୁହଁଟା......

ଅଜାଣତରେ ନିଜର ଗାଲ ଆଉଁସି ପକେଇଲା ସୁମିତା । ସିମନ୍ତ ଉଣ୍ଡାଳି ନେଲା—

ବୟସ କୋଡ଼ିଏ ଡେଇଁ ଅନେକ ଆଗେଇ ଗଲାଣି । ଲିଭି

ଆସିଲାଣି ଯୌବନର ପ୍ରାପ୍ତି । ସାଧନାର ସଳଖାରେ ଜଳି ଗଲାଣି କଷର ଯାହା କିଛି ଲାବଣ୍ୟ ।

ସୁମିତାର ଇଚ୍ଛା ହେଲା ସେ କାନ୍ଦ ପକାନ୍ତା । ବ୍ୟର୍ଥ ଯୌବନ ଆଉ ଅଭିଶପ୍ତ ଜୀବନର ଅଶ୍ରୁ ଢାଳି ସେ କାନ୍ଦ ପକାନ୍ତା ।

ନିଜ ବାଟରେ ପୁଣି ବସ୍ ଧାଇଁଲାଣି । ଅତୀତର ସମସ୍ତ ଲାଞ୍ଛନା, ଉପେକ୍ଷାର ଅଶ୍ରୁ ଜମି ଅଛି ସୁମିତାର ଶୂନ୍ୟ ଅନ୍ତରରେ । ସେ କଳା, କୁତ୍ସିତା, ଅସୁନ୍ଦର । ସେଥି ଯୋଗୁ ନାରୀତ୍ୱ ତାର ଉପେକ୍ଷିତ, ଯୌବନ ତାର ଉପହାସିତ । ଥରେ ନୁହେଁ, ବହୁଥର ତାକୁ ଏକଥା ବାରେବାରେ ଦିଆ ଯାଇଛି । ତାର ଯୋଗ୍ୟତା, ତାର ସାମର୍ଥ୍ୟ ଉପରେ କାହାର ଆସ୍ଥା ଆସି ନାହିଁ । ମାଂସର ଶୋଭାଯାତ୍ରା ଭିତରେ ଦନାଂଠା ଯେମିତି ଆଉଗଲ ଚାଲିଛି ।

ବସ୍ ଚାଲିଛି । ସନ୍ଧ୍ୟା ହୋଇ ଆସିଲାଣି । ବନ୍ଧ ପବନ ଫାଙ୍କରେ ଶାରଦ ସମୀର ମର୍ମର ଗୀତ ବୋଲିଛି । ଧାନ ପଦାର ଧାରେ ଧାରେ ଖେଳି ବୁଲୁଛି ବସନ୍ତ ରଙ୍ଗର ଖେଳ । ଏମିତି ଚେତନାର ଶାରଦ ଗୋଧୂଳି ସୁମିତାର ଜୀବନରେ ନୂତନ ସ୍ୱପ୍ନ ତୋଳି ଆସିଛି । କିନ୍ତୁ ଫେରି ଯାଉଛି ବ୍ୟର୍ଥତାର ଗୋଟିଏ ଦୀର୍ଘଶ୍ୱାସ ଭିତରେ ।

ସ୍ୱପ୍ନରେ ସୁମିତା ଏକ ନିଃସଙ୍ଗ ଜୀବନକୁ ମାଲ୍ୟ ଦାନ କରିଛି । ସ୍ୱାମୀର ଲୁହ ପୋଛି କାନ୍ଦ କାନ୍ଦ ପାଦ ଧରି କହୁଛି, ମୋତେ ଲାଞ୍ଛିତା, ଅପମାନିତା କରି ନିଜେ ଅପମାନିତ ହୁଅନାହିଁ । ଦେଖିସ ଧରି ମୁଁ ବଞ୍ଚିବି । ମତେ ବଞ୍ଚିବାର ଅଧିକାର ଦିଅ । ସ୍ୱାମୀର ସାଧନା ଭିତରେ ମୁଁ ଜୀବନର ଆଲୋକ ଜାଳିଦେବି...

ଛିଛି, ଭଉଣୀ କାନ୍ଦନ୍ତୁ । କାନ୍ଦଣାରେ ଧୋଇ, ପୋଛି

ଦେଇଚାଲନ୍ତି ହୃଦୟଟାକୁ । ଆଜି ପୁଣି ସେଇ ହୃଦୟ ଘାରି ହେଇ ପଡ଼ିଛି, ଅପମାନିତ ନାରୀତ୍ୱର ବ୍ୟଥାରେ । ସେ ଦାବୀ କରୁଛି ଅନେକ କିଛି । ଏଇ ଦାବୀର ପ୍ରଶ୍ନଟାକୁ ଜାଗ୍ରତ କରେଇ ଦେଇଛି ବୀଣା ସ୍ୱାମୀଙ୍କର ସେଇ କେଇ ପଦ କଥା ।

ବୀଣାଙ୍କର ପୁଣି କାନ୍ତି ହେଉଛି । ବସ୍ ଅଟକେଇ ତାଙ୍କର ସ୍ୱାମୀ ପାଣିପାଇଁ ଚାଲି ଗଲେ । କିଛି ସମୟ ପରେ ଫେରି ଆସିଲେ ସେ । ସୁମିତା ଦେଖିଲା ମୁହଁରେ ଅତୃପ୍ତିର ଘନ ଛାଇ ।

ଛୋଟ ପୁଅଟି ଆପେ ଆପେ ଆସି ସୁମିତାର କୋଳରେ ବସିଗଲା । ତାକୁ ଛୁଇଁ ଦେଇ ଅଶ୍ରୁର ସ୍ପର୍ଶ ଅନୁଭବ କଲା ସୁମିତା । ଛାତିରେ ଚାପି ଧରି ଏକ ଅପୂର୍ବ ପୁଲକ ଅନୁଭବ କଲା । କେତେ ନରମ......

ବୀଣା ପ୍ରକୃତିସ୍ଥ ହେବାପରେ ତାଙ୍କର ସ୍ୱାମୀ ହଠାତ୍ ପଚାରି ବସିଲେ—

ଆପଣଙ୍କର ଅସୁସ୍ଥତା ଲକ୍ଷ୍ୟ କରୁଚି ମୁଁ, କ'ଣ ହେଲା...

ଭଙ୍ଗା କଣ୍ଠରେ ସୁମିତା କହିଲା—

ନାଇଁ ଆଜ୍ଞା ମୁଁ ବେଶ୍ ଅଛି । ତେବେ ମୋର ଝିଅ କଥା ଭାବୁଚି । ସେ ଫେରିଚି କି ନାହିଁ । ତାର ଖୁବ୍ ଅସୁବିଧା ଥିଲା...

ବୀଣା କ୍ଷୁବ୍ଧ ହେଇ ପୁଅକୁ ଡାକିଲେ—

ଆରେ ଅ...

ନା...ନା...

ସୁମିତାର ଗଳା ଜଡ଼େଇ ଧରିଲା ପୁଅ । ବୀଣା ସ୍ୱାମୀ ପଚାରିଲେ—

ଭାଇ କିଏ ? କ'ଣ କରନ୍ତି ସେଇଁଠି ?

କମୁନିଟ୍ ପ୍ରୋଜେକ୍ଟର ଜଣେ ଅଫିସର । ବନ୍ଧୁ ରଞ୍ଜନ ମହାନ୍ତି ।

ଏଁ ତମେ ମିନା···ବନ୍ଧୁର ଭଉଣୀ ସୁମିନା···ସମସ୍ତ ପୃଥିବୀର ବେଦନା ଯେମିତି ତାଙ୍କ ସ୍ୱରରେ ଭାଙ୍ଗି ପଡ଼ିଲା ।

ହଠାତ୍ ତମେ ସଂବୋଧନରେ ଅସ୍ୱସ୍ତି ଅନୁଭବ କଲା ସୁମିନା । କିନ୍ତୁ ତୁଣ୍ଡ ଖୋଲି ସେ କିଛି ପ୍ରକାଶ କଲା ନାହିଁ । କନ୍ଧ ପାରି ଆକୁଳ ଭାବରେ କ'ଣ ହେଉଛି ଭାବିବାକୁ ଲାଗିଲେ ବୀଣାର ସ୍ୱାମୀ ।

ଠିକଣା ଜାଗାରେ ବସ୍ ପହଞ୍ଚି ସାରିଥିଲା । ବୀଣା ଉଠି ପଡ଼ି [illegible]କୁ ଠେଲି ଆଣିଲେ ।

ସେ କାନ୍ଦି ଉଠିଲା, ନା···ନା···

ଝିଅ ପଛରେ ଝଳକୁ ଓଡ଼େଲେଇ ଆସି ବୀଣା ଡାକିଲେ—

ଶୀଘ୍ର ଆସ । ଡେରି ହୋଇଯିବ ।

ସେମାନେ ଚାଲିଗଲେ । ଯୋଡ଼ିଏ ମମତା ମେଦୁର ଆଖି ସୁମିନାକୁ ଚାହିଁ ଚାହିଁ ଲୁଚିଗଲା ।

ସୁମିନା ନିଜକୁ ଚାହିଁଲା । ସେଇ କଳା ଆଉ ପାଚିଲା ଦେହ । ଦୋହଲି ଦୋହଲି ସେ ଓଳାକୁ ଓଡ଼େଲେଇ ପଡ଼ିଲା ।

# ସେହି ସବୁଜ ପତ୍ରଟି

**ଶଶୀକାନ୍ତ** ବାବୁ ବୁଲି ବୁଲି ଗଛ ଗୁଡ଼ିକ ଦେଖୁଥିଲେ । ଦିନ ଭିତରେ ଏତିକି ମାତ୍ର ସମୟ ତାଙ୍କୁ ଅବସର ମିଳେ । ସେତେବେଳେ ବାସ, ଘଣ୍ଟି ପିଅନର ଧୁମ୍ ଧାମ ନାହିଁ । ଛାତ୍ରଛାତ୍ରୀ ମାନଙ୍କର କୋଳାହଳ ନାହିଁ । ଟଗରର କଙ୍କାଳ ମଧ୍ୟ ନାହିଁ । ଶୀତ ଆସିଲେ କାଳ ମାଡ଼ି ଆସିବ । ଆରମ୍ଭ ହେବ ପରୀକ୍ଷାର ଧାଁ ବାଣ । କେତେଦିନ ହେଲା ଏ ରୋଗ ତାଙ୍କୁ ଆକ୍ରମଣ କରିଛି ।

ନିଜ ହାତରେ ଖଣିତି କୋଦାଳ ଧରି ମାଟି ଖୋଳି ଗଛ ଲଗେଇଚନ୍ତି ଶଶୀକାନ୍ତ ବାବୁ । ଅନେକ ଗଛ ମାଡ଼ି ଯାଉଥିବା ପୁରୁଣା ଭିଟାର ଅମ୍ବ, ତାଳମ୍ବ ଗଛ ଗୁଡ଼ିକକୁ ଜଙ୍ଗଲ କାଟି ସଫା କରି ଦେଇଚନ୍ତି । ବୁଢ଼ା ମାଳିଟି ଲଗାକୁ ଠେକି ଟାଣି ତୋଳି କରି ପାଣିର ଉପରେ ମଡ଼େଇ ଦେଉଚନ୍ତି । ସେହି କାଳର ତାଳମ୍ବ ଗଛରୁ ଆବର୍ଜନା ଛିଣ୍ଡା ଗଛ କଲମ କରିଥିଲେ । ସବୁ ଗୁଡ଼ିକ ଜୀଇ ଯାଇଚି । ଶୋଭନ୍ତି ଘର ଦୁଆରର ସାମନା ସାମନା ଧାଡ଼ି କରି ଲଗେଇ ଦେଇଥିଲେ । ଏ ବର୍ଷ ଫୁଲକାଳିଆ ହୋଇ ଗଛ ଗୁଡ଼ିକ ଖୁବ୍ ବଢ଼ି ଯାଇଚି । ଗହଳ ପତ୍ର ଗୁଡ଼ିକ

ତାଙ୍କୁ ଘୋଡ଼େଇ ରଖି ଲୋମ ପରି ସୁନ୍ଦର ମାନୁଟି । ଅଜବ ସୁନ୍ଦର ଦଶ୍ଟି ନାଲି ନାଲି କଣ୍ଟ ଗୁଡ଼ିକ । ମଝି ଗଛରେ ଗୋଟିଏ ଫୁଲ ଫୁଟିଛି । ଗଛଟିକୁ ଆଉଁସି ଦେଲେ ନିଶିକାନ୍ତ ବାବୁ । ଫୁଲଟି ପବନରେ ହଲି ହଲି ଦୋଳି ଖେଳି ଗଲା । ନିଶିକାନ୍ତ ବାବୁ ବିହ୍ୱଳ ଭାବରେ ଗଛଟିକୁ ଛାତିରେ ଯାକି ଧରିଲେ । ଫୁଲ ଉପରେ ପିଠି ହୋଇ ଯାଉଥିବା କଅଁଳ ସବୁଜ ପତ୍ରଟିକୁ ତାଙ୍କର ବୁଢ଼ିଆ ଗାଲ ଉପରେ ମାଡ଼ି ଧରିଲେ । ଆଃ...

ମେଘ ଘଉଡ଼ି ଆସିଲାଣି । ଥଣ୍ଡା ପବନ ବହି ଆସି ଗଛଟିକୁ ଜୋର୍‌ରେ ହଲେଇ ଦେଲା । ପତ୍ରଟି ଛାଡ଼ିହୋଇ ଯାଇ ପବନର ଆଘାତରେ ପୁଣି ଆସି ନିଶିକାନ୍ତ ବାବୁଙ୍କ ଉପରେ ପିଠି ହୋଇ ଗଲା । ଯେମିତି ଗୋଟିଏ କଅଁଳ କିଶୋରୀ ତାଙ୍କୁ ଛୁଇଁ ଦେଇ ଦୌଡ଼ି ପଳେଇଗଲା । ସେ ହାତ ବଢ଼େଇଲେ । ଗଛଟି ପବନରେ ହଲି ହଲି ଦୂରକୁ ଘୁଞ୍ଚି ଗଲା । ନିଶିକାନ୍ତ ବାବୁ ଅସ୍ଥିର ହୋଇ ପୁଣି ହାତକୁ ବଢ଼େଇଲେ । କିନ୍ତୁ ଆହୁରି ଦୂରକୁ ଠେଲି ହୋଇ ଗଲା ଗଛଟି । ସେଇ ସବୁଜ ପତ୍ରଟି ଫୁଲ ଉପରେ ପିଠି ହୋଇ ଯେମିତି କହିଲା, ନାହିଁ...ନାହିଁ... ନାହିଁ...

ନିଶିକାନ୍ତ ବାବୁ ହସି ପକେଇଲେ । ଅନୁଚ୍ଚ ସ୍ୱରରେ କହିଲେ, ଦୁଷ୍ଟ...

ବର୍ଷା ପଡ଼ିବାକୁ ଆରମ୍ଭ କଲାଣି । ଆଉ ରହି ହେବ ନାହିଁ । ଥରେ ଆକାଶକୁ ଚାହିଁ ଦେଇ ଗଛଟିକୁ ଜୋରକରି ଛାତିରେ ଭିଡ଼ି ଧରିଲେ ନିଶିକାନ୍ତ ବାବୁ । ପତ୍ରଟିକୁ ଗାଲ ଉପରେ ଚାପିଧରି କହିଲେ, ଏଥର...

ଟପ୍ ଟପ୍ କରି ଦୁଇଟୋପା ବର୍ଷା ତାଙ୍କର ଗାଲ ଉପରେ

ପଡ଼ିଲା । ଗଛଟି ଛାଡ଼ି ଦେଲେ ଶଶିକାନ୍ତବାବୁ । ପାଣି ଛିଟା ଯାଇ ଲାଗିଛି ପତ୍ରଟି ଉପରେ । ସେମିତି ସେଇ କିଶୋରୀ ଗୋଟିଏ ମୁକ୍ତାମାଳି ପିନ୍ଧି ଠିଆ ହୋଇଛି । କିଛିକ୍ଷଣ ତାକୁ ଚାହିଁ ରହିଲେ । ଭିତରେ ତାଙ୍କର ବିଦ୍ୟୁତ୍ ପ୍ରବାହ ଛୁଟିଗଲା । ମନେ ପଡ଼ିଲା । ବହୁଦିନ ତଳର ଗୋଟିଏ କିଶୋରୀ କନ୍ୟାର ମୁହଁ । ଶଶିକାନ୍ତ ବାବୁ ଆଉ କିଛି ଭାବି ପାରିଲେ ନାହିଁ । ଧୀରେ ଧୀରେ ଭିତରକୁ ଫେରି ଆସିଲେ ।

ଚଈଁଳ ନିଜର କାମ ସାରି ବଗିଚାକୁ ଆସିଲେ ଶଶିକାନ୍ତ ବାବୁ । ଭାଗ ଅନେକ ହୋଇ ଗଲାଣି । କିନ୍ତୁ ତାଙ୍କୁ ଯେପରି ଆଜି ଆଉ କିଛି ବାଧେ ନାହିଁ । ସେଦିନର ଘଟଣାଟାକୁ ଭାବନା ଭିତରେ ସମ୍ପୂର୍ଣ୍ଣ ଭୁଲିଗଲେଣି । କିଏ ଶଶିକାନ୍ତ ସେ । ହଁ ଶଶିକାନ୍ତ ସେଇ ପତ୍ରଟିର କଥା । ଚଉଁଳ ଛନଛନ ଦେହର ସ୍ୱର୍ଣ୍ଣ ତାର ମୂଲ୍ୟଏମ...ପବନରେ ଥାଇ ନାଚିଲେ ଶ୍ୟାମଳ ଦେହଟି ତାର ହଲି ଯାଉଥିବ ।

ଖୁବ୍ ଜୋରରେ ବର୍ଷା ପଡ଼ୁଥିଲା । ପବନ ଛୁଟୁଛି । ବାହାରେ ତୋଫାନ ମାଡ଼ି ଆସୁଛି । ବନ୍ଦ ଘରଟା ଭିତରେ ଶୁଭୁଛି ଖାଲି ହୁ ହୁ......ଅଣ୍ଡା ଲାଗି ବେଶୀ ବାଗ ହେଉଛି ଶଶିକାନ୍ତ ବାବୁଙ୍କୁ । ସେ ଶୋଇ ପାରୁ ନାହାନ୍ତି । କାନ୍ଥରେ ତକିଆ ଡେରି ଦେଇ ଦରଶ୍ୱା ହୋଇ ସେ ବଗିଚାରେ ଚାହିଁ ରହୁଛନ୍ତି । ଏ ଝଡ଼ ଯେମିତି ତାଙ୍କୁ ମହାପ୍ରଳୟ ପାଇଁ ଆହ୍ୱାନ ଜଣାଉଛି । ସେ ହୁଏତ ମାଟି ଘରଟି ଛାଡ଼ି ଚାଲିଯିବେ ବହୁ ଦୂରକୁ । କିନ୍ତୁ ତାଙ୍କର ସେ ଆଲମ୍ବ ଗଛଟି ଆଉ ତାର ସେହି ସବୁଜ ଚଉଁଳ ପତ୍ରଟି......

ନିଶିକାନ୍ତ ବାବୁଙ୍କ ଆଖି ନଇଁ ଆସିଲା । ବୋଧେ ସେ କାନ୍ଦ ନେବାକୁ ଲୁହଟି ନିରୁପାୟ ଅସହାୟତାର ଅଶ୍ରୁ......

ନିଶିକାନ୍ତ ବାବୁ ହାତ ବଢ଼ାଇ ଝରକାଟା ଖୋଲି ଦେଲେ । ଗାଢ଼ ଅନ୍ଧାର ଭିତରୁ ସେ ଥରେ ଦେଖିବାକୁ ଚେଷ୍ଟା କଲେ ସେହି ଫୁଲଫୁଟା ଡାଳିମ୍ବ ଗଛଟିକି । ଯାହାର ଗୋଟିଏ ପାଖରେ ଲୁଚି ରହିଛି ଗୋଟିଏ ନବକିଶୋରୀକାର ଅପଶୋଷ ସ୍ମୃତି ।

ନିଶିକାନ୍ତ ବାବୁଙ୍କର ମନେ ହେଲା ସେ କେବଳ ସେହି ପରିଚିତ କଥା ଖୁକୁ ନାହାନ୍ତି । ଖୁକୁଚନ୍ଦ୍ର ତା ତନୁର ଶ୍ୟାମଳିମା କୋମଳିମା ସହିତ ଯେତେ ସୁକୁମାରୀର ନିବିଡ଼ ସାମଞ୍ଜସ୍ୟ ରକ୍ଷା ଯାଉଥିଲି ।

ବୃଦ୍ଧ ନିଶିକାନ୍ତ ବାବୁଙ୍କ ଆଖି ସଜଳ ହୋଇ ଉଠିଲା । ଆଜିର ଏଇ ବର୍ଷା ମୁଖର ନିରେଳା! ସ୍ମୃତିରେ ଜାଗି ଉଠିଲା ତାଙ୍କର ତାରୁଣ୍ୟ । ସେ ଯେପରି କାନ୍ଦ କରି କହୁଛି—ବୃଥାରେ, ପୂର୍ବ ଜନ୍ମ ଜଞ୍ଜାଳ ଭିତରେ ଅକାଳରେ ମୁଁ ମଉଳି ଯାଇଛି । ଏମିତି ଯୌବନର ରଙ୍ଗିନ ତୁଟେଇ ଅଶ୍ରୁ ଭିତରେ ମୁଁ ବିଦାୟ ନେଉଛି । କିନ୍ତୁ ଆଜି ଆଉ ଫେରି ଆସି ହେବ ନାହିଁ । ଅତୀତର ସମସ୍ତ ପଥ ଆଜି ରୁଦ୍ଧ ହୋଇ ଯାଇଛି । ସତାବନ ବର୍ଷର ବୃଦ୍ଧ ମନେ ଆଉ ସଂଗ୍ରାମ କରି ଫେରେଇ ଆଣି ପାରିବ ନାହିଁ ।

ନିଶିକାନ୍ତ ବାବୁ ଚିହୁଙ୍କି ଉଠିଲେ । ହଁ...ହଁ...ସତାବନ ବର୍ଷର ବୃଦ୍ଧ ଆଜି ସଂଗ୍ରାମ କରି ପାରିବ ନାହିଁ । ଏଇ ଜୀର୍ଣ୍ଣ ଦେହ, ଅବ ଉପେକ୍ଷିତ ଜୀବନ ଭିତରେ ସାହସ ନାହିଁ, ଶକ୍ତି ନାହିଁ ।

କିନ୍ତୁ ମନଟା ଆଜି ନୀରବ ରହିବାକୁ ଚାହୁଁ ନାହିଁ । ଅତୀତ ବର୍ତ୍ତମାନର କଳରବରେ ମୁଖର ହୋଇ ଉଠିଛି । କାମନା

ପୂରୁ ନାହିଁ । ଦୋହରେଇ ଦୋହରେଇ ଶୁଣିବାକୁ ଚାହୁଁଚି ସେଇ ପୁରୁଣା ଗପଟା । ଆଜ ତାର ସହିତ ନିଜକୁ ମିଶେଇ ଦେଇ ଭାସି ଯିବାକୁ ଚାହୁଁଚି ବହୁତ ଦୂରକୁ ।

ନିଜ ହାତରେ ସୁନ୍ଦର କରି ପାଞ୍ଚିଥିବା ସେଇ ସଂସାର, କ୍ରମାଗତ ତିରିଶ ବର୍ଷ ଧରି ସାଧନାର ଏକ ପରିପୂର୍ଣ୍ଣ ରୂପ । ସେ ଆଜି ଦୁଇବାହୁ ମେଲି ନିଶିକାନ୍ତ ବାବୁଙ୍କୁ ଆଲିଙ୍ଗନ କରିବାକୁ ଧାଇଁ ଆସୁଚି । ଇଚ୍ଛା କରୁଛି ଆଉଥରେ କୋଳରେ ଧରନ୍ତେ । ସତେ ଯେମିତି ଅବ୍ୟକ୍ତ ଏକ ବେଦନାର ଯନ୍ତ୍ରଣାରେ ଫାଟି ପଡ଼ୁଚି ତାର ଶୂନ୍ୟ ହୃଦୟ ।

ସେ ମୋହ ସେତେ ଗଭୀର । ସେ ଘରର ମାୟା ତାଙ୍କ ପ୍ରାଣକୁ ଆଜି ଆଚ୍ଛନ୍ନ କରି ରଖିଚି । ବୋଧେ ବୁଝିବାକୁ ଚାହୁଁଚି ସେଦିନର ସ୍ନେହ ପ୍ରବଣ ନିଶିବାବୁ କ'ଣ ଆଜିର ଏଇ ରୁକ୍ଷ ପ୍ରାଣ ବୃଦ୍ଧ ନିଶିକାନ୍ତ ?

ଟୋକା ଥିଲେ ସେତେବେଳେ । ଧୂଳି ମାଟିରେ ପାଦ ଦେଲେ ତାଙ୍କୁ ଲାଗୁଥିଲା ଯେ ଏଇ ତାଙ୍କ ପାଇଁ ନୁହେଁ । ଯୁଆଡ଼େ ଚାହୁଁଲେ ଦିଶୁଥିଲା, ମାଇଲ ମାଇଲ ବ୍ୟାପି ଧାନ କ୍ଷେତ, ହଳ, ଲଙ୍ଗଳ, କଳା କଳା କରିଆ ଚିହ୍ନା ମଣିଷ । ସେମାନଙ୍କୁ ନେଇ ଆଳାପ କରି ହେବ ନାହିଁ, କବିତା ଲେଖି ହେବ ନାହିଁ । ବୁଝେଇ ହେବ ନାହିଁ ଆଧୁନିକ ସଂଗୀତ କିମ୍ବା ନୃତ୍ୟ ସମ୍ବନ୍ଧରେ କିଛି ।

ସେଦିନର ତରୁଣ ନିଶିକାନ୍ତ ବାବୁ ନିଜକୁ ବୁଝେଇ ଦେଇ-ଥିଲେ ଯେଉଁଠି କର୍ମ ପ୍ରେରଣା ନାହିଁ ସେଠି ସୁଶିକ୍ଷିତ ଯୁବକ ନିଶିକାନ୍ତ ରହି ପାରିବେନା । ରହି ପାରିବେନା ଏଇ ଦୁଇ ବଖରା ଘର ଆଉ ଗୁହାଳ ଚୌପାଖେ ଘେରି ରହିଥିବା ଆମ୍ବ, ତାଳ, ପଣସ,

ମାଳତୀର ଜଙ୍ଗଲ ଭିତରେ । ଏଠି ନାହିଁ ଡାଲିଆ, ଜୁନିଆ ଫୁଲର ମନୋରମ ରୂପ, ନାହିଁ ଅପେଲ, ନାସ୍ପାତି ଗଛର ସବୁଜିମା ଲମ୍ବା ସମ୍ବା ଘାସ, ମାର୍କ ଅନେକ କିଛି ।

ରହି ହେଲା ନାହିଁ । ସୁଦୂର ପଲ୍ଲୀ କୋଳରେ ପଡ଼ି ରହିଲା ତାଙ୍କର ବୃନିଅଦର ଉଦ୍ଧ ଆଉ କେତେ ସ୍ମୃତିର ବାସସ୍ଥଳୀ ଘର ଖଣ୍ଡିକ ।

ସୂଚନ ନଶୀକାନ୍ତ ବାବୁ ନୂଆ ମୂଳଦୁଆ ଗଢ଼ିଲେ । ଘର ବାନ୍ଧିଲେ ଗୋପାଳପୁରର ବିସ୍ତୀର୍ଣ୍ଣ ବେଳାଭୂମିରେ । ଦୋମହଲାର ଝରକା ଖୋଲି ଦେଲେ ଦେଖେ ଦିଗନ୍ତ ପ୍ରସାରୀ ଶ୍ୟାମ ଝାଉଁବନ, ନିଦାଘ ଲବଙ୍ଗ କ୍ଷେତ । ଲବଙ୍ଗ ଫୁଲର ସୁରଭି ଧରି ହୃଦୟର ପ୍ରତ୍ୟେକ ତନ୍ତ୍ରୀ ଛୁଇଁ ଛୁଇଁ ବହି ଯାଏ ପବନ । ଫୁଲ ପେନ୍ଥାରେ ମୁକୁଳା ବେଣୀ ଛାଡ଼ି ହେଇ ହେଇ ଆସନ୍ତି କିଶୋରୀ ପତ୍ନୀ ସୁଷମା । ସେମିତି ଲାଗୁଥିଏ ଚପଳା ହରିଣୀ ।

କିଶୋରୀ ସୁଷମା ଆଜି ପ୍ରୌଢ଼ା । ପୁତ୍ର କନ୍ୟା ନେଇ ବ୍ୟସ୍ତ । ତାଙ୍କର ଆଉ ନଶୀକାନ୍ତ ମନେ ପଡ଼ନ୍ତି ନାହିଁ । ସେ ଆଜି ତାଙ୍କର କିଛି ନୁହନ୍ତି ।

ଅଭିମାନରେ ନଶୀକାନ୍ତଙ୍କର ମନ ଭରି ହେଇ ଉଠିଲା । ସେ ଅନୁଭବ କରୁଥାନ୍ତି ଜୀବନମୂଳ ପାଣି ପଡ଼ିଲା ଯେମିତି । କାଶି କାଶି ଅନ୍ତର୍ଯ୍ୟାମୀ ହେଇଗଲେ ସେ ।

ନଶୀକାନ୍ତ ବାବୁ ନିଜ ଅସୁସ୍ଥତାର ସଂବାଦ କାହାକୁ ଦେଇ ନାହାନ୍ତି । କାହାର ସେବା, ସହାନୁଭୂତି ଚାହାନ୍ତି ନାହିଁ । ସେଇଦିନ ସ୍ତ୍ରୀ ପୁଅଙ୍କ ଉପରେ ଅଭିମାନ କରି ସେ ଛିଡ଼ୁ ଗୋପାଳପୁର ଛାଡ଼ି ସେ ଏକାକୀ ପିତୃପିତାମହର ଭିଟାକୁ ଚାଲି

ଆସିଥିଲେ, ସେଦିନ ସମସ୍ତ ସମ୍ପର୍କ ଛିଣ୍ଡି ଯାଇଛି । ଆଉ ଥରେ ପଛକୁ ଫେରି ଚାହିଁ ନାହାନ୍ତି ।

ବଡ଼ପୁଅ ନଳିନାକ୍ଷ ଅତ୍ୟନ୍ତ ଦୁର୍ବିନୀତ । ପ୍ରେମର ଜୟଗାନ କରିବାକୁ ଯାଇ ମଝିରୁ ପଢ଼ା ଛାଡ଼ି ଚାକିରି ଧରିଛି । ନିଜର ବିବାହରେ ସେ ବାପର ମତାମତ ଲୋଡ଼ି ନାହିଁ । ସେଥିରେ ସେ ଅନୁଭବ କରିଛି ଗର୍ବ ଆଉ ଆତ୍ମ ମର୍ଯ୍ୟାଦା । ସାନପୁଅ ବିଶାଳାକ୍ଷ ପଢ଼ାପଢ଼ିରେ ମନୋନିବେଶ କରିଥିଲେ ମଧ୍ୟ ନିଶିକାନ୍ତ ବାବୁ ତା ପାଇଁ କୌଣସି ଆଶା ପୋଷଣ କରି ନାହାନ୍ତି । ଶୁଣିବାକୁ ମିଳିଛି ସେ ମଧ୍ୟ ଜଣେ ବିଜାତୀୟାକୁ ବିବାହ କରି ସାରିଛି । ଅବଶ୍ୟ ଏ ଯୁଗରେ ପ୍ରଚଳିତ ବହୁ ଧରଣର ବିବାହ ମଧ୍ୟରୁ ତାଙ୍କର ବିବାହ ଯେ କେଉଁ ଆଖ୍ୟାରେ ଆଖ୍ୟାୟିତ ହେବ ତାହା କହି ହେବ ନାହିଁ । ଯେଉଁମାନଙ୍କ ଭିତରେ ତାଙ୍କ ଆତ୍ମାର ବିକାଶ ହୋଇଛି, ନିଜର ରକ୍ତ ନିଗାଡ଼ି ଯେଉଁମାନଙ୍କର ଅଙ୍ଗ ସେ ପୁଷ୍ଟ କରିଛନ୍ତି, ତାଙ୍କର ଅମାନୁଷିକ ଅବମାନନାରେ କ୍ଷୋଭ ଆଉ ଲଜ୍ଜାରେ ନିଶିକାନ୍ତ ବାବୁଙ୍କର ମୁଣ୍ଡ ତଳକୁ ନଇଁ ପଡ଼ିଲା । ପ୍ରତିବାଦ କରିବାକୁ ଯାଇ ବାରମ୍ବାର ଅପମାନିତ ହୋଇଛନ୍ତି ସେ ।

ପୁଅ ଉପରେ ରାଗ କରି ସେ ସ୍ତ୍ରୀଙ୍କୁ ପାଖରେ ଆସିବାକୁ ଡାକିଥିଲେ । କିନ୍ତୁ ସୁଷମା ଦେବୀ କୌଣସି ଦ୍ୱିଧା ବୋଧ ନ କରି ପରିଷ୍କାର ଉତ୍ତର ଦେଇଥିଲେ ଯେ, ସେ ଆଉ ପ୍ରଣୟିନୀ ନୁହନ୍ତି । ସେ ଜନନୀ । ଘୋର ଅପମାନ ଆଉ ଉପେକ୍ଷାର ମର୍ମାନ୍ତିକ କ୍ଷତ ବୁକୁରେ ବହନ କରି ନିର୍ଲଜ ପରି ନିଶିକାନ୍ତ ବାବୁ ଏ ମାଟିର ଆଶ୍ରୟ ଲୋଡ଼ିଥିଲେ ।

ଆସିବାର କିଛି ଦିନ ପର୍ଯ୍ୟନ୍ତ ପୁଅଠାରୁ ଫେରି ଯିବାକୁ ଅନୁରୋଧ ପତ୍ର ପାଉଥିଲେ ନିଶିକାନ୍ତ ବାବୁ । କିନ୍ତୁ ଉତ୍ତର ନ

ଦେଇ ନିଜ ପରିବାର ଠାରୁ ସେ ସମସ୍ତ ଯୋଗାଯୋଗ ଛିନ୍ନ କରି ନିରୋଳାରେ ରହି ଯାଇଛନ୍ତି ।

ଘର ଭିତରକୁ ପବନ ପିଟି ଆସୁଛି । ବର୍ଷାର ଛିଟା ଆସି ଲାଗୁଛି ଦେହରେ । କିନ୍ତୁ ଝରକାଟାକୁ ବନ୍ଦ କରିବାକୁ ତାଙ୍କର ଇଚ୍ଛା ହେଉନାହିଁ । ଯେମିତି ଗୋପାଳପୁରର ସେଇ ଝାଉଁ-ବଣରେ ପବନ ତାଣ୍ଡବ ସୃଷ୍ଟି କରି ଦେଇଛି । ଭାବାବେଶରେ ନାକପୁଡ଼ା ଫୁଲି ଉଠୁଛି । ଉଜ୍ଜ୍ୱଳ ହୋଇ ଉଠୁଚି ସେଇ ମଳିନ ଆଖି । ପୁଣି ମାୟା ଲାଗି ଆସୁଛି । କାଶୀକାନ୍ତ ପୁଣି ଯେମିତି ହଜି ଯାଉଛନ୍ତି । ଆଖି ଆଗରେ ନାଚି ନାଚି ଯାଉଛି ଉର୍ମିମାଳ ପିନ୍ଧା ଚଳଚଞ୍ଚଳ ସମୁଦ୍ର । ଦମ୍ଭ କୁଆଡ଼େ ହଜି ଯାଉଛି । କିଛି ନ ମିଳିଲେ ମଧ୍ୟ ଦେଖିବେ, ସେଇଠି ଶଯ୍ୟାରେ ଜ୍ୟୋତ୍ସ୍ନାର ନାଚ ସ୍ୱପ୍ନ ଲୀଳା । ଦିଗନ୍ତରେ ଖସି ପଡ଼ୁଥିବା ସନ୍ଧ୍ୟା-ରାଣୀର ସ୍ୱର୍ଣ୍ଣାଭ ଉତ୍ତରୀୟ ।

ନିଜର ଭାବନାରେ ନିଜେ ଆଘାତ ପାଇଲେ କାଶୀକାନ୍ତ ବାବୁ । କେଉଁଠିକି ଫେରିବେ ସେ ? ନା ନା, ଗୋପାଳପୁରରେ ତାଙ୍କର କିଛି ନାହିଁ । ଆପଣାର କେହି ନାହାନ୍ତି ତାଙ୍କର । ଏ ମାଟି, ଏ ଘର ସବୁ ତାଙ୍କ ନିଜର । କେଡ଼େ ମିଠା ଏ ବାଡ଼ିର ଅମ୍ବ, କେଡ଼େ ବାସ୍ନା ଏ ମାଲତୀ ଫୁଲର । କେତେ ସୁନ୍ଦର ସେହି ତାଳମୂଳ ଗଛ ତଳେ ନାଟି ଅଜ ଦରଫୁଟା ଫୁଲ ଉପରେ ଲୋଟି ପଡ଼ୁଥିବା ସେଇ ଲାବଣ୍ୟମୟୀ ପଦ୍ମଟି......

ନିକଟରେ ଚଡ଼ ଚଡ଼ ଶବ୍ଦ କରି ଗୋଟାଏ ଗଛ ଭାଙ୍ଗି ପଡ଼ିବାର ଶବ୍ଦ ହେଲା । ଚମକି ପଡ଼ିଲେ କାଶୀକାନ୍ତ ବାବୁ । କି ଗଛ ଭାଙ୍ଗିଲା ? କେଉଁଠି ପଡ଼ିଲା ? ସେ ଦୌଡ଼ିଗଲେ

ଦୁଆର ମୁହଁ ନିକଟକୁ । ଇଚ୍ଛା ହେଲା ଅନ୍ଧାରର ନିବିଡ଼ତା ଭିତରେ ଅଣ୍ଡାଳି ନେଇ ସେ ଦେଖିନେବେ ସେଇ ଗଛଟିକୁ ।

କବାଟ ଖୋଲି ଦେଇ ବାହାରେ ଶୀତଳ ସ୍ପର୍ଶ ପାଇଲେ ନିଶିକାନ୍ତ ବାବୁ । ପୁଣି କାଶି କାଶି ସେଇଠି ଅଣେଇ ପଡ଼ିଲେ ସେ । ତାହାରୁ ସେମିତି କଳା ରାତିର ହୁ ହୁ ଗର୍ଜ୍ଜନ ଶୁଣି ଆସୁଚି ।

ଫେରି ଆସି ବରଣ୍ଡାରେ ପଡ଼ିଗଲେ ନିଶିକାନ୍ତ ବାବୁ । ଛାତି ଭିତରୁ ଦୀର୍ଘଶ୍ୱାସ ବାହାରି ଆସିଲା । ସ୍ତ୍ରୀ ପୁଅଙ୍କର ଉପେକ୍ଷା ବିଦ୍ରୂପ କରୁଚି ତାଙ୍କୁ । ସୁଦୂର ସହରରୁ । ଅଳ ନୂଆ ଫୁଲ ଧରିଥିବା ଡାଳିମ୍ବ ଗଛର ସେଇ ଛନ ଛନ ପବନି......

ମନକୁ ମନ ହସି ପକେଇଲେ ନିଶିକାନ୍ତ ବାବୁ । ନିଜକୁ ସେ ପ୍ରଶ୍ନ କରି ଉଠିଲେ, ଏ ଜୀବନଟା କ'ଣ ବହୁରୂପୀ ? ଅନି-ଭାଲି ପିଲଙ୍କୁ ପଚାରିଲେ ହୁଏତ ଉତ୍ତର ମିଳିବ ଜୀବନଟା ଗୋଟାଏ ରୋମାଣ୍ଟିକ୍ କବିତା......

ଗମ୍ଭୀର ଭାବରେ ଜୀବନର ସଂଜ୍ଞା ଚିନ୍ତା କରିବାକୁ ଲାଗିଲେ ନିଶିକାନ୍ତ ବାବୁ । ହଁ ନା ହେବାର କାହିଁକି । ସେ ଶ୍ୟାମଳ ଗଛଟିକୁ ହାତରେ ଯାକି ଧରି, ପତ୍ରଟିକୁ ଓଠରେ ଛୁଇଁ ଦେଲେ, ଦେହ ଯେଉଁ ଆହ୍ଲାଦର ଶିହରଣ ଅନୁଭବ କରେ, ତାହା କଣ ସେଇ ଦୁନ୍ଦୁଣା ଦିନର ଅନୁଭୂତି ସହିତ ତୁଳନା ହେଇପାରେନା ? ହଁ...ହଁ...ତାହାରି ଭିତରେ ଚନ୍ଦ୍ର ମାଳତୀ ସୁଷମା ଚେନାଙ୍କି ପହିଲି ପ୍ରଣୟର ମୂର୍ଚ୍ଛନା, ଚନ୍ଦ୍ର ମାଳତୀ ତାଙ୍କ ପ୍ରଥମ ସନ୍ତାନ ନଳିନୀକାନ୍ତର ନରମ ସ୍ପର୍ଶ । ତାହାହିଁ ଏ ଜୀବନର ସବୁଠାରୁ ସୁନ୍ଦର ବିଭବ ।

ସେଇ ମୁହୂର୍ତ୍ତରେ ଗଛଟିକୁ ଥରେ ଦେଖି ଆସିବାକୁ

କୋଳକର ଛାତରେ ଉଡ଼ି ଧରିବାକୁ ଖୁବ୍ ଇଚ୍ଛା ହେଲା ନିଶିକାନ୍ତ ବାବୁଙ୍କର । କିନ୍ତୁ ଝଡ଼ର ହୁଙ୍କାରରେ ସେତେବେଳେ ଧର ଧରନ୍ତ ବର୍ଷା ହଉଛି ।

ପର ଦିନର ସକାଳ ଆସିଲା । ସୂର୍ଯ୍ୟ ଉଦୟ ହେବାର ବହୁ ପୂର୍ବରୁ ନିଜର ଦେହକୁ ଭୁଲି ଯାଇ ନିଶିକାନ୍ତ ବାବୁ ବଗିଚା ଭିତରକୁ ଚାଲି ଆସିଲେ ।

ସକାଳ ପକ୍ଷୀ ଗୀତ ଗାଇ ଗାଇ ଉଡ଼ି ଯାଉଛନ୍ତି । ଝଡ଼ର ଅତ୍ୟାଚାରରେ ସମଗ୍ର ବଗିଚାଟି ନଷ୍ଟ ହୋଇଛି । କିନ୍ତୁ ନିଶିକାନ୍ତ ବାବୁ ସମସ୍ତଙ୍କୁ ଏଡ଼େଇ ଦେଇ ଡାଳିମ୍ବ ଗଛ ପାଖକୁ ଚାଲି ଆସିଲେ । ଗତ ରାତିରେ ଭାଙ୍ଗି ପଡ଼ିଥିବା ଗଛଟା ଫୁଲ ଫୁଟା ଗଛଟି ଉପରେ ଛିଟିକି ପଡ଼ିଛି । ଚେପଟି ହୋଇ ଯାଇଛି ସବୁ ସବୁ ଡାଳ ଗୁଡ଼ିକ ।

ନିଶିକାନ୍ତ ବାବୁ ପାଗଳ ପରି ଦୋହାର ଠାଣି ଗଛଟିକୁ ଉଠେଇ ଧରିଲେ । ଚଞ୍ଚଳ ଆଖିରେ ଖୋଜିବାକୁ ଲାଗିଲେ ସେ ଟୁକ୍ ଟୁକ୍ ଲାଲ ରଙ୍ଗର କଳିକାଟିକୁ । ଆଉ ଖେଳୁଆଡ଼ ପକ୍ଷୀଟିକୁ ! କିନ୍ତୁ ତାଙ୍କୁ ସେମିତି ଆଉ ସେ ଦେଖିବାକୁ ପାଇଲେ ନାହିଁ ।

ନିଶିକାନ୍ତ ବାବୁଙ୍କ ବୁକୁ ବିଦୀର୍ଣ୍ଣ କରି କାଶ ଉଠି ଆସିଲା । ଆଜିର ହୃଦୟରେ ଯାତନାର ପଥ ଅନ୍ଧାର ଦିଶୁଛି ।

# ନୀଳ ଆକାଶର ତଳେ

ଅନେକ ସମୟରେ ମୁଁ ସେମାନଙ୍କୁ ଦେଖେ । ଦିନର ଅଧିକାଂଶ ସମୟ ଆମ ଘର ଆଗରେ ସେଇ ଗହଳ ବଉଳ ଗଛଟାର ସବୁଜ ପତ୍ର ହଣ୍ଡିରେ ବସି ବସି ସେମାନେ ପ୍ରେମାଳାପ କରୁଥାଆନ୍ତି ଆଉ କେତେବେଳେ ପରସ୍ପରର ନିବିଡ଼ ଆଲିଙ୍ଗନ ମଧ୍ୟରେ କାଳର ମହାକ୍ଷୟତାକୁ ଭୁଲି ଯାଆନ୍ତି ।

ମୁଁ ଖାଲି ଦୂରରେ ଠିଆ ହୋଇ ସେମାନଙ୍କୁ ଲକ୍ଷ୍ୟ କରେ । ଦିନ ଦିନ, ମାସ, ମାସ ଧରି ମୁଁ ତାଙ୍କର ଲୀଳା ଦେଖି ଆସୁଛି । ସେହି ଅବୋଧ ଆକାଶଚାରୀଙ୍କୁ ଦେଖିବାକୁ ଭାରି ଆନନ୍ଦ ଲାଗେ । ଋତୁର ଗତିବିଧି ସହିତ ତାଳ ରଖି ସେମାନେ ଜୀବନର ମହା-ନାଟକର ଅଭିନୟ କରି ଯାଆନ୍ତି ।

ଖୁବ୍ ଭଲ ଲାଗେ ତାଙ୍କର ଲୁଚକାଳି ଖେଳ । ତାଙ୍କର ପ୍ରୀତି ସମ୍ଭାଷଣ, ତାଙ୍କର ହୃଦୟ ବିନିମୟ, ତାଙ୍କର ସାନିଧ୍ୟ । ତାଙ୍କର ଅନ୍ତରଙ୍ଗତା ଭିତରେ ପ୍ରାଣ ସମ୍ପଦର ବିକାଶ ହୁଏ । ମଧ୍ୟାହ୍ନର ଖରାରେ ବଉଳର ଶ୍ୟାମଳ ଛାଇରେ ବସି ବସି ସେମାନେ ବିଶ୍ରାମ କରନ୍ତି । କ୍ଳାନ୍ତ ଦେହଦ୍ୱୟର ଜଣେ ଅନ୍ୟ

ଜଣିକ ଉପରେ ନ୍ୟସ୍ତ କରି ଅଗମରେ ଢୋଳେଇ ପଡ଼ନ୍ତି । ଏହି ଗଭୀର ଅନୁଭବରେ ମୋର ଆଖି ପରମ ତୃପ୍ତିରେ ବୁଜି ହୋଇ ଆସେ ।

ଶ୍ରାବଣର ଧୂସର ଆକାଶ ତଳେ ଜଣେ ଧୀର ଧୀର ଅଦୂରର ସାଥୀକି ଡାକ ଦିଏ । ଭାଷାର ଆବେଗ ତାର ମୋ ଭିତରେ ଏକ ସ୍ପନ୍ଦନ ସୃଷ୍ଟି କରିଦିଏ । ସଂସାରରେ ପ୍ରତ୍ୟେକ ପ୍ରାଣୀର ପ୍ରାଣ ଭୋଗର ଲାଳସା ଅଛି । ଜୀବନରେ ମାୟା ଅଛି । ସୁନ୍ଦର ପୃଥିବୀ, ସୁନ୍ଦର ଆକାଶ ।

ଶରତର ପ୍ରଭାତରେ ଗୀତ ଗାଇ ଗାଇ ସେମାନେ ଉଡ଼ି ଯାଆନ୍ତି । କେଉଁଠିକି ଯାଆନ୍ତି ସେମାନେ ? କେଉଁ ଅଜଣା ଅଚିହ୍ନା ବନସ୍ତ ଭିତରକୁ । ଯେଉଁଠି ରାଜକୁମାର ତାର ମାନସ ସୁନ୍ଦରୀ ପାଟେଣଶ୍ୱରୀ କନ୍ୟାର ସନ୍ଧାନ ପାଇଥିଲା । ସେହି ପ୍ରେମର କଥା ଗାଇ ଗାଇ ସେମାନେ ଉଡ଼ି ଯାଆନ୍ତି । ଅରଣ୍ୟଲୋକର ଅବାଧ ସ୍ୱାଧୀନତା ତାଙ୍କୁ ବଡ଼ ନିତି ଡାକ ଦିଏ ।

ସକାଳର ବାଳସୂର୍ଯ୍ୟ ତାରୁଣ୍ୟର ତେଜରେ ଜାଗି ଉଠନ୍ତି । କିନ୍ତୁ ସେମାନେ ଆଉ ଫେରନ୍ତି ନାହିଁ । ମୁଁ ନିର୍ଜନରେ ଗୃହେଁ ରହେ । ମୋର ଇଚ୍ଛା ହୁଏ ଏମିତି ଚିକି ଚିକି ପର, ଏମିତି ସୁନ୍ଦର ରୂପଏପ ଦେହ ନେଇ ତାଙ୍କର ସାଙ୍ଗରେ ଆକାଶର ଅଙ୍ଗନେ ଅଙ୍ଗନେ ଉଡ଼ି ବୁଲନ୍ତି । ସେହି ନିକାଞ୍ଚନ ବନସ୍ତ ଭିତରେ ହଜି ହଜି ଲୋଟି ଯାଆନ୍ତି । ସେମାନେ ଫେରନ୍ତି ନାହିଁ । ମୋର ସୀମିତ ସମସ୍ତ ଅନ୍ଧକାରିତ ହୋଇ ଯାଏ । ବାସ୍ତବର ଚାନ୍ଦ୍ରକାଘାଟରେ ସ୍ୱପ୍ନର ବନ୍ଧନ ମୁଁ ସହିତ ପାଲଟେ ।

କିନ୍ତୁ ଏ ଭାବନା ମୋର ଶେଷ ହୁଏ ନାହିଁ । ପୃଥିବୀର ଛାତି ଉପରେ ଫଗୁଣର ଅଭିସାରରେ ସେମାନେ ମିଳନର ଗୀତ

ଗାଇ ଉଠନ୍ତି । କି ବିଚିତ୍ର ଏ ପୃଥିବୀ, କି ବିଶାଳ ତାର ଏ ଶ୍ୟାମଳ ବୈଭବ ! ଏ ସବୁ ଅମର ପାଇଁ, ଖାଲି ଅମର ପାଇଁ… ପ୍ରଣୟର ଝଙ୍କାର ତୋଳି ସେମାନେ ତେଉଁ ତେଉଁ ନାଚି ନାଚି ଯାଆନ୍ତି । ସେ ସଙ୍ଗୀତ ମୂର୍ଚ୍ଛନା ମତେ ସୃଜନର ଭାଷାରେ ବିଭୋର କରିଦିଏ । ମୁଁ ଶୁଣେଁ । ନିଜକୁ ପ୍ରଶ୍ନ କରେ ମୁଁ କଣ ଏକା ? ନା…ନା… ମୁଁ ଏକା ନୁହେଁ… ସୁକାନ୍ତ……

ସୁକାନ୍ତ ମୋତେ ଶୁଣାନ୍ତି । ସୃଷ୍ଟି ସୁନ୍ଦର…ସୃଷ୍ଟି ଶିବ… ସୁକାନ୍ତଙ୍କର ଆଖି ମତେ ଇଙ୍ଗିତ କରେ । ମୋର ଉପାଦାନ ଲୋଡ଼ା । ସତ୍ୟ ଶିବର ଉପାସନା ପାଇଁ ମୋର ଉପସ୍ଥିତ ଲୋଡ଼ା ।

ସେ ଉପସ୍ଥିର ବାଢ଼ିଦେବେ ସୁକାନ୍ତ । ବନ୍ଧୁଦାନ ଶେଷ ହୋଇ ଯାଇଛି । ଲକ୍ଷ୍ମୀ ଉପାଦାନ ପାଇ ସୁକାନ୍ତଙ୍କର ସୃଷ୍ଟି କାମନାପୂ ହୋଇ ଉଠିଛି । ପରମ ତନ୍ମୟ ଧରି ମୁଁ ସୁକାନ୍ତଙ୍କ ଅନେକ ରହେ । ନାରୀର ସାଧନା ସତ୍ୟ, ଶିବ ସୁନ୍ଦର । ନାରୀର ସୃଷ୍ଟି ଚିରନ୍ତନ । ପରମ ପ୍ରକୃତିର ଅସୀମତା ଭିତରେ ମୁଁ ହଜିଯାଏ । ଧନ୍ୟ ନାରୀ……

ସୁକାନ୍ତଙ୍କର ସାଧନା ମତେ ଆଜି ମହିମା ମଣ୍ଡିତ କରି ଦେଇଛି । ମୋର ସନ୍ତାନକୁ କୋଳରେ ଧରି ସୃଷ୍ଟିର ଜୟବାଣୀ ମୁଁ ଗାଉଛି ।

ପ୍ରତ୍ୟେକ ମୁହୂର୍ତ୍ତିକୁ ଭୁଲେଇ ଦେଉଥିଲି ବୋଲି ସୁକାନ୍ତ ତାର ନାମ କରଣ କଲେ ଭୁଲୁ । ସୁକାନ୍ତଙ୍କର ନାମ ନିର୍ବାଚନକୁ ପ୍ରଶଂସା ନ କରି ରହି ହୁଏ ନାହିଁ ।

ଭୁଲୁକୁ କୋଳରେ ଧରିଲେ ମୋର ସେମାନଙ୍କ କଥା ମନେ ପଡ଼େ । ଯେଉଁ ମାନଙ୍କ ପ୍ରେରଣା ମୋର ଅନ୍ତରକୁ ସୃଜନଶୀଳ

ଭରି ପାରିଥିଲେ ସେମାନେ ସେ ଗୌରବର ଅଧିକାରୀ ହୋଇ ପାରିଲେ ନାହିଁ । ମୁଁ ସେମାନଙ୍କ ପାଇଁ ଅନ୍ତରର କରୁଣା ଦ୍ୱାରରେ ଅଞ୍ଜଳୀ ପାତେ । ସେମାନେ ଯେପରି ମୋ ପ୍ରାଣରେ ପ୍ରାଣ ମିଶାଇ ଡାକି ଉଠନ୍ତି, କୃଷ୍ଣ ଗୋକୁଳ......

ଅନେକ ଦିନ ବିତି ଯାଇଛି । କର୍ମ ବ୍ୟସ୍ତତା ମଧ୍ୟେ ସେମାନଙ୍କୁ ଥରେ ଦୃଷ୍ଟି ଭରି ଦେଖିବାକୁ ଅବସର ଦେଇ ନାହିଁ । ନିଦ୍ରାର ଆବେଶରେ, ସପନର ମହଲରେ ସେମାନଙ୍କୁ ଦେଖି ଦେଖି ମୁଁ ଆତ୍ମହରା ହୋଇଯାଏ । ଫଗୁଣର ମଧୁର ପ୍ରଭାତରେ ମୁଁ ଦେଖେ ସେମାନେ ଏକା ନୁହନ୍ତି । ସନ୍ଧ୍ୟାର ମହିମାରେ ସୃଷ୍ଟିର କାକଳୀରେ ଜୀବନ ତାଙ୍କର ଗୌରବ ମୁଖର ହୋଇ ଯାଇଛି । ସପନ ଜାଲ ମୋର ବାସ୍ତବର ଆଘାତରେ ଛିଣ୍ଡି ପଡ଼ିଲା ।

ଦୁଇ ମାସର ଶିଶୁ ସନ୍ତାନ ଭୁଲି ମା ପାଖରେ ତାର ଚିତ୍କାର କରି କରି ନାଚୁଛି । ସମସ୍ତ ପରିବେଶଟା ଯେପରି ସ୍ୱପ୍ନପରି ମନେ ହେଲା । ନିତ୍ୟ ନୈମିତ୍ତିକ କର୍ମଧାରାରେ ଯେମିତି ବନ୍ଧୁ ବ୍ୟତିକ୍ରମ ଘଟି ଯାଇଛି । ଅଦ୍ଭୁତ ହୋଇ କାନ୍ଦିବା ବଦଳରେ ସେ ଅଙ୍କ ନାଚି କୁଦି ଯାଉଛି । ତାର ଏଇ ଆଚରଣ ମୋ ନିକଟରେ ଏକ ମହତ୍ୱପୂର୍ଣ୍ଣ ରୂପେ ଦେଖାଦେଲା । ବିଛଣା ଛାଡ଼ି ବାହାରକୁ ଉଠି ଆସିଲି ।

ଶ୍ରୀକାନ୍ତ ଏକା ନୁହନ୍ତି । ଭୁଲି ସହିତ ସେମାନେ ବି ଅଛନ୍ତି । ଚକ୍ଷର ଖାଇ ଉଡ଼ି ଉଡ଼ି ସେମାନେ ଭୁଲି ସହିତ ଯୋଗ ଦେଉଛନ୍ତି, ସେମାନେ ନୂଆ ଭୁଲିକୁ ଦେଖିବାକୁ ଆସିଛନ୍ତି । ଆଜି ଭୁଲି କ'ଣ ତା ମାକୁ ଦେଖେଇ ଦେଖେଇ ନାଚୁଛି ।

ଶ୍ରୀକାନ୍ତ ମାତୃତ୍ୱର ମହିମାରେ ଉଚ୍ଛ୍ୱସି ଉଠୁଛନ୍ତି । ଦେଖ,

ଦେଖ, ମୋ ପୁଅ କେମିତି ଚଢ଼େଇ ଛୁଆ ଧରିଚି । ଛୁଆର କେତେ ବୁଦ୍ଧି ମୋର...

ଭୁଲୁ ଚଢ଼େଇ ଛୁଆ ଧରିଚି । ସେଇ ମାନଙ୍କ ଛୁଆ । ତା' ହେଲେ ସେମାନେ ବି ଏକା ନୁହନ୍ତି । ସେମାନେ ସ୍ୱୟଂ ସଂପୂର୍ଣ୍ଣ । ସେମାନେ ଜନକ ଜନନୀ, ଭୁଲୁ ପ୍ରତି ସେମାନଙ୍କୁ ବଞ୍ଚିତ କରିବାକୁ ଯାଉଚି ।

ଭୁଲୁକୁ ମୁଁ ବୁଝେଇଲି । ଛାଡ଼ି ଦିଅ ବାବୁ, ତାର ମା ବାପା କାନ୍ଦୁଚନ୍ତି । ତାକୁ ଛାଡ଼ି ଦେଲେ ସେ ତୋ କଥା ତାର ମା ବାପାଙ୍କ ଆଗରେ କହିବ । ସାଙ୍ଗ ପିଲଙ୍କ ଆଗରେ କହିବ । ଛାଡିଦିଅ ।

ନା ବାବା, ହେଇ ତୁ ଦେଖ, ଦେଖ...

ଭୁଲୁ ନାଚି ନାଚି ଆସି ଛୁଆଟିକୁ ମୋ ଦେହରେ ଲଗେଇ ଦେଲା । ସେ ନୂଆ ଏକ ସ୍ପର୍ଶ ମତେ ଯେପରି ଆତୁର ଅଧୀର କରି ଦେଲା । ଟିକି ଟିକି ଚୁଇଁଟି ପରରେ କଳାର ଟିକି ଟିକି ଛିଟ । ଛୋଟ ପୁଟେଇଲ ଥଣ୍ଟ । ବଣ୍ୟ ବିହଙ୍ଗର ଅବୋଧ ଅଶ୍ରୁ ଭାଷା ସମସ୍ତ ହୃଦୟ ଆତ୍ମାକୁ ଯେପରି ଥରେଇ ଦେଉଚି ।

ବଉଳ ଡାଳରେ ବସି ବସି ସେମାନେ କାନ୍ଦୁଚନ୍ତି । ତାଙ୍କ ଆଖିର ସକଳ କରୁଣତା ଯେମିତି ମତେ ବାରମ୍ବାର ଡାକ ଦେଉଚି ।

ଆଜ ଥରେ ବଣ୍ୟ ପକ୍ଷୀର ମୁକ୍ତ ଭାଷା ଜାଣି ଭୁଲୁ ପାଖରେ ଅନୁରୋଧ କରିଥିଲି ମୁଁ ।

ଦେଖ ବାବୁ, ସେମାନେ କେମିତି କାନ୍ଦୁଚନ୍ତି । ଛାଡ଼ିଦିଅ ତାଙ୍କ ଛୁଆଟିକୁ ବାପା !

ଅବୋଧ ଶିଶୁ ମୋର ନିବେଦନ ବୁଝିଲା ନାହିଁ । ଭେଁ ଭେଁ ହୋଇ କାନ୍ଦି ଉଠିଲା ।

ପୁଅକୁ କୋଳ କରି ଅଭିମାନରେ ମୁହଁ ଫୁଲେଇଲେ ସୁକାନ୍ତ ।

ଅପନ୍ତରେ ପଡ଼ିଥିଲା । କେହିତ ତାକୁ ଧରି ଆଣି ନାହିଁ ।

ଆଜି । ମଣିଷର ଯତ୍ନ ପାଇଲେ ସେ ଧନ୍ୟ ହେବ ।

ଭୁଲୁ ପୁଣି ନାଚି ଉଠିଲା । ସୁକାନ୍ତ ହସିଲେ ।

ତାର ଗୋଟିଏ ନାମ କରଣ ହେବା ଉଚିତ ।

ଭୁଲୁ ନାଚି ନାଚି ଛୁଅଁଥିଲି ମୋ ଦେହରେ ପୁଣି ଛୁଇଁ ଦେଇ । ପୁରୁଷର ସ୍ପର୍ଶ କାତର ମନ ଯେମିତି ସୁଯୋଗ ପାଇ ଚେଇଁ ଉଠିଲା । ଏମିତି ସ୍ପର୍ଶ ଥିଲା ନବ ବଧୂ ସୁକାନ୍ତଙ୍କର । ପୁଣି ଏମିତି ସ୍ପର୍ଶ ହେଲା ମୋର ରକ୍ତର ପିତୁଳା ଭୁଲୁର ।

ଶିଶୁ ସନ୍ତାନର ଜିଦ୍‌ରେ ତାର ନାମ କରଣ ମୁଁ ନିଜେ କଲି ଟିପା । ଦେହଯାକ ତାର ଟିପି ଟିପି ଥିଲା ।

ଟିପା ଟିପା କହି ନାଚି ନାଚି ମା କୋଳରେ ଲେଟି ପଡ଼ିଲା ଭୁଲୁ । ସୁକାନ୍ତ ମନେ ଚାହିଁଲେ, ପୁଣି ଭୁଲୁକୁ । ଜୀବନ ତାଙ୍କର ସାର୍ଥକ ହେଇଛି ।

ଗୋଟାଏ ଲମ୍ବା ପିଞ୍ଜରାରେ ଟିପାକୁ ଘର ଯତ୍ନରେ ରଖାଗଲା । ରଖା ଗଲା ବୋଲି କହି ହେବ ନାହିଁ । ବନ୍ଦୀ କରାଗଲା । ନିଜ ହାତରେ ଦୁଧ ଭାତ ଗୋଳେଇ ତା ଆଗରେ ଭୁଲୁ ଥୋଇଲା । ଟିପା କିନ୍ତୁ ଖାଇଲା ନାହିଁ । ଖାଲି ଉପରକୁ ଚାହିଁ ରହିଲା ।

ଭୁଲୁ ବି ଖାଇଲା ନାହିଁ । ଟିପା ନାଁରେ ଅଭିଯୋଗ ବାଢ଼ିଲା । ଟିପା ଖାଉ ନାହିଁ । ସେ ଖାଇବ ନାହିଁ । ମା କୋଳରେ ବସି ସେ କେବଳ ଟିପାକୁ ଅନେଇ ରହିଲା ।

ସୁକାନ୍ତି ବିରକ୍ତ ହେଲେ । ବଡ଼ କଦର୍ଯ୍ୟ ଟୁଆଟା । ମଣିଷ ପାଖ ଗଛକୁଚି । କେଉଁଠି ବିଷଫଳ ଖାଇ ଅରଣ୍ୟରେ ପଡ଼ି ଥାଆନ୍ତା ।

ଟିଆ ଟିଁ ଟିଁ କରି ବୋବାଇ ଉଠିଲା । ସେ ଯେପରି ଉତ୍ତର ଦେଇ କହୁଛି—ସେଇ ବିଷଫଳରେ ମୋ ପାଇଁ ଜୀବନକା ଭରି ରହିଛି । ମତେ ଛାଡ଼ି ଦିଅ । ଅରଣ୍ୟର ଗଛଡ଼ାଳ ମୁକ୍ତ ଆକାଶ ମତେ ଡାକ ଛାଡ଼ୁଛି । ମତେ ଛାଡ଼ିଦିଅ ।

ଟିଆର ଆକୁଳ ଭାଷା କେହି ବୁଝିଲେ ନାହିଁ । ପିଞ୍ଜରାର ଲୁହା ବାଡ଼ ଭିତରେ ସେ ଚିରକାଳ ପାଇଁ ବନ୍ଦୀ ରହିଲା । ଭୁଲୁ କେବଳ କାନ୍ଦିଲା । ଟିଆ କିଛି ଖାଇଲା ନାହିଁ । ତା'ର ଖାଇବା ପାଇଁ କୌଣସି ଉପାୟ ସ୍ଥିର କରି ଯାଇ ପାରିଲା ନାହିଁ ।

ବହୁତ ଚିନ୍ତା କରି ସତ୍ୟର ଉପଲବ୍ଧି କଲି ମୁଁ । ଭୁଲୁ ପରି ଟିଆ ବି ଏକ ଶିଶୁ । ତାର ହୃଦୟଠାରୁ ବିଚ୍ଛିନ୍ନ ହୋଇ ସେ'ବା କେମିତି ରହିବ । ମଣିଷ ଆଉ ପକ୍ଷୀରେ ମାତୃ ହୃଦୟ ଭିନ୍ନ ହୁଏ ନାହିଁ ।

ମୋର କଥା ମାନି ବଉଳ ଗଛର ଗୋଟାଏ ଡାଳରେ ଦୌଡ଼ି ଯାଇ ଟିଆର ପିଞ୍ଜରାକୁ ଝୁଲେଇ ଦେଲେ ସୁକାନ୍ତ । ଦୁଇଟି ପକ୍ଷୀପକ୍ଷିଣୀ ଉଡ଼ି ନିଜ ବାତ୍ସଲ୍ୟର ଅଶ୍ରୁ ଝରେଇ ଦେଲେ । ଅପରିସୀମ ଆନନ୍ଦ ଆଉ ଶାନ୍ତିର କାନ୍ତି ଫୁଟେଇ ଗଲା । ଅବୋଧ୍ୟ ଭାଷାରେ କୃତଜ୍ଞତା ଜଣେଇ ଜଣେଇ ସେମାନେ ଟିଆର ପିଞ୍ଜରା ଉପରେ ବସି ପଡ଼ିଲେ । ଟୁଆ ତାଙ୍କର ବଞ୍ଚିଛି । ନୃଶଂସ ମଣିଷ ହାତରୁ ସେ ପ୍ରାଣଦାନ ପାଇଛି । ସେଇ ତାଙ୍କ ପକ୍ଷେ ଯଥେଷ୍ଟ ।

ଏପଟେ ସେପଟେ ଉଡ଼ି ଉଡ଼ି ସେମାନେ ପିଞ୍ଜରାରେ ଥଣ୍ଟ ମାରିଲେ । କିନ୍ତୁ ସବୁ ଚେଷ୍ଟା ତାଙ୍କର ବ୍ୟର୍ଥ ହେଲା । ଲୁହା

ପିଞ୍ଜରାର ଦ୍ୱାର ଖୋଲିଲା ନାହିଁ । ଆକାଶର ମୁକ୍ତଗୁରା ପକ୍ଷୀ ଶାବକ ନିର୍ମମ ମଣିଷ ହାତରେ ବନ୍ଦୀ ରହିଲା । ତାଙ୍କର ଆକୁଳ ବିଳାପ ଯେପରି ମଣିଷର ପାଷାଣ ଅନ୍ତର ଭେଦ କରି ପାରିଲା ନାହିଁ । ମଣିଷ ଶିଶୁକୁ ଚାହିଁ ଚାହିଁ ସେମାନେ ନୀରବ ଅଭିଶାପର ଅଶ୍ରୁ ଢାଳି ଦେଇ ଯାଆନ୍ତି ।

ସମସ୍ତ ଅଶ୍ରୁ ମିନତି ତାଙ୍କର ବ୍ୟର୍ଥ ହେଲା । ନିରାଶରେ ଫେରିଗଲେ ସେମାନେ ।

ନିତିଦିନ ସକାଳେ ସେଇ ବଉଳ ଡାଳରେ ପିଞ୍ଜରାଟି ଝୁଲେଇ ଦିଆଯାଏ । ସେମାନେ ଆସନ୍ତି । ପିଞ୍ଜରା ଉପରେ ଘୂରି ଘୂରି କେତେ କାନ୍ଦନ୍ତି । ପିଞ୍ଜରାର ବାଡ଼ ପାଖରେ ଥଣ୍ଟରେ ଥଣ୍ଟ ଲଗେଇ ଦିଅନ୍ତି । ଦେହରେ ଥଣ୍ଟ ଗୁଞ୍ଜି ନିଜ ନିଜର ନିରୁପାୟତା ପ୍ରକାଶ କରନ୍ତି ।

ଭୁଲ୍ ସେମାନଙ୍କୁ ଦେଖିଲେ ଥାଳିମାରି ନାଚେ । ଟିପାର ମା' ଆସି ତାକୁ ଖୁଆଇ ଦେଉଛି । ସେଇ ତା ପକ୍ଷେ ଯଥେଷ୍ଟ ।

ସକାଳେ, ସଞ୍ଜେ କାନ୍ଦି କାନ୍ଦି ସେମାନେ ଫେରି ଯାଆନ୍ତି । ରାତ ସାରା ବାଟ ଚାହିଁ ଟିପା ବସିଥାଏ । ମଣିଷର ଶବ୍ଦ ଶୁଣିଲେ ଦୂରକୁ ଦୂରକୁ ଘୁଞ୍ଚିଯାଏ ।

ଟିପା ବଡ଼ ହେଲା । କେତେ ସୁନ୍ଦର ହଳଦିଆ ପର ସବୁ ଆସ୍ତେ ଆସ୍ତେ ଦେହରେ ମଜେଇ ହୋଇଗଲା । ପର ଉପରେ କଳା ରେଖା ଗୁଡ଼ିକ ଆହୁରି ସ୍ପଷ୍ଟ ଦିଶିଲା । ବଙ୍କା ଥଣ୍ଟ ଧୀରେ ଧୀରେ ଟାଣ ହୋଇ ଆସିଲା ।

ଏବେ ଖୁବ୍ ସକାଳରେ ପିଞ୍ଜରା ଭିତରେ ଚାଲବୁଲ କରେ ଟିପା । ଆକାଶକୁ ଚାହିଁ ଚାହିଁ ଡାକ ଦିଏ । ଥଣ୍ଟରେ ପିଞ୍ଜରା ଦ୍ୱାର ଖୋଲିବାକୁ ଚେଷ୍ଟା କରେ ।

ବାପ, ମା କାନ୍ଦିଲେ ଟିପା ତାଙ୍କ ସାଙ୍ଗରେ ସମ ସ୍ୱରରେ କାନ୍ଦି ଉଠେ । ତାର କାନ୍ଦଣା ଦେଖିଲେ ହସି ହସି ଲୋଟିଯାଏ ଭୁଲୁ । ଟିପା ତାର କଥା ବତାଉଛି । ସୁକାନ୍ତ ପରମ ତୃପ୍ତିରେ ଦୁହିଁଙ୍କି ଅନାଇ ରହନ୍ତି । ମୁଁ ସନ୍ତାନ ହରାର କାରୁଣ୍ୟକୁ ଭୁଲି ଯାଇ ଶିଶୁ ସୁଲଭ ନିର୍ବୋଧ ଲୀଳାରେ ଆତ୍ମହରା ହୋଇଯାଏ । ଏ ଆନନ୍ଦ କିନ୍ତୁ ବେଶୀଦିନ ସ୍ଥାୟୀ ହୋଇ ପାରିଲା ନାହିଁ । ଯେବେ ସୁକାନ୍ତଙ୍କର କାରୁଣ୍ୟ ମୋତେ ଅଧୀର କଲା । କାନ୍ଦି କାନ୍ଦି କେଉଁ ଅଜ୍ଞାତ ଉପରେ ଅଭିଶାପ ବର୍ଷଣ କରି ଚାଲିଚନ୍ତି ସେ ।

ଭୁଲୁ ସହା ଧରି କାନ୍ଦୁଚି । ହାତରୁ ଧାର ଧାର ଲହୁ ବହି ପଡୁଚି । ଚଞ୍ଚୁକୁ ଆହତ ଟିପା ପିଞ୍ଜରା ପାଖରେ ପଡ଼ି ରହିଚି । ଆଉ ଭୁଆଁ ଟାଏ ଦୌଡ଼ି ପଳେଇ ଯାଉଚି ।

ଟିପା ମରିଚି । ସେଥିପାଇଁ ସାଥୀ ତାର ଆହତ ହୋଇଚି ! ଟିପାକୁ ଆଲିଙ୍ଗନ ଦେଲା ବେଳେ ଦୁହେଁ ଭୁଆଁର ଶୀକାର ହୋଇଚନ୍ତି ।

ଭୁଲୁ ପାଇଁ ମୁଁ ଚିକିତ୍ସାର ବନ୍ଦୋବସ୍ତ କଲି । ଆଖିର ଲୁହ ଢାଳି ଭଗବାନଙ୍କ ନିକଟରେ ଆୟୁ ଭିକ୍ଷା କଲି । କିନ୍ତୁ ମୋର ମିନତି ପାଷାଣର ପାଦ ତଳେ ପହଞ୍ଚି ପାରିଲା ନାହିଁ । ଦିନ ରାତର ପ୍ରତ୍ୟେକ ମୁହୂର୍ତ୍ତ ଭୁଲୁର ଆର୍ତ୍ତ ଚିତ୍କାରରେ ମୁଖରିତ ହୋଇ ଉଠିଲା । ଟିପା ଟିପା ଡାକି ଭୁଲୁ ବାହାରକୁ ଦୌଡ଼ି ଆସେ । କାନ୍ଦି କାନ୍ଦି ଅଚେତ ହୋଇଯାଏ ।

ସୁକାନ୍ତ ଭୋ ଭୋ କାନ୍ଦି ଉଠନ୍ତି । ଭୁଲୁକୁ କୋଳରେ ଧରି ଆଶ୍ୱାସନା ଦିଅନ୍ତି । ଟିପା ଅଛି । ଟିପା ଆସିବ ତୋ ପାଖକୁ । ଭୁଲୁ କିନ୍ତୁ କିଛି ବୁଝେ ନାହିଁ । ଶୋଇ ଶୋଇ ସେ ଟିପାକୁ ଡାକି ଉଠେ, ମତେ ନିଏ ଟିପା ! ତୋ ପାଖକୁ ମୁଁ ଯିବ ।

ସୁକାନ୍ତଙ୍କର ଅସମ୍ଭୃତ ଅଶ୍ରୁ ବାଧା ମାନେ ନାହିଁ । ଟିପାକୁ ଯୁଝି ଭୁଲୁ ରହି ପାରିଲା ନାହିଁ । ଆମେ ତାକୁ ରଖି ପାରିଲୁ ନାହିଁ । ତିନି ଦିନ ପରେ ଟିପାର ପଛେ ପଛେ କେଉଁ ଅଜଣା ରାଜ୍ୟର ସନ୍ଧାନରେ ଭୁଲୁ ଚାଲିଗଲା । ସୁକାନ୍ତ ବଜ୍ରାହତ ଗାଭୀ ପରି ଅଧୀର ହୋଇ ଉଠିଲେ । ମୋର ଧୈର୍ଯ୍ୟ ବନ୍ଧ ଭାଙ୍ଗି ପଡ଼ିଲା । ଭୁଲୁ କେଉଁ ଅପନ୍ତରରେ ଶୋଇଲା । ଟିପା ପଡ଼ି ରହିଲା ସେମିତି । ଘର ଶୂନ୍ୟ ପଡ଼ିଲା । ପିଞ୍ଜରା ଖାଲି ପଡ଼ିଲା । ଟିପାର ଚାକଳୀ, ଭୁଲୁର ଚଳଚାଳନରେ ଆଉ ପ୍ରାଣ ପୂରି ଉଠିଲା ନାହିଁ । ସୁକାନ୍ତି ଆକୁଳ ଆଖିରେ ଘରକୁ ଚାହାନ୍ତି ପୁଣି ବଉଳ ଗଛକୁ ଚାହାନ୍ତି । ଚାହିଁ ଚାହିଁ ଡସ ଟିପା, ଟିପା, ଭୁଲୁ, ଭୁଲୁ ଡାକି ଉଠନ୍ତି । ସେମାନେ ଆସନ୍ତି । ଟିପାର ମଲା ଦେହ ପାଖରେ ବସି ବସି ବାହୁନି ଉଠନ୍ତି । ତାକୁ ଚୁମି ଚୁମି କାନ୍ଦି ଉଠନ୍ତି ସୁକାନ୍ତି । ଟିପା ଯାଇଛି । ଭୁଲୁ ଯାଇଛି । ଟିପାକୁ ବଞ୍ଚିତ କଷ୍ଟ ହୋଇଥିଲା ବୋଲି ଆମକୁ କିଏ ବଞ୍ଚିତ କଲା । ଆମେ କାନ୍ଦିଲୁ । ସେମାନେ କାନ୍ଦିଲେ ।

ମୁଁ ସ୍ଥାଣୁ ପରି ତାଙ୍କ ଚାହିଁ ରହେ ।

# ଆଗ୍ରଦାସଙ୍କ ହସ

ଅଳ୍ପ କେଇଟି ମୁହୂର୍ତ୍ତି ପାଇଁ ସେମାନଙ୍କର ଦେଖାହେବା । ଗାଡ଼ି ସମୟ ହୋଇ ଯାଇଥିଲା । ମୋର ଦୁଇଟି କପାଳରେ ଲଟେଇ ଲଟକାଇ ଦେବା ଠାରୁ ବିଦାୟ ନେଲେ ଅଗ୍ରଦାସ । ମୁଁ ଘରକୁ ଫେରିଲି ଏବଂ ତାଙ୍କର କଥା ଭାବିବାକୁ ଲାଗିଲି ।

ବହୁତ ଦିନ ପରେ ଦେଖା ହେଲା । ଏମିତି ଏକ ସମୟରେ ଦେଖା ହେଲା ଯାହା ମୁଁ ଆଗରୁ ଆଶା କରି ପାରି ନ ଥିଲି । ଅଗ୍ରଦାସେ ଦେଖି ଅଟକି ରହିଲେ, ଆଖି ଜାହ୍ନଗଡେ କେତେବେଳ କଥା । ସେ ଆଦୌ ବଦଳି ନାହାନ୍ତି । ନାସ୍ତିକ୍ୟ ଅପମାନରେ, ଦାରିଦ୍ର୍ୟର ଅପ୍ରୀତିକରରେ ତାଙ୍କର କୌଣସି ପରିବର୍ତ୍ତନ ଆସିନାହିଁ । ଯେମିତି କଥା କହୁଥିଲେ, ଠିକ୍ ସେମିତି କଥା । ସେମିତି ଧୀରେ ଧୀରେ ସେମିତି ରହି ରହି ଅଳ୍ପ କଥା । ସେମିତି ଓଠଟିପା ମୁରୁକି ହସ । ଆଜି କଥା କହିବା ବେଳେ ସେ ଭାରମୁକ ରହି ଯାଉ ଥାଆନ୍ତି । ନିଜ ଦେହଟାକୁ କହି ଯୁଝିଲେ ଶୀତର ହାତରେ ଗାଲ ଉପରେ ମିଶି ଯାଉଥାଏ । ଠିକ୍ ସେମିତି ହସ । ଦୁଃଖ ଭୁଲି ହୋଇଯାଏ । ଜୀବନ ଶ୍ୟାମଳ ଦିଶେ ।

ଅଖିରେ ନିଦ ଅସୁନାହିଁ । ଭିନ୍ନ ଭିନ୍ନ ଚିନ୍ତା ସବୁ ଅସୁଛି । ଭାବନା ଭିତରେ ଠିଆ ହେଉଛନ୍ତି ଅଭ୍ରଦାସ ଆଉ ଠିଆ ହେଉଛି ସୁଦୂର ଜୀବନ । ଯାହା ସହିତ ଗୋଲେଇ ହେଇ ରହି ଯାଇଛି ଅଭ୍ରଙ୍କର ସେଇ ଦାରହାସ । ଚେଷ୍ଟା କରି ମନ ଭିତରୁ କାଳି ଯାହାକୁ ପୋଛି ପାରୁ ନାହିଁ । ପୋଛି ପାରିବ ନାହିଁ ।

ମୋର ପରିବାର ଶୋଇ ଯାଇଛି । ସ୍ତ୍ରୀ ପୁଅର ପରିବାର । ସୁଖ ସମ୍ଭୋଗର ସ୍ୱପ୍ନ ଦେଖି ଦେଖି ସେ ନିଶ୍ଚିନ୍ତ ନିଦ୍ରା ଯାଉଛନ୍ତି । କଳବେଳ ଜମି ଯାଉଛି । ତାହାରି ଭିତରେ ଜମି ଆସୁଛି ଅଭ୍ରଙ୍କର ମୃତ୍ୟୁ । ଜମିବାକୁ ଯେପରି ସୁଯୋଗ ଦେଉଛି ଏଇ ନିରୋଳା ପ୍ରହର ।

ଅଭ୍ର ସୁଖ ସମ୍ଭୋଗରୁ ବଞ୍ଚିତ ହୋଇଛନ୍ତି । ନିଜର ସାମାନ୍ୟ ଲୋଭକୁ କେହି ଯେବେ ତ୍ୟାଗ କରି ପାରି ଥାଆନ୍ତା, ତା'ହେଲେ ଅଭ୍ର ପାଇ ଥାଆନ୍ତେ ବଧୂ ହେବାର ସୌଭାଗ୍ୟ । ପାଇ ଥାଆନ୍ତେ ମାତୃତ୍ୱର ଗୌରବ । ଅଭ୍ର ଏଇଠାକୁ ହୁଏତ ବହୁ ଆଗରୁ ଜାଣି ପାରିଥିଲେ । ସେଥିପାଇଁ ସେ ଚେଷ୍ଟାଙ୍କର ସମସ୍ତଙ୍କ ଠାରୁ ଦୂରରେ ରହୁଥିଲେ ।

ଅଭ୍ରଦାସ ଅଳ୍ପ କଥା କହୁଥିଲେ । କିଛି ପଚାରିଲେ ଉତ୍ତର ମିଳୁଥିଲା । ଖୁବ୍ ସଂକ୍ଷେପରେ ନିଜର କଥା ଶେଷ କରି ସେ ଦୂରେଇ ଯାଉଥିଲେ । ଅଉ କିଛି କହିବା ପୂର୍ବରୁ ଅଉ ଥରେ ଭଲ କରି ଦେଖି ନେବା ଆଗରୁ ସେ ଦ୍ରୁତ ପଦରେ ଲୁଚି ଯାଉଥିଲେ । ଯେମିତି ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତରରେ ଝଉଁ ଡେଉଁ ଚପଳ ମୃଗ ଶିଶୁ ଲୁଚି ଯାଏ ।

ବେଶୀ କିଛି ଦେଖିବାକୁ ନ ଥାଏ । ନିତ ଧନର ସେଇ ତନୁ ପାତଳ ଶ୍ୟାମଳ ରୂପ । ଅପୂର୍ବ ଦୁଇଟି ନୀଳ ଅଖି । ତଳୁ

ତୋଳି ଅଣି ଶପି ଧରିଲ ପରି ସବୁ ଶବ୍ଦକୁ । ଦେଖି ଦେଖି ତୃପ୍ତ ଆସେ ନାହିଁ । ମନେ ହୁଏ ଅଜର ଯେପରି କିଛି ବାକି ରହି ଯାଉଛି । କିନ୍ତୁ କଣ ବାକି ରହି ଯାଉଛି ଜାଣି ହୁଏ ନାହିଁ ।

ଅଭି କିମ୍ ହସୁଥିଲେ । ଭାବୁଥିଲେ ବହୁତ କିଛି । କ'ଣ ଭାବୁଥିଲେ, ଅବଶ୍ୟ କହି ହେବ ନାହିଁ । ତଥାପି ତାଙ୍କର ନିବିଷ୍ଟ ଚିନ୍ତା ତାଙ୍କୁ ସୁଦୂର ଭବିଷ୍ୟତକୁ ଟାଣି ନେବ ବୋଲି ଆମେମାନେ ଆଶା କରୁଥିଲୁ । ମାନସ ଚକ୍ଷୁରେ ଦେଖୁଥିଲୁ ଦାର୍ଶନିକ ଅଭି ଦାସଙ୍କୁ । କବି, ସାହିତ୍ୟିକ ଅଭି ଦାସଙ୍କୁ । କିନ୍ତୁ ଅଭିଦାସ ଆଜି ଜଣେ ପ୍ରବୀଣ ନାଗା ସୈନିକ । ସେ ସଂଗ୍ରାମ କରୁଛନ୍ତି । ନିଜକୁ ବଞ୍ଚାଇ ରଖିବା ପାଇଁ ମଣିଷ ଅହରହ ଯେଉଁ ସଂଗ୍ରାମ କରେ । ଯେତେ ବିଜୟ ହେଲେ ବି ଜୁଝିବା ଯେ ତେହିର ଲାବଣ୍ୟ ଲଭି ନାହିଁ । ଲଭି ନାହିଁ ୫୦ ଦୁଇଟିର ସେହି ହସ ଟିକକ । ଯଦିଓ ଆଜି ସେଥିରେ ମିଶି ରହିଛି ସମସ୍ତ ଜୀବନର ସଞ୍ଚିତ ବେଦନା, ବ୍ୟର୍ଥ ଯୌବନର କାରୁଣ୍ୟ ।

ସ୍ତ୍ରୀ କିର ଲେଉଟେଇଲେ । ଶିଶୁ ସନ୍ତାନଟିକୁ କୋଳରେ ଭିଡ଼ି ଧରି ସେ ଶୋଇଗଲେ ନିଶ୍ଚିନ୍ତ ନିଦ୍ରା । ଅନ୍ୟ ଉପରେ, ଜୀବନ ଯୌବନର ସମସ୍ତ ଭାର ଢାଳି ଦେଇ ନାରୀ ଏମିତି ନିଶ୍ଚିନ୍ତ ନିଦ୍ରା ପାଏ । ମୁଁ ତାଙ୍କୁ ଚାହିଁ ଦେଇ ଅଭିଙ୍କୁ ଦେଖିବାକୁ ପାଇଲି । ମୋର ବନ୍ଧୁ ଧନର କୁଲିଏଠ୍ ଅଭିଦାସଙ୍କୁ । ଯାହାଙ୍କୁ ନେଇ ମୋ ପରି ଅକିଞ୍ଚନ ସୈନିକର ଜୀବନ ସାର୍ଥକ ମନେ ହେଉଥିଲା । ପ୍ରଶଂସିତ ହେଉଥିଲା ।

କିଣେଇ କିଣେଇ ଲକ୍ଷ୍ୟ କରିଥିଲି ସେଦିନ । ପ୍ରଥମ ଧାଡ଼ିରେ ଆଗ ଚୌକିରେ ଜଣେ ବୃଦ୍ଧ ଅଧ୍ୟାପକ ବସିଥିଲେ । କୁଲିଏଠ୍ ଅଭିଦାସଙ୍କୁ ଚାହିଁ ଚାହିଁ ଉତ୍ସୁକ ତାଙ୍କର ବାରମ୍ବାର

ଖସି ପଡୁଥିଲା । ଅକୁଳ ହେଇ ଉଠୁଥିଲା ଶ୍ୱେତ ମଳିନ ଅକ୍ଷି ଦୁଇଟି । ମଞ୍ଚରେ ଥିଲେ ଜଣେ ପ୍ରୌଢ଼ କ୍ଲର୍କ । ଅକ୍ଷି ଦୁଇଟି ତାଙ୍କର ଲାଗି ଯାଇଥିଲା ଅଭ୍ରଙ୍କର ଗୋଲାପି ଓଠ ଉପରେ । ଉନ୍ମାଦ ପରି ଦୁଇବାହୁ ଟେକି ସେ ଆଗକୁ ଧାଇଁ ଆସୁଥିଲେ । ଅଳ୍ପ ଦୂରରେ ଜଣେ କଲେଜ ପିଅନ ବସି ବସି ଦେଖୁଥିଲା । ଉଦ୍‌ବେଳ ହୃଦୟର ଅକୁଳ ଅଶ୍ରୁରେ ବକ୍ଷ ତାର ସିକ୍ତ ହୋଇ ଯାଉଥିଲା । ବିରହୀ ଅନ୍ତରକୁ ଉଦ୍‌ବେଳ କରି ଯେଉଁ ଅଶ୍ରୁ ଝରି ଯାଏ ।

ରଙ୍ଗମଞ୍ଚର ଅନ୍ତରାଳରେ ସହପାଠୀ କବି ପ୍ରଦୀପ ଅଭ୍ରଙ୍କର ହାତ ଚିପି ଧରି ଗଦ୍ ଗଦ୍ କଣ୍ଠରେ କହି ଯାଉଥିଲା ତା ହୃଦୟର କାହାଣୀ । ବାସ୍ତବରେ ତମେ ହିଁ ମୋର ପ୍ରିୟତମା ଜୁଲିଏଟ୍ ଅଭ୍ର ! ତମେହିଁ ମୋ କବିତାର ସରସ ଛନ୍ଦ ।

ଟିକିଏ ଅବସର ପାଇ ନାଟଶାଳାରେ ତରୁଣ ସଙ୍ଗୀତ ଶିଳ୍ପୀ ବିକାଶ ସାହୁ ଅଭ୍ରଙ୍କର ହାତଧରି ନିଜର ଅନ୍ତର ଖୋଲି ଦେଇଥିଲା । ଅଭ୍ର ଦେବୀ, ତମେ ହିଁ ମୋ ବୀଣାର ମୂର୍ଚ୍ଛନା । ମୋ କଣ୍ଠର ଅସରନ୍ତି ଭାଷା ।

ଅଭ୍ର ଉତ୍ତର ଦେଉଥିଲେ । ନିଜକୁ ମୁକ୍ତ କରି ଶାନ୍ତ ସ୍ୱରରେ ସେ କହୁଥିଲେ, ସେ ଜୁଲିଏଟ୍ ନୁହନ୍ତି । ବୀଣାର ମୂର୍ଚ୍ଛନା କିମ୍ବା କବିତାର ଛନ୍ଦ ସେ ହୋଇ ନ ପାରନ୍ତି । ସେ ଏ ମାଟି ମର୍ତ୍ତ୍ୟରେ ଏକ ସୁଖ ଦୁଃଖର ମଣିଷ ।

ଆଜି ବି ସେହି ଶାନ୍ତ ସ୍ୱର । ସେମିତି ଧୀର ଗମ୍ଭୀର । ମୋ ହୃଦୟ ଦ୍ୱାରରେ ଏହି ମୁହୂର୍ତ୍ତରେ ବାରମ୍ବାର ଆଘାତ କରି ଫେରି ଯାଉଛି । ସେଦିନ ଅଭ୍ର ହସିଥିଲେ । ସହପାଠୀମାନଙ୍କର ଭାବ ପ୍ରବଣତା ଦେଖି ହସି ହସି ମୋ ଆଗରେ ସେ ଲେଟି

ଯାଉଥିଲେ । ଅନ୍ୟଙ୍କୁ ପରାଜିତ କରି ମଣିଷ ଯେଉଁ ହସ ହସି ଥାଏ ।

ଅଭ୍ରଦାସ ଅଧାରୁ କଲେଜ ଛାଡ଼ିଛନ୍ତି । ସେ ଯେତେ-ବେଳେ କଲେଜ ଛାଡ଼ିଲେ, ସେତେବେଳେ ସମଗ୍ର ତରୁଣ ପ୍ରାଣ ବାତୁଳ ଉଠିଥିଲା । ବାତୁଳ ଉଠିଥିଲା କଲେଜର ନିର୍ଜୀବ ପାଷାଣ ଅଙ୍ଗନ । ଭାବିଥିଲେ ଅଭ୍ର ବଧୂ ହେବେ । ଲକ୍ଷ ତରୁଣୀର ଆକାଂକ୍ଷିତା ଅଭ୍ର ବଧୂ ହେବେ କେଉଁ କବି ଶିଳ୍ପୀ କିମ୍ବା ଗାୟକର । ନ ହେଲେ ଅଭାଙ୍କର ମଧୁଗୁଞ୍ଜନରେ କେଉଁ ଧନୀଙ୍କର ପ୍ରାସାଦ ଭରି ଉଠିବ । ପୁଣି ଉଠିବ ସେଇ ମଧୁମିଶ୍ରିତ ହସର ଝଲକରେ । ଯେଉଁ ହସର ଝଲକରେ ବ୍ୟର୍ଥ ଲାଗିବ ବିରାଟ ଜୀବନ । ବିଳପି ଉଠିବ ସୁନ୍ଦର ତାରୁଣ୍ୟ ।

ଅଭା ବିବାହ କରି ନାହାନ୍ତି । ନିଜକୁ ସଳିତା ପରି ଜାଳିଚନ୍ତି ସେ । ପରିବାର ପାଇଁ, ଦାରିଦ୍ର୍ୟ ପାଇଁ । ନିଜେ ଜଳି ଅନ୍ୟଙ୍କୁ ଆଲୋକର ସନ୍ଧାନ ଦେଉଛନ୍ତି ।

ମୁଁ ଯେତେବେଳେ ସେ ଖବର ପାଇଥିଲି ଆନନ୍ଦରେ ଆତ୍ମ-ହରା ହୋଇ ଉଠିଥିଲି । କିନ୍ତୁ ଆଜି ଅଭାଙ୍କ ସହିତ ଦେଖା ହେବାପରେ ମୁଁ ଭାବୁଛି ମୋର ସମସ୍ତ ଭାବନା ଯେପରି ନିରର୍ଥକ । ସେଦିନର ଆନନ୍ଦ, ଆନନ୍ଦ ନୁହେଁ । ନିଜ ଆଦମ ପ୍ରବୃତ୍ତିର ଚରିତାର୍ଥ ପାଇଁ ମୁଁ ଖୋଜି ବସିଥିଲି ଏକ ଦୀର୍ଘ ଅବକାଶ । ଯେଉଁ ଅବକାଶର ଚିନ୍ତାରେ ମଣିଷ ଉନ୍ମତ୍ତ ହୋଇ ଉଠେ ।

ଅଭା ଅନେକ କଥା କହିଗଲେ । ଦୀର୍ଘ ସାତ ବର୍ଷର କଥା । ତାହାହିଁ ତାଙ୍କ ଜୀବନର କାହାଣୀ । ସାତ ବର୍ଷ ହେଲା, ମୁଁ ତାଙ୍କ ସଂବନ୍ଧରେ କିଛି ଭାବି ନାହିଁ । ସତେ

ପଢେଇ ନାହିଁ ତାଙ୍କ ଚେହେରା, ହସ କାନ୍ନା ତାଙ୍କ ଅଭିନୟ ଦକ୍ଷତା ବିଷୟରେ କହୁ । ନିହାତି ସ୍ୱାର୍ଥପର ଭାବରେ ମୁଁ ସବୁ ଭୁଲି ଯାଉଛି । ନିଜକୁ ଭୁଲେଇ ଦେଉଛି ଐଶ୍ୱର୍ଯ୍ୟର ମାୟାରେ । ବନ୍ଦୀ କରୁଛି ଦେହବାସନାର ନିଗଡ଼ରେ ।

ମୋର ଛୋଟ ପୁଅ କାନ୍ଦି ଉଠିଲା । ମା ପାଖୁ ଦୂରରେ ରହି ଯାଇ ଥିବାରୁ କାନ୍ଦି ଉଠିଲା ସେ । ସ୍ତ୍ରୀଙ୍କର ନିଦ ଭାଙ୍ଗିଲା । ବିଛଣାରେ ଉଠି ବସି ଆଲୁଅ ଜାଳିଲେ ସେ । ପୁଅକୁ କୋଳକୁ ନେଲେ । କ୍ଷୀର ଖୁଆଇ ଶୁଆଇ ପକେଇଲେ । ମାତୃ ହୃଦୟ କରୁଣାର ସ୍ପର୍ଶରେ ଶିଶୁ ସନ୍ତାନର ଆଖି ପୁଣି ବନ୍ଦ ହୋଇ ଆସିଲା ।

ଶୁଣୁଛ……

ଜିଁ……

କ'ଣ ହେଉଛି ତମର……?

ନାହିଁ ତ……

ଶୋଇ ନାହଁ, ଏତେ ରାତି ହେଲାଣି ?

ନିଦ ଲାଗୁ ନାହିଁ ।

ପୁଅକୁ ବିଛଣାରେ ଶୁଆଇ ଦେଇ ଘୁଞ୍ଚି ଆସିଲେ ସ୍ତ୍ରୀ ।

କଣ ହେଲା ? ନିଦ କାହିଁକି ହେଉନି ? ମୁଣ୍ଡ ଧରି ଯାଉଛି କି ? ଧୀରେ ଧୀରେ ମୋର ମୁଣ୍ଡରେ ଅଙ୍ଗୁଳି ଚଳେଇବାକୁ ଲାଗିଲେ ସ୍ତ୍ରୀ ।

ଏଇ ଅଯାଚିତ ଭଲ ପାଇବା, ସେବା, ଖାଲି ଦେଇ ଦେବାର ଆଗ୍ରହ । ତାହାରି ଭିତରେ ଲୁଚି ଯାଉଛି ଆଭାଙ୍କର ସମସ୍ତ ଦକ୍ଷତା ଆଜି ସେସବୁ ମିଠା ହୁଏ । ମନେ କଲେ ମନେ ପଡ଼େ ନାହିଁ । ମନକୁ ପଢ଼ିବାକୁ ସୁଯୋଗ ଦିଏ ନାହିଁ ଏହି ପରିପୂର୍ଣ୍ଣ ମୁହୂର୍ତ୍ତ ଗୁଡ଼ିକ ।

ସ୍ତ୍ରୀଙ୍କର ଅଙ୍ଗୁଳି ଅଟକି ଆସିଲା । ତାଙ୍କୁ ନିଦ ଲାଗି ଆସିଲା ବୋଧେ । ମୋ କପାଳ ଉପରେ ହାତ ରଖି ସେ ପୁଣି ଶୋଇ ପଡ଼ିଲେ । ଆଲୁଅ ଆଗପରି ଜଳୁଛି । ହାତ ବଢ଼େଇ ଆଲୁଅଟାକୁ ଲିଭେଇ ଦେଲି ମୁଁ । ସ୍ତ୍ରୀଙ୍କର ହାତଟି ଅସ୍ତେ ଅସ୍ତେ ଅଲଗା କରି ଦେଇ ବାହାରକୁ ଚାଲି ଆସିଲି ।

ଏହି ସ୍ପର୍ଶ, ଏଇ ଅନୁଭୂତି । ସବୁ ସୁଖର, ସବୁ ଆନନ୍ଦର । ଅଥଚ ଏ ସୁଖ, ଏ ଆନନ୍ଦ ମୁଁ ଆଜି ଚାହେଁ ନାହିଁ । ମୋର ନିଃସଙ୍ଗତା ଆବଶ୍ୟକ । ଅବସର ଆବଶ୍ୟକ । ଯେଉଁ ନିସଙ୍ଗତାକୁ ଅଭ୍ର ନିଜର କରି ନେଇଚନ୍ତି । ଅଭ୍ର ଭାବିବାକୁ ଅବସର ଦେଇଚନ୍ତି ଖୁବ୍ ବେଶୀ ।

ଜଞ୍ଜାଳ କମିଛି । ଜୀବନର କୋଳାହଳ ଠାରୁ ନିଜକୁ ଦୂରେଇ ନେଇଚନ୍ତି ଅଭ୍ରଦାସ । ତ୍ୟାଗର ହୋମାଗ୍ନିରେ ମନର ଅସଂଖ୍ୟ କାମନାକୁ ସେ ଆହୁତି ଦେଇଚନ୍ତି । ସମିଧ କରି ଜାଳି ଦେଇଚନ୍ତି ରକ୍ତ ମାଂସର ମମତାକୁ । ଦାରିଦ୍ର୍ୟର ଅଭିଶାପକୁ ଚନ୍ଦନ କରି ନିଜ ବକ୍ଷକୁ ନିଗାଡ଼ି ନିଗାଡ଼ି ସେ ସାଧନାର ଦୀପାଳି କରି ଦେଇଚନ୍ତି । ନିଜକୁ କାନ୍ଦେଇ କେଇଟି ଶୁଖିଲା ମୁହଁରେ ହସ ଫୁଟାଇବା ଭିତରେ ସେ ଅନୁଭବ କରିଚନ୍ତି ବିଜୟୀ ସୈନିକର ଗୌରବ ଆଉ ପରିଶିଷ୍ଟ ଜୀବନର ଚରମ ସାର୍ଥକତା ।

ଘରର ଅନ୍ଧକାର ଭିତରେ ଚୁଡ଼ି କଙ୍କଣର କଣ୍‌କଣ୍ ଅବାଜ ଶୁଭୁଛି । ବୋଧେ ସ୍ତ୍ରୀଙ୍କର ନିଦ ପୁଣି ଭାଙ୍ଗିଲାଣି । ଇଚ୍ଛା କରିଥିଲେ ଏହି ଦଗଦଗ ଅନ୍ଧାର ଭିତରେ ମୁଁ ଅଭ୍ରଙ୍କର କଙ୍କଣ ଧ୍ୱନି ଶୁଣି ପାରି ଥାଆନ୍ତି । କିନ୍ତୁ ମୁଁ ଇଚ୍ଛା କରି ନାହିଁ । ତାଙ୍କ ପରିବାରର ନିଃସ୍ବତା ପାଇଁ । ସେତେବେଳେ ମୋର ମନେ

ହୋଇଥିଲା ଏ ସବୁ ଅସମ୍ଭବ। କିନ୍ତୁ ଅଳ୍ପ ଭାବୁଛି କିଛି ତ ଅସମ୍ଭବ ନ ଥିଲା।

ଅଭା ଭଣି ତାହା ବୁଝୁଥିଲେ ? ସେ କହିଲେ ନାହିଁ କାହିଁକି ?

ତାଙ୍କ ଯାତ୍ରାର ପ୍ରତିବାଦ କଲାବେଳେ ଅଭା ହସିଥିଲେ। ସେଇ ସହଜ ଅଥଚ ସଂଯତ ହସ। ଏମିତି ହସ ସେ ଖୁବ୍ କମ୍ ହସନ୍ତି। ତାହା ମାଧ୍ୟମରେ କିଛି ଗୋଟାଏ ପ୍ରକାଶ କରିବାକୁ ଯାଇ ସେ ପାରୁ ନାହାନ୍ତି। ଥର ଥର ଓଠ ଦୁଇଟିରେ ତୁଣ୍ଡର କଥା ଲୁଚି ହୋଇ ଯାଉଛି। ବହୁ ଦିନ ନିଜ ଜୀବନରେ କିଛି ଦେଖିଲେ, ବହୁଲୋକଙ୍କୁ ବହୁ କିଛି ଉପଦେଶ ଦେଲେ ଓଠରେ ଭାଷା ଫୁଟେ ନାହିଁ। ଫୁଟେ ନିର୍ବିକାର ହସର ଗୋଟିଏ କ୍ଷୀଣରେଖା। ଅଳ୍ପ ବି ଟିକେ ସେହି ଢଙ୍ଗ ବଦଳି ରହିଛି।

ପଛରୁ ପାଦ ଶବ୍ଦ ଶୁଭୁଛି। ମୁଁ ସ୍ଥିର ହୋଇ ବସି ରହିଲି। ଅଭା ଏବେ ପହଞ୍ଚି ସାରିଥିବେ। ହୁଏତ ଠିକ ଏହିକ୍ଷଣି ବିଛଣାରେ ପଡି ପଡି କିଛି ଭାବୁଥିବେ। ନ ହେଲେ ନିର୍ବାକ ମୌନତା ଭିତରେ ନିସ୍ପନ୍ଦ ହୋଇ ପଡିଥିବେ। ମୋର କିନ୍ତୁ ତାଙ୍କୁ ଆଉ ଥରେ ଦେଖିବାକୁ ଭାରି ଇଚ୍ଛା ହେଉଥିଲା। ଯଦିଓ ମୁଁ ତାଙ୍କୁ ଦେଖିବାର ସମସ୍ତ ଅଧିକାର ଅଳ୍ପ ହାତରେ ଦେଇଛି।

ମନେ ହେଉଥିଲା ଏଇ ନିରୋଳା ମୁହୂର୍ତ୍ତରେ ମୁଁ ତାଙ୍କୁ ପାଇଲେ ତାଙ୍କର ପାଦ ଉପରେ ମୁଣ୍ଡ ରଖି ଡାକ କାନ୍ଦନ୍ତି ମୋର ସମସ୍ତ ଉପେକ୍ଷା, ଅନୁତାପର ଅଶ୍ରୁ। ତାଙ୍କର ହାତ ଧରି କହନ୍ତି,

ମୋର ସଂପଦ ଲୋଡ଼ା ନାହିଁ। ମତେ ନମ୍ର ଦାରିଦ୍ର୍ୟ ଦିଅ। ମତେ ସର୍ବହରା କର।

ମୁଁ ଆଜି ନିଜକୁ ସମ୍ବୃତ କରି ପାରିଲି ନାହିଁ । ପୁରୁଷର ସମସ୍ତ ଦମ୍ଭ ଅଭିମାନକୁ ଚୂନା କରି ମୋ ଆଖିରୁ ଧାର ଧାର ଲୁହ ଝରି ପଡ଼ିଲା ।

ତାଙ୍କ କେଜାଣି ପଛରୁ ଏକ ଭୟ ମିଶା ଅଉଁ ଚିତ୍କାର କରି ମୋ ଉପରେ ସ୍ତ୍ରୀ କଚାଡ଼ି ହୋଇ ପଡ଼ିଲେ ।